RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in





ବୀର ପ୍ରସବିନୀ ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କ ନିରନ୍ତର ଉଦ୍ୟମ ବଳରେ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା। ସେଦିନର ସେଇ ଅଭୁଲା ସ୍ମୃତିକୁ ମନେ ପକାଇ ଆମେ ପ୍ରତିବର୍ଷ ଏହି ଦିନକୁ 'ଓଡ଼ିଶା ଦିବସ' ଭାବେ ପାଳି ଆସୁଛୁ। ଏହି ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।






# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-273 •WEDNESDAY •01 APRIL 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୭୩ •ବୁଧବାର •୦୧ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



ଭିତର ପୃଷ୍ଠାରେ
ଆନ୍ଧ୍ର ନାବାଳିକାଙ୍କୁ ଓଡ଼ିଶାରେ ଗଣଦୁଷ୍କର୍ମ | ବୀର ବିକ୍ରମ ଯାଦବ ଡିଜିସିଏ ଅଧ୍ୟକ୍ଷ | ଇରାନ ଅସ୍ତ୍ରଭଣ୍ଡାର ଉପରେ ଆମେରିକାର ବଙ୍କର ବଷ୍ଟର ମାଡ଼


# ବିଧାନସଭାରେ ବିଜୁ ନିଆଁ

## ଦୁବେଙ୍କ ମନ୍ତବ୍ୟକୁ ସବୁ ଦଳର ବିରୋଧ: ଆସିଲା ନିନ୍ଦା ପ୍ରସ୍ତାବ



- ଓଡ଼ିଶାକୁ ଅପମାନ ଘଟଣାରେ ନିରବଦ୍ରଷ୍ଟା ହେବନାହିଁ ଓଡ଼ିଆ ଜାତି
- ନିନ୍ଦା ପ୍ରସ୍ତାବ ଗୃହୀତ ନ ହେଲେ ଭବିଷ୍ୟତ କ୍ଷମା ଦେବନାହିଁ: ବିଜେଡି
- ଦେଶଦ୍ରୋହ ଆଇନରେ ବିଜେପି ସାଂସଦଙ୍କୁ ଗିରଫ କରାଯାଉ: କଂଗ୍ରେସ
- ବିଜୁବାବୁ ସମଗ୍ର ଓଡ଼ିଶାବାସୀଙ୍କ ସମ୍ମାନନୀୟ: ବିଜେପି
- କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଆଲୋଚନା ହେବ: ବାଚସ୍ପତି

■ ଭୁବନେଶ୍ୱର, ୩୧।୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ସାରା ଦେଶରେ ସୃଷ୍ଟି କରିଛି ରାଜନୈତିକ ଝଡ଼। ଦେଶର ପ୍ରାୟ ସବୁ ରାଜନୈତିକ ଦଳ ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ସଡ଼କରୁ ସଂସଦ ଯାଏଁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଓଡ଼ିଶା ବିଧାନସଭାରେ ବି ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ସହ ଶୂନ୍ୟକାଳରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।

ବିଜୁ ପଟ୍ଟନାୟକଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପ୍ରତି ଜଣେ ବିଜେପି ସାଂସଦଙ୍କ ଆପତ୍ତିଜନକ ମନ୍ତବ୍ୟକୁ କେହିବି ଗ୍ରହଣ କରିପାରିବେ ନାହିଁ। ଏପରି ଅଶାଳୀନ, ଅସତ୍ୟ, ଭିତ୍ତିହୀନ ମନ୍ତବ୍ୟ ଭାରତବର୍ଷର ଲୋକଙ୍କ ହୃଦୟତନ୍ତ୍ରକୁ ଦୋହଲାଇ ଦେଇଛି। ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱାଭିମାନକୁ ଆଘାତ ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ବିଜେଡି ପକ୍ଷରୁ ଏନେଇ ଗୃହରେ ନିନ୍ଦା ପ୍ରସ୍ତାବ ନୋଟିସ ଆଗତ କରାଯାଇଥିବା ବେଳେ ଏହାର ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରିବାକୁ ବିରୋଧୀ ଦଳ ଅଡ଼ି ବସିଛନ୍ତି। ଏପରି ମନ୍ତବ୍ୟକୁ ସାରା ଭାରତବର୍ଷ ନିନ୍ଦା କରୁଛି, ତେଣୁ ଏ ଗୃହ ନିରବଦ୍ରଷ୍ଟା ହୋଇ ବସିରହିପାରିବ ନାହିଁ। ବିଜେଡି ପକ୍ଷରୁ ଦିଆଯାଇଥିବା ନୋଟିସ ଓ ସଂକଳ୍ପ କାର୍ଯ୍ୟ ପରାମର୍ଶଦାତା କମିଟି ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି ବିଧାନସଭାରେ ଆଜି ରୁଲିଂ ଦେଇଛନ୍ତି।

ମଙ୍ଗଳବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ ଚଳିବ ନାହିଁ, ବିଜୁ ପଟ୍ଟନାୟକ ଅମର ରହେ, ଓଡ଼ିଆ ଅସ୍ମିତା କୁଆଡ଼େ ଗଲା, ଓଡ଼ିଆ ଅସ୍ମିତା ଚୁଲିକି ଗଲା ଆଦି ସ୍ଲୋଗାନ ଦେଇ ଗୃହ ▶ପୃଷ୍ଠା-୭

## ସିଏଜି ରିପୋର୍ଟ ୨୦୨୪-୨୫: ରାଜ୍ୟ ଜିଏସ୍‌ଡିପିରେ ୬୫% ବୃଦ୍ଧି

# ନବୀନ ସରକାରରେ ଅଭିବୃଦ୍ଧିର ଶିଖରରେ ଓଡ଼ିଶା

- ଗତ ୫ ବର୍ଷରେ ଜିଏସ୍‌ଡିପି ଜାତୀୟ ଅଭିବୃଦ୍ଧି ହାର ସହ ତୁଳନୀୟ
- ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ
- ୧୦ ବର୍ଷରେ ରାଜସ୍ୱ ସଂଗ୍ରହରେ ୪୬.୬୩% ବୃଦ୍ଧି
- ୨୦୨୪-୨୫ରେ ସବ୍‌ସିଡି ୧୫%ରୁ ଅଧିକ ବଢ଼ିଛି

■ ଭୁବନେଶ୍ୱର, ୩୧।୩ (ସମିସ): ବିକାଶ ହେଉ କି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି, ସବୁ କ୍ଷେତ୍ରରେ ଓଡ଼ିଶା କେନ୍ଦ୍ରଠାରୁ ଆଗରେ। ନବୀନ ସରକାରଙ୍କ ଅମଳରେ ଓଡ଼ିଶା ଅଭିବୃଦ୍ଧି କ୍ଷେତ୍ରରେ ନୂତନ ଶିଖର ଛୁଇଁଛି। କାରଣ ପ୍ରତିବର୍ଷ ଓଡ଼ିଶାର ଜିଡିପି ଅଭିବୃଦ୍ଧି କେନ୍ଦ୍ରଠାରୁ ଅଧିକ ରହିଛି। ସେହିପରି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ପ୍ରାୟ ୬୫% ଅଭିବୃଦ୍ଧି ହାସଲ କରିଛି, ଯାହା ଏହି ଅବଧିରେ ଭାରତର ଜିଡିପି ଅଭିବୃଦ୍ଧି ୬୬.୫୬% ସହ ତୁଳନୀୟ ବୋଲି ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ୨୦୨୪-



୨୫ ଆର୍ଥିକବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ ସମ୍ପର୍କିତ ରିପୋର୍ଟରେ କୁହାଯାଇଛି। ସେହିପରି ନବୀନଙ୍କ ଶାସନରେ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି। ବିଗତ ୧୦ ବର୍ଷର ରେକର୍ଡ ଦେଖିଲେ ରାଜ୍ୟର ରାଜସ୍ୱ ସଂଗ୍ରହରେ ୪୬.୬୩% ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅଡିଟ୍-୨ ଅତୁଲ ପ୍ରକାଶ ଏହି ସୂଚନା ଦେଇଛନ୍ତି।

ବିଗତ ୧୦ ବର୍ଷରେ ଓଡ଼ିଶାର ରାଜସ୍ୱ ପ୍ରାପ୍ତି ୧୧.୫୨ ପ୍ରତିଶତ ସିଏଜିଆର୍ ସହିତ ଉପରମୁହାଁ ▶ପୃଷ୍ଠା-୭





15001/13/2526



ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ଓଡ଼ିଶା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0013

# ବିଜୁଙ୍କ ପ୍ରତି ଅସମ୍ମାନକୁ ତୀବ୍ର ବିରୋଧ

**ଏଭଳି ଅପରିମାଣଦର୍ଶୀ ମନ୍ତବ୍ୟ ଗ୍ରହଣୀୟ ନୁହେଁ: ପୃଥ୍ୱୀରାଜ**

**ସମ୍ପୂର୍ଣ୍ଣ ଭିତ୍ତିହୀନ, ଅସ୍ୱୀକାର୍ଯ୍ୟ, ଅତ୍ୟନ୍ତ ନିନ୍ଦନୀୟ: ଭକ୍ତଚରଣ**

**ମନ୍ତବ୍ୟ ପାଇଁ ନିଃସର୍ତ୍ତ କ୍ଷମା ମାଗନ୍ତୁ ନିଶିକାନ୍ତ ଦୁବେ: ବିଜୟ**

ଭୁବନେଶ୍ୱର, ୩୧।୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଷୟରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ସାରା ଦେଶରେ ବିରୋଧ କରାଯାଇଛି । ରାଜ୍ୟରେ ମଧ୍ୟ ଏହାକୁ ନେଇ ଦଳମତ ନିର୍ବିଶେଷରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି କ୍ରମରେ ନିଶିକାନ୍ତ ଦୁବେଙ୍କ ଅପରିମାଣଦର୍ଶୀ ମନ୍ତବ୍ୟ କୌଣସି ମତେ ଗ୍ରହଣୀୟ ନୁହେଁ ବୋଲି ମତ ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ବିଧାନସଭା ବାହାରେ ଆଇନ ମନ୍ତ୍ରୀ କହିଛନ୍ତି ଯେ ସାଂସଦ ନିଶିକାନ୍ତ ଦୁବେ ଓଡ଼ିଶାର ବିଶିଷ୍ଟ ଜନନାୟକ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ବିଷୟରେ ଯେଉଁ ନକରାତ୍ମକ ଟିପ୍ପଣୀ ଦେଇଛନ୍ତି ତାହା ସରକାରଙ୍କ ସଂଜ୍ଞାନକୁ ଆସିଛି । ମୁଁ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରିବାକୁ ଚାହେଁ ଯେ ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ତାଙ୍କ ବ୍ୟକ୍ତିଗତ ମତ । ଏଭଳି ଏକ ମନ୍ତବ୍ୟ ଅପରିମାଣଦର୍ଶୀ ମନ୍ତବ୍ୟ କୌଣସି ମତେ ଗ୍ରହଣୀୟ ନୁହେଁ । ଏଭଳି ମନ୍ତବ୍ୟ ମୁଖ୍ୟମନ୍ତ୍ରୀଙ୍କଠୁ ନେଇ ଆମ ସମସ୍ତଙ୍କୁ ଗଭୀର ଭାବେ ବ୍ୟଥିତ କରିଛି । ଏପରି ମନ୍ତବ୍ୟ ଓ ପ୍ରତି ମନ୍ତବ୍ୟ ଆଉ ଯେପରି କେହି ନ ଦେବେ, ଏପରି ଅଗ୍ରହଣୀୟ କଥାର ଯେପରି ପୁନରାବୃତ୍ତି ନହେବ, ସେଥିପାଇଁ ଆମେ ନିବେଦନ କରୁଛୁ । ଏହାକୁ ନେଇ ରାଜନୀତି କରିବା ବିଜୁଙ୍କ ସମ୍ମାନ ପ୍ରତି ଆଘାତ ବୋଲି ସେ କହିଛନ୍ତି ।

ସେହିପରି ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ, ଓଡ଼ିଶାର ଗର୍ବ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟର ମୁଁ ଦୃଢ଼ ନିନ୍ଦା କରୁଛି । ବିଜୁ ବାବୁଙ୍କ ଭଳି ଜଣେ ସାହସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଏପରି ଭିତ୍ତିହୀନ ମନ୍ତବ୍ୟ ସମ୍ପୂର୍ଣ୍ଣ ଅସ୍ୱୀକାରଯୋଗ୍ୟ । ବିଜୁ ବାବୁଙ୍କ ଐତିହ୍ୟକୁ ଅପମାନିତ କରିଲେ ବିଜେପି ସରକାରର ବିଫଳତା ଲୁଚିଯିବ ନାହିଁ ବୋଲି ଭକ୍ତ କହିଛନ୍ତି ।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର କହିଛନ୍ତି ଯେ ନିଶିକାନ୍ତଙ୍କ ମନ୍ତବ୍ୟ ସାରା ଓଡ଼ିଶାବାସୀଙ୍କୁ ଆଘାତ ଦେଇଛି । ଜଣେ ସାଂସଦଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରାଯାଏନା । ବିଜୁ ବାବୁ ଭାରତର ପ୍ରତିନିଧି ଭାବେ ଆମେରିକା ଯାଇଥିଲେ । ଭାରତ ସରକାର ତାଙ୍କୁ ପଠାଇଥିଲେ । ଇତିହାସକୁ ଭଲ ଭାବେ ନ ପଢି ନିଶିକାନ୍ତ ଦୁବେ ବୟାନ ଦେଇଛନ୍ତି । କଟକ ଚାରିବାଟିଆ ଏୟାରବେସ୍ ୧୯୬୩ରେ ତିଆରି ହୋଇଥିଲା; କିନ୍ତୁ ବିଜୁ ବାବୁ ୧୯୬୨ ରେ ଆମେରିକା ଯାଇଥିଲେ । ସାଂସଦ ଶ୍ରୀ ଦୁବେ ମିଛକଥା ଓ ମନଗଢା କଥା କହିଛନ୍ତି । ବିଜୁ ବାବୁ କଣ ସେ କଥା ସମସ୍ତେ ଜାଣନ୍ତି । ତାଙ୍କ ଦେହାନ୍ତ ବେଳେ ସବୁ ଜାତୀୟ ସ୍ତରର ନେତାମାନେ ପୁରୀ ସ୍ୱର୍ଗଦ୍ୱାର ଆସିଥିଲେ । କିଛି ନ ଜାଣି ତାଙ୍କ ବିଷୟରେ ଏଭଳି କହିବା ନିଶିକାନ୍ତ ଦୁବେଙ୍କ ବଡ଼ ଭୁଲ । ସେ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗନ୍ତୁ ଓ ଆଉ ଏଭଳି ବୟାନ ସେ ଯେମିତି ଆଗକୁ ନ ଦିଅନ୍ତି, ସେଥିପାଇଁ ତାଙ୍କୁ ତାଗିଦ୍ କରାଯିବା ଉଚିତ ବୋଲି ବିଜୟ ମହାପାତ୍ର କହିଛନ୍ତି ।

**ବିଜେପି ସାଂସଦଙ୍କ ମନ୍ତବ୍ୟକୁ ସମଗ୍ର ଦେଶରେ ବିରୋଧ**

# ବିଜୁବାବୁ କେବଳ ଓଡ଼ିଶାର ନୁହନ୍ତି; ଭାରତର ନେତା

**ସଂସଦରେ ବିଜେଡିର ଆଭିମୁଖ୍ୟକୁ ସବୁ ରାଜନୈତିକ ଦଳର ସମର୍ଥନ**

ନୂଆଦିଲ୍ଲୀ,୩୧।୩ (ସମିସ): ଓଡ଼ିଆ ଅସ୍ମିତାର ପ୍ରତୀକ, ପ୍ରଚଣ୍ଡ ସ୍ୱାଭିମାନୀ, ଦେଶଭକ୍ତ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ବିଜେପି ସାଂସଦ ନିଶିକାନ୍ତ ଦୁବେ ସିଆଇଏ ଏଜେଣ୍ଟ ଭାବରେ ଅଭିହିତ କରିବା ସାରା ଦେଶରେ ସୃଷ୍ଟି କରିଛି ପ୍ରତିକ୍ରିୟା । ବିଜେପି ସମେତ ସାରା ଦେଶର ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ନେତା ଶ୍ରୀ ଦୁବେଙ୍କ ଏହି ଟିପ୍ପଣୀକୁ ବିରୋଧ କରିବା ସହ ତାଙ୍କର କ୍ଷମା ପ୍ରାର୍ଥନା ଦାବି କରିଛନ୍ତି । ଓଡ଼ିଶାରେ ଏହାକୁ ନେଇ ନିଆଁ ଜଳୁଛି ଓ ଗତକାଲି ସଂସଦରେ ମଧ୍ୟ ଏହି ପ୍ରସଙ୍ଗରେ ବିଜେଡି ସହ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ପ୍ରତିବାଦ କରିଛନ୍ତି । ବିଜୁ ପଟ୍ଟନାୟକଙ୍କ ପରି ଭାରତ ମାତାର ଯୋଗ୍ୟ ସନ୍ତାନ ଓ ସ୍ୱାଧୀନତା ସଂଗ୍ରାମର ସାହସୀ ଯୋଦ୍ଧାଙ୍କୁ ଅପମାନିତ କରିବାର ଏହି ପରମ୍ପରା ସାରା ଦେଶକୁ ଲଜ୍ଜିତ କରିଛି ବୋଲି ସଂସଦରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନେ କହିଛନ୍ତି । ଏପରି ଲଜ୍ଜାଜନକ ମନ୍ତବ୍ୟ ପାଇଁ ନିଶିକାନ୍ତ ଦୁବେ ଓ ତାଙ୍କ ଦଳ କ୍ଷମା ମାଗନ୍ତୁ ବୋଲି ମଧ୍ୟ ଦାବି ଉଠିଛି ।

ବିଜୁ ଜନତାଦଳର ସାଂସଦମାନେ ଗତକାଲି ଏହି ପ୍ରସଙ୍ଗକୁ ନେଇ ରାଜ୍ୟସଭାରେ ଗର୍ଜନ କରିବା ସହ ପ୍ରତିବାଦ ସ୍ୱରୂପ କକ୍ଷତ୍ୟାଗ କରିଥିଲେ । ଗତକାଲି କଂଗ୍ରେସ, ଆମ୍ ଆଦମୀ ପାର୍ଟି, ତୃଣମୂଳ କଂଗ୍ରେସ, ୱାଇଏସ୍ଆର୍ କଂଗ୍ରେସ, ଡ଼ିଏମ୍‌କେ, ଆର୍‌ଜେଡି, ଶିବସେନା (ଉଦ୍ଧବ) ଆଦି ରାଜନୈତିକ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ବିଜେପି ସାଂସଦ ଶ୍ରୀ ଦୁବେଙ୍କୁ ସମାଲୋଚନା କରିବା ସହ ସଂସଦରେ ବିଜେଡିର ଆଭିମୁଖ୍ୟକୁ ସମର୍ଥନ ଜଣାଇଥିଲେ । ଆଜି ମଧ୍ୟ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଏହି ପ୍ରସଙ୍ଗରେ ଦୁବେଙ୍କୁ ସମାଲୋଚନା କରିବା ସହ ତାଙ୍କ ହ୍ୱାଟସଆପ ୟୁନିଭରସିଟି ଜ୍ଞାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡ଼ି) ବିଜୁ ପଟ୍ଟନାୟକଙ୍କ ପ୍ରତି ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କରିଛି । ଦଳ ପକ୍ଷରୁ କୁହାଯାଇଛି ଯେ ବିଜୁ ପଟ୍ଟନାୟକ କେବଳ ଓଡ଼ିଶାର ନେତା ନ ଥିଲେ, ସାରା ଭାରତର ନେତା ଥିଲେ । ଜଣେ ଶିଳ୍ପପତି, ପାଇଲଟ୍ ଓ କୂଟନୀତିଜ୍ଞ ଭାବରେ ପ୍ରତ୍ୟେକ ଭୂମିକାରେ ଦେଶର ସେବା କରିଥିଲେ । ଏପରି ଦେଶଭକ୍ତଙ୍କୁ କୋଟିକୋଟି ପ୍ରଣାମ ବୋଲି ଆରଏଲ୍‌ଡ଼ି କହିଛି । ଅନୁରୂପ ଭାବରେ ଆର୍‌ଜେଡ଼ି ସାଂସଦ ମନୋଜ ଝା ବିଜେଡିକୁ ଏହି ପ୍ରସଙ୍ଗରେ ସବୁ ରାଜନୈତିକ ଦଳର ସମର୍ଥନ ମିଳିଛି ବୋଲି ଉଲ୍ଲେଖ କରିଛନ୍ତି ।

# କବି ଗିରିଜାକୁମାର ବଳୀୟାରସିଂହଙ୍କୁ ସାହିତ୍ୟ ଅକାଦେମି ପୁରସ୍କାର






ଭୁବନେଶ୍ୱର, ୩୧।୩ (ସମିସ): ପ୍ରଥିତଯଶା ଓଡ଼ିଆ କବି ଗିରିଜା କୁମାର ବଳୀୟାରସିଂହଙ୍କୁ ମିଳିଛି ମର୍ଯ୍ୟାଦାଜନକ ସାହିତ୍ୟ ଅକାଦେମି ପୁରସ୍କାର । 'ପାଦପୂରଣ' କବିତା ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ବଳୀଆରସିଂହଙ୍କୁ ସାହିତ୍ୟ ଅକାଦେମିର ସଭାପତି ଡ. ମାଧବ କୌଶିକ ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ର ଫଳକ ଓ ଶାଲ୍ ପ୍ରଦାନ କରି ସମ୍ମାନିତ କରିଛନ୍ତି ।


ଶ୍ରୀ ବଳୀୟାରସିଂହ ଏକାଧାରରେ ଜଣେ କବି, ସାମ୍ବାଦିକ, ସଂପାଦକ, ପ୍ରକାଶକ । ତାଙ୍କ କବିତା ରଚନାଶୈଳୀ ନିଆରା । ମାନବୀୟ ଭାବାବେଗ, ପ୍ରେମ, ବିରହ, ପ୍ରକୃତିପ୍ରୀତିକୁ ନେଇ ତାଙ୍କ କବିତାଗୁଡିକ ଅଧିକ ମାର୍ମିକ ହୋଇଉଠିଛି । ଛାତ୍ର ଜୀବନରୁ ସେ କବିତା ରଚନାରେ ଆପଣାକୁ ଅଭିନିବିଷ୍ଟ କରିଥିଲେ । ୧୯୭୬ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'କାଲିର କଥା' ପ୍ରକାଶ ପାଇଥିଲା । ସେତେବେଳେ ସେ ସ୍ନାତକୋତ୍ତର କରୁଥିଲେ । ପରବର୍ତ୍ତୀ ସମୟରେ 'କ୍ରୌଞ୍ଚମିଥୁନ', 'ଡାଇରୀର ଶାଇରୀ', 'ତୃଷାତର୍ପଣ', 'ନୀଳନିର୍ବାଣ', 'ଭାରତବର୍ଷ', 'ଚତୁର୍ଦ୍ଦଶୀର ଚନ୍ଦ୍ର', 'ଉତ୍ତରମେଘ', 'ଚିତ୍ରପ୍ରତିମା', 'ଶୀତଶୀର୍ଷକ', 'ଚର୍ଯ୍ୟା ଚୟନ', 'ଚାରଣଚର୍ଯ୍ୟା', 'କାବ୍ୟ ପୁରୁଷ', 'ପାଦପୂରଣ', 'ସର୍ଗନିସର୍ଗ' ଆଦି ପୁସ୍ତକ ବହୁ ପାଠକୀୟ ଆଦୃତି ଲାଭ କରିଛି । ତାଙ୍କ କବିତାଗୁଡ଼ିକ ଇଂରାଜୀ ଭାଷାରେ ଅନୂଦିତ ହୋଇ ରାଜ୍ୟ ବାହାରେ ବିପୁଳ ପାଠକୀୟ ପ୍ରଶଂସା ସାଉଁଟିଛି । ସାହିତ୍ୟ ସାଧନା ସହ 'କାହାଣୀ' ପ୍ରକାଶନ ସଂସ୍ଥା ମାଧ୍ୟମରେ ସେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାରପ୍ରସାରରେ ଆପଣାକୁ ନିୟୋଜିତ କରିଛନ୍ତି ।

ଶ୍ରୀ ବଳୀୟାରସିଂହଙ୍କ ରଚିତ ଆଧୁନିକ କବିତା ହେଉକି ସନେଟ୍, ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ୨୦୦୬ ମସିହାରେ କବିତା ସଂକଳନ 'ଭାରତ ବର୍ଷ' ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଗୋ-କର୍ଣ୍ଣିକା ପୁରସ୍କାର, କାଦମ୍ବିନୀ କବିତା ପୁରସ୍କାର, ଝଙ୍କାର କବିତା ପୁରସ୍କାର, ରତ୍ନମଣି ସ୍ମୃତି ସମ୍ମାନ, ଗଙ୍ଗାଧର ମେହେର କବିତା ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନରେ ସେ ସମ୍ମାନିତ ।

**ଖାକିରେ କଳଙ୍କ**

# ମହିଳା ହାବିଲଦାର ବି ଅସୁରକ୍ଷିତ

**ଆର୍‌ଆଇଙ୍କ ଅସହ୍ୟ ନିର୍ଯାତନା ପ୍ରତିବାଦରେ ଇସ୍ତଫା**



ଅନୁଗୋଳ, ୩୧।୩ (ସମିସ): ପୁଲିସ ବିଭାଗରେ ଦୀର୍ଘ ଦିନ ପର୍ଯ୍ୟନ୍ତ ମାନସିକ ନିର୍ଯାତନା ସହି ନ ପାରି ଅନୁଗୋଳ ଜିଲ୍ଲା ଆର୍‌ଓ ବିଭାଗରେ କାର୍ଯ୍ୟରତ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳ ଚାକିରିରୁ ଇସ୍ତଫା ଦେଇଛନ୍ତି । ଏସ୍‌ପିଙ୍କ ନିକଟକୁ ସେ ନିଜ ଇସ୍ତଫାପତ୍ର ପଠାଇଛନ୍ତି । ରିଜର୍ଭ ଇନ୍ସପେକ୍ଟର୍ ଗଭର୍ଣ୍ଣଡ୍ ମାହାରୀ ଏବଂ ଫୋର୍ସ ସେକ୍ସନ ଅଫିସ ସଂଲଗ୍ନ ହାବିଲଦାର ଶୁଭକାନ୍ତ ସାହୁଙ୍କ ଦ୍ୱାରା ନିରନ୍ତର ହଇରାଣ ହେବା ସହ ମାନସିକ ଯନ୍ତ୍ରଣା ଯୋଗୁଁ ଚାକିରିରୁ ଇସ୍ତଫା ଦେବାକୁ ବାଧ ହୋଇଥିବା ସେ କହିଛନ୍ତି ।

ଇସ୍ତଫାପତ୍ରରେ ସୁମିତ୍ରା ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସେ ଅନୁଗୋଳର ଆର୍‌ଓରେ ହାବିଲଦାର ଭାବେ ଓଡ଼ିଶା ପୁଲିସ ସେବାରେ କାର୍ଯ୍ୟରତ । ରିଜର୍ଭ ଇନ୍ସପେକ୍ଟର୍ ଗଭର୍ଣ୍ଣଡ ମାହାରୀ ଏବଂ ଫୋର୍ସ ସେକ୍ସନ ଅଫିସ ସଂଲଗ୍ନ ହାବିଲଦାର ଶୁଭକାନ୍ତ ସାହୁଙ୍କ ଦ୍ୱାରା ନିରନ୍ତର ହଇରାଣ ଏବଂ ମାନସିକ ଯନ୍ତ୍ରଣା ଯୋଗୁଁ ସେ ନିଜ କର୍ତ୍ତବ୍ୟ କରିପାରୁନାହାନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଏଥିସହ ଏହି ମାମଲା ଉପରେ ଦୃଷ୍ଟି ଦେଇ ସମ୍ପୃକ୍ତ ଅଧିକାରୀଙ୍କ ଆଚରଣ ଅନୁଧ୍ୟାନ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟପଟେ, ଏସ୍‌ପି ଏ ସମ୍ପର୍କରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ସୁମିତ୍ରା ।

# ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲୁସି ଡେପୁଟି ମ୍ୟାନେଜର୍

**ଘର ଓ ଅଫିସ୍‌ରୁ ୪୫ ଲକ୍ଷ ନଗଦ ଜବତ**





ଭୁବନେଶ୍ୱର/ସମ୍ବଲପୁର, ୩୧।୩ (ସମିସ): ଓଡ଼ିଶା ପୁଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେସନ୍ (ଓପିଏଚ୍‌ଡବ୍ଲୁସି)ର ସମ୍ବଲପୁଲ ଡିଭିଜନ୍ ଡେପୁଟି ମ୍ୟାନେଜର୍ ବିଦ୍ୟୁତ୍ ରଞ୍ଜନ ଭୋଳ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ୫ ଲକ୍ଷ ନଗଦ ଟଙ୍କା ସହ ଭିଜିଲାନ୍ସ ତାଙ୍କୁ ସମ୍ବଲପୁର ରେଲଷ୍ଟେସନ୍‌ରୁ ଧରିବା ପରେ ତାଙ୍କ ଅଫିସ୍ ସମେତ ୪ଟି ସ୍ଥାନରେ ଚଢ଼ଉ କରାଯାଉଛି । ସମସ୍ତ ଠିକଣାରୁ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଠାବ କରିଛି । ଚଢ଼ଉ ଜାରି ରହିଥିବାରୁ ସଂପତ୍ତି ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।

ଭିଜିଲାନ୍ସ ସୂଚନା ମୁତାବକ, ଶ୍ରୀ ଭୋଳ ସମ୍ବଲପୁରରେ କାର୍ଯ୍ୟରତ ଥିଲେ । ବହୁ ଲୋକଙ୍କଠାରୁ ସେ ଲାଞ୍ଚ ନେଉଥିବା ଭିଜିଲାନ୍ସକୁ ସୂଚନା ମିଳିଥିଲା । ତେଣୁ, ଭିଜିଲାନ୍ସ ତାଙ୍କୁ ସ୍କାନର୍‌ରେ ରଖିଥିଲା । ଏପରିକି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଭିଜିଲାନ୍ସ । ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅନୁମତି ପରେ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା । ଆଜି ସେ ୫ଲକ୍ଷ ଟଙ୍କା ସହ କୁଆଡ଼େ ଯିବାକୁ ବାହାରିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭିଜିଲାନ୍ସ ତାଙ୍କୁ ସମ୍ବଲପୁର ଷ୍ଟେସନ୍‌ରୁ କାବୁ କରିଥିଲା । ଏତେଗୁଡ଼ାଏ ନଗଦ ଟଙ୍କା ସେ କେଉଁଠୁ ଆଣିଲେ, ସେ ସଂପର୍କରେ ସନ୍ତୋଷଜନକ ଉତ୍ତର ରଖି ନପାରିବାରୁ ଭିଜିଲାନ୍ସ ତାଙ୍କୁ ହେପାଜତକୁ ନେଇଥିଲା । ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁରସ୍ଥିତ ଅଫିସ୍, ତାଙ୍କ ଆବାସିକ ଠିକଣା ପୁଲିସ ହାଉସିଂ କର୍ପୋରେସନ୍ କଲୋନି, ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଭଉଣୀ ଘର ଓ ପୈତୃକ ଘରେ ଚଢ଼ଉ ହୋଇଥିଲା । ଚଢ଼ଉ ବେଳେ ଭିଜିଲାନ୍ସ ୪୫ଲକ୍ଷ ନଗଦ ଟଙ୍କା ଓ ଅନ୍ୟାନ୍ୟ ସଂପତ୍ତି ଠାବ କରିଛି । ଏ ସଂପର୍କରେ ତାଙ୍କୁ ପଚରାଉଚରା କରାଯାଉଛି । ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି ।

**ପୂରିଲା କଣ୍ଟ**

# ଧାନ ବିକି ପାରିନାହାନ୍ତି ୧ ଲକ୍ଷ ୧୧ ହଜାର ଚାଷୀ



ଭୁବନେଶ୍ୱର,୩୧।୩(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ ସଂଗ୍ରହ ପାଇଁ ୩୧ ମାର୍ଚ୍ଚ ଶେଷ ତାରିଖ ଥିବାବେଳେ, ଆଜି ସୁଦ୍ଧା ୧ ଲକ୍ଷ ୧୧ ହଜାର ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇପାରି ନାହିଁ । ଏହା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ବିଜୁ ଜନତା ଦଳ କହିଛି । ଏହି ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଥିବା ଅବଧିକୁ ଅତି କମ୍‌ରେ ୧୫ ଦିନ ପାଇଁ ବୃଦ୍ଧି କରନ୍ତୁ ଓ ରବି ଧାନ ପାଇଁ ପଞ୍ଜିକରଣ ଅବଧିକୁ ୧ ମାସ ବୃଦ୍ଧି କରନ୍ତୁ ବୋଲି ବିଜେଡି ଦାବି କରିଛି ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଶ୍ରୀ ଦାସବର୍ମା କହିଥିଲେ, ସରକାର କେବଳ ନିଜ ପିଠି ନିଜେ ଥାପୁଡ଼ାଇବାରେ ବ୍ୟସ୍ତ ଅଛନ୍ତି; କିନ୍ତୁ ରାଜ୍ୟରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଚାଷୀଙ୍କ ଭିତରୁ ଧାନ ବିକ୍ରି ପାଇଁ ଶେଷ ତାରିଖ ଅର୍ଥାତ ୩୧ ମାର୍ଚ୍ଚ ସୁଦ୍ଧା ୧ ଲକ୍ଷ ୧୧ ହଜାର ଚାଷୀ ଧାନ ବିକ୍ରି କରିବା ପାଇଁ ସମର୍ଥ ହୋଇପାରି ନାହାନ୍ତି ବୋଲି ବିଧାନସଭାରେ ସରକାର ସ୍ୱୀକାର କରିଛନ୍ତି । ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ବେଳେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଛନ୍ତି । ସରକାରଙ୍କ ତରଫରୁ ସ୍ଥିର କରାଯାଇଥିବା ମଣ୍ଡି ସଂଖ୍ୟା ମଧ୍ୟରୁ ୩୧୮ ଟି କେନ୍ଦ୍ର ଅବଧି ଶେଷ ହେବା ପର୍ଯ୍ୟନ୍ତ ଖୋଲାଯାଇ ପାରିଲା ନାହିଁ । ତେଣୁ ଯେଉଁ ଚାଷୀ ମାନେ ଟୋକନ ପାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଧାନ ବିକ୍ରି କରିପାରି ନାହାନ୍ତି, ସେମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଥିବା ଅବଧିକୁ ଅତି କମ୍‌ରେ ଆଉ ୧୫ ଦିନ ପାଇଁ ସରକାର ବୃଦ୍ଧି କରନ୍ତୁ ବୋଲି ବିଜେଡି ଦାବି କରିଛି । ସେହିପରି ରବି ଧାନ ସଂଗ୍ରହ ପାଇଁ ଜଟିଳ ପଞ୍ଜିକରଣ ପ୍ରକ୍ରିୟା ଯୋଗୁଁ ଅଧିକାଂଶ ଚାଷୀ ପଞ୍ଜିକରଣ କରିବାକୁ ସମର୍ଥ ହୋଇ ନାହାନ୍ତି । ତେଣୁ ପଞ୍ଜିକରଣ ଅବଧିକୁ ଆଉ ୧ ମାସ ପାଇଁ ସରକାର ବୃଦ୍ଧି କରନ୍ତୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

ରୋହିତ ପୂଜାରୀ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ରାଜ୍ୟର ଚାଷୀଭାଇ ମାନଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚିଛନ୍ତି । ଧାନ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ଇନପୁଟ ସହାୟତା ଆକାରରେ ଦେବେ ବୋଲି ଭୋଟ ବେଳେ ପ୍ରତିଶ୍ରୁତି ଦେଲେ । ଚାଷୀ ଭାଇମାନଙ୍କ ସମର୍ଥନ ହାସଲ ପାଇ ସରକାରକୁ ଆସିଲେ । ସରକାରକୁ ଆସିବା ପରେ ନିଜର ଅସଲ ସ୍ୱରୂପ ଦେଖାଇଲେ । ବିନା କଟନୀ ଛଟନୀରେ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଧାନ କୁଇଣ୍ଟାଲରେ ପ୍ରାୟ ୧୦ରୁ ୧୪ କିଲୋ କଟନୀ ଛଟନୀ କରୁଛନ୍ତି । ଧାନ ସଂଗ୍ରହର ୪୮ ଘଣ୍ଟା ଭିତରେ ଧାନର ମୂଲ୍ୟ ଚାଷୀଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ୩ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିବା ପରେ ମଧ୍ୟ ଧାନର ମୂଲ୍ୟ ମିଳୁନାହିଁ । ରାଜ୍ୟର ଚାଷୀ ଭାଇମାନେ ହନ୍ତସନ୍ତ ହେଉଛନ୍ତି, କିନ୍ତୁ ସରକାର ନିଦାବିଷ୍ଟ ହୋଇ ବସି ରହିଛନ୍ତି । ବିଜେପିର ପ୍ରତିଶ୍ରୁତି ପାଣିର ଗାର ହୋଇଛି । ଧାନ ଚାଷ ପାଇଁ ସରକାର ଚାଷୀ ଭାଇ ମାନଙ୍କୁ ନିରୁତ୍ସାହିତ କରୁଛନ୍ତି ବୋଲି ସେ କହିଛନ୍ତି ।

# ଡାହାଣୀ ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା; ୪ ଗିରଫ

ରାଉରକେଲା, ୩୧।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା ସଦର ଥାନା ସାନପତ୍ରାପାଲି ଗାଁରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରାଯାଇଛି । ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ସାନପତ୍ରାପାଲି କେଣ୍ଡାଖୋଲ ଗାଁର କୁମୁଦ ବାଗ୍ (୩୭), ଲବ କୁଜୁର(୨୨), ଶିବ ପ୍ରଧାନ (୪୨) ଏବଂ ପ୍ରମୋଦ ବାଗ(୩୫) । ମୃତକ ହେଲେ, ସାନପତ୍ରାପାଲି ଅନ୍ତର୍ଗତ କେଣ୍ଡାଖୋଲ ଗାଁର ମହାଦେବ ପ୍ରଧାନ (୭୦) । ଅଭିଯୁକ୍ତମାନଙ୍କ ତାଙ୍କ ପତ୍ନୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନାଯୋଗ୍ୟ, ମହାଦେବ ଗୁଣିଗାରେଡ଼ି କରି କିଛି ଲୋକଙ୍କ ଦେହ ଅସୁସ୍ଥ କରୁଥିଲେ ବୋଲି କିଛି ଗ୍ରାମବାସୀ ସନ୍ଦେହ କରି ଆସୁଥିଲେ । କିଛି ମାସ ତଳେ ଅଭିଯୁକ୍ତ କୁମୁଦ ବାଗର ପତ୍ନୀ ରୋଗରେ ପଡ଼ି ପ୍ରାଣ ହରାଇବା ପରେ ସେ ଏଥିପାଇଁ ମହାଦେବଙ୍କୁ ଦାୟୀ କରି ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା । ତଦନୁଯାୟୀ, ଗତ ୩୦ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଗାଁର ମୁକୁନ୍ଦ ସହ ଶିବ, ଭୈରି, ଲବ, ପ୍ରମୋଦ ଏବଂ ଅନ୍ୟମାନେ ମହାଦେବଙ୍କ ଘରେ ଜୋରଜବରଦସ୍ତ ପଶିବା ସହ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏଥିରେ ମହାଦେବଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପତ୍ନୀ ଆମିଲ ଗୁରୁତର ଆହତ ହୋଇଥିଲେ । ହତ୍ୟାକାରୀମାନେ ଏହି ନାରକୀୟ କାଣ୍ଡ ଘଟାଇବା ପରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ଏହି ଘଟଣାରେ ମହାଦେବଙ୍କ ଝିଅ ଜୟନ୍ତୀ ବାଗ ଆଜି ସକାଳେ ସଦର ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଦର ଥାନା ଆଇଆଇସି ଏସ୍ ଦେବତା ଘଟଣାର ତଦନ୍ତ କରୁଥିବା ବେଳେ ସାଇଣ୍ଟିଫିକ ପୁଲିସ ଟିମ୍ ତଦନ୍ତ କରିଥିଲା । ଉପରୋକ୍ତ ୪ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଲାଠି ଓ ଫୁଙ୍କା ନଳକୁ ପୁଲିସ ଜବତ କରିଛି ।

**ମାନସିକ ଭିନ୍ନକ୍ଷମ ମହିଳାଙ୍କ ଲଙ୍କାକାଣ୍ଡ**

# ହାଇକୋର୍ଟ ବାହାରେ ୪ ଗାଡ଼ି ଜାଳିଦେଲେ



- **ଟଳିଲା ବଡ଼ଧରଣର ବିପତ୍ତି: ସମ୍ପୃକ୍ତ ମହିଳା ଥାନାରେ ଅଟକ**
- **ପ୍ଲାଷ୍ଟିକ୍ ବୋତଲରେ ମହିଳାଙ୍କୁ ପେଟ୍ରୋଲ୍ ଦେଲା କିଏ?**
- **ପେଟ୍ରୋଲ ପମ୍ପରେ ପୁଲିସର ଛାନଭିନ୍**
- **ଭିଡିଓ ଉତ୍ତୋଳନ କରିଥିବା ଲୋକକୁ ଖୋଜୁଛି ପୁଲିସ**

କଟକ, ୩୧।୩(ସମିସ): ହାଇକୋର୍ଟ ପାଚେରିକୁ ଲାଗିଥିବା ପାର୍କିଂରେ ନିଆଁ ଲାଗି ୪ଟି ଗାଡ଼ି ପୋଡ଼ି ଯାଇଛି । ଜଣେ ମାନସିକ ଭିନ୍ନକ୍ଷମ ମହିଳା ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଏହି ଲଙ୍କାକାଣ୍ଡ ଘଟାଇଛନ୍ତି । ଲାଲବାଗ ପୁଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ସମ୍ପୃକ୍ତ ମହିଳାଜଣଙ୍କ ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅନ୍ତର୍ଗତ ବଡିମିରା ଗ୍ରାମର ମିନତି ସାହୁ ।


ପୁଲିସ୍ ସୂଚନାନୁଯାୟୀ, ସେ ପୂର୍ବରୁ ମାନସିକ ରୋଗରେ ପୀଡ଼ିତ ଥିଲେ । ଆଜି ସେ ଏକ ପ୍ଲାଷ୍ଟିକ୍ ବୋତଲରେ ଗଣେଶଘାଟସ୍ଥିତ ସିଏମ୍‌ସି ପେଟ୍ରୋଲ୍ ପମ୍ପ୍‌ରୁ ପେଟ୍ରୋଲ୍ ଆଣି ଏକ ଓଢ଼ଣୀରେ ପକାଇବା ପରେ ସେଥିରେ ନିଆଁ ଲଗାଇ କୋର୍ଟ ପରିସରକୁ ଫୋପାଡ଼ିଥିଲେ । କିନ୍ତୁ, ତାହା କୋର୍ଟ ପରିସରରେ ନ ପଡ଼ି ପାଚେରି କଡ଼ରେ ଥିବା ଗାଡ଼ି ପାର୍କିଂସ୍ଥଳରେ ଖସି ପଡ଼ିଥିଲା । ଫଳରେ ସେଠାରେ ଥୁଆ ହୋଇଥିବା ଗୋଟିଏ ଇଭି ସ୍କୁଟି, ୨ଟି ବାଇକ୍ ଏବଂ ଗୋଟିଏ ସ୍କର୍ପିଓ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା । ପ୍ରଥମେ ପ୍ରଥମେ ଇଭିରେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ପରେ ଏକ ଚାଞ୍ଚଲ୍ୟକର ଭିଡିଓ ସାମ୍ନାକୁ ଆସିଥିଲା । ଉକ୍ତ ଭିଡିଓରେ ମହିଳାଜଣଙ୍କ ଓଢ଼ଣୀରେ ପେଟ୍ରୋଲ୍ ଢାଳି କେମିତି ଫିଙ୍ଗୁଛନ୍ତି, ତାହା କଏଦ୍ ହୋଇ ରହିଛି । ଖବର ପାଇ ଘଟଣାସ୍ଥଳରେ ଲାଲବାଗ ଥାନା ପୁଲିସ ପହଞ୍ଚି ଅଗ୍ନିକାଣ୍ଡ ଘଟାଇଥିବା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ଅନ୍ୟପଟେ ଆଜି ଏକ ବଡ଼ଧରଣର ବିପତ୍ତି ଟଳି ଯାଇଛି । ହାଇକୋର୍ଟ ପରିସରକୁ ନିଆଁ ଆଦୌ ବ୍ୟାପି ନଥିଲା । ସେହିପରି, ଘଟଣାସ୍ଥଳରେ ହାଇକୋର୍ଟ, ଜିଲ୍ଲା କୋର୍ଟ, ରେଭେନ୍ସା କଲିଜିଏଟ୍ ସ୍କୁଲ, ଆରଟିଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି । ଯଦି ନିଆଁ ବ୍ୟାପିଥାଆନ୍ତା, ଏକ ବଡ଼ଧରଣର କ୍ଷୟକ୍ଷତି ଘଟିଥାଆନ୍ତା ।

ଅପରପକ୍ଷେ, ମର୍କତନଗର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ଏବଂ ବକ୍ସିବଜାର ଦମକଳ କେନ୍ଦ୍ରର ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ । ଅଧଘଣ୍ଟାର ରେସ୍କ୍ୟୁ ଅପରେସନ୍ ପରେ ନିଆଁ ସମ୍ପୂର୍ଣ୍ଣ ଭାବେ ଲିଭିଯାଇଥିଲା । ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି ।

ଅନ୍ୟପଟେ ଉକ୍ତ ମହିଳାଜଣଙ୍କ କାହିଁକି ନିଆଁ ଲଗାଇଲେ, କେଉଁ ପରିସ୍ଥିତିରେ ନିଆଁ ଲଗାଇଲେ, ତାହାର ସଠିକ୍ ଉତ୍ତର ସମ୍ପୃକ୍ତ ମାନସିକ ବିକାରଗ୍ରସ୍ତ ମହିଳାଙ୍କଠାରୁ ପୁଲିସ ପାଇପାରୁନାହିଁ । ଜେରା ସମୟରେ ମହିଳାଙ୍କ ଉତ୍ତରରେ ଆଦୌ ତାଳମେଳ ନଥିବା ପୁଲିସ କହିଛି ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପୂରା ରାଜ୍ୟରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ୍ ଦେବା ଉପରେ କଟକଣା ବଳବତ୍ତର ରହିଥିବା ବେଳେ ମ୍ୟୁନିସିପାଲଟି ପେଟ୍ରୋଲ୍ ପମ୍ପ କର୍ମଚାରୀ କେମିତି ପ୍ଲାଷ୍ଟିକ୍ ବୋତଲରେ ସମ୍ପୃକ୍ତ ମହିଳାଙ୍କୁ ପେଟ୍ରୋଲ୍ ବିକ୍ରି କଲେ, ତାହା ପୁଲିସ ତଦନ୍ତ ପରିସରଭୁକ୍ତ କରାଯାଇଛି । ପୁଲିସର ଏକ ଟିମ୍ ପେଟ୍ରୋଲ୍ ପମ୍ପ୍‌ରେ ଛାନଭିନ୍ କରି ଫେରିଛି । ସେହିପରି ମହିଳାଜଣକଙ୍କ ନିଆଁ ଲଗାଉଥିବା ବେଳେ କେହି ଜଣେ ଉକ୍ତ ଦୃଶ୍ୟକୁ ମୋବାଇଲ୍‌ରେ ରେକର୍ଡିଂ କରିଛି । ସଂପୃକ୍ତ ବ୍ୟକ୍ତିଜଣଙ୍କ ମହିଳାଙ୍କୁ ବାରଣ ନକରି କେମିତି ତାହା ସୁଟିଂ କରୁଥିଲେ, ସେ ନେଇ ମଧ୍ୟ ପୁଲିସ ଛାନଭିନ୍ କରୁଛି ।

ଏ ସମ୍ପର୍କରେ ଜୋନ୍ ଏସିପି ଅନନ୍ୟା ଅଗସ୍ତି କହିଛନ୍ତି, ମହିଳାଜଣକ ମାନସିକ ରୋଗରେ ପୀଡ଼ିତ । ତାଙ୍କର ମାନସିକ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ମହିଳାଜଣଙ୍କ ପ୍ରଧାନମନ୍ତ୍ରୀଙ୍କୁ ଭେଟ କରିବାକୁ ଚାହିଁ ନିରାଶ ହେବା ପରେ ଏଭଳି ଅଗ୍ନିକାଣ୍ଡ ଘଟାଇଥିବା କହିଛନ୍ତି । ପୁଲିସର ତଦନ୍ତ ଜାରି ରହିଥିବା ଏସିପି ଅଗସ୍ତୀ ସୂଚନା ଦେଇଛନ୍ତି ।



ଅନାହତ୍ ଏସିଆର ଶ୍ରେଷ୍ଠ ସ୍କ୍ୱାଶ୍ ଖେଳାଳି

▶ପୃଷ୍ଠା ୧୨ ଦେଖନ୍ତୁ...

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-273 ♦WEDNESDAY ♦01 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୭୩ ♦ବୁଧବାର ♦୦୧ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆମେରିକାର ବିଧ୍ୱଂସୀ ଆକ୍ରମଣ

# ଇରାନ ଅସ୍ତ୍ରଭଣ୍ଡାର ଧ୍ୱଂସ

- ଇସଫାହନ ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ଓ ନିଆଁ
- ରୁଷ ଓ ଚୀନ ଉପରେ ନଜର ରଖିଛି ଆମେରିକା
- ଇସ୍ରାଏଲ, ପଡ଼ୋଶୀ ଦେଶ ଉପରେ ଇରାନର ଆକ୍ରମଣ
- ମାର୍କିନ ସେନାକୁ ଅପେକ୍ଷା କରିଛି ମୃତ୍ୟୁଯନ୍ତା: ଇରାନ



■ତେହେରାନ, ୩୧।୩ (ଏଜେନ୍ସି): ଇରାନ ସହିତ ଆମେରିକା ଓ ଇସ୍ରାଏଲ ଚଳାଇଥିବା ଯୁଦ୍ଧ ଆହୁରି ଭୟଙ୍କର ହୋଇଛି । ଅସ୍ତ୍ରବିରତି ଆଲୋଚନା ଚାଲିଛି ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହୁଥିବା ବେଳେ ଅନ୍ୟପଟେ ଇରାନ ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଆମେରିକା ପକ୍ଷରୁ ଆଜି ଇରାନର ଇସଫାହନ ସହର ନିକଟରେ ଥିବା ଅସ୍ତ୍ରଭଣ୍ଡାର ଉପରେ ୨୦୦୦ ପାଉଣ୍ଡ (୯୦୭ କିଲୋଗ୍ରାମ)ର ବଙ୍କର ବଷ୍ଟର ବୋମା ମାଡ଼ କରାଯାଇଛି । ଏହି ଆକ୍ରମଣ ଯୋଗୁଁ ବିସ୍ଫୋରଣରେ ସେଠାରେ ନିଆଁ ଲାଗିବା ସହିତ ସମଗ୍ର ଅଞ୍ଚଳ ଥରି ଉଠିଛି । ଏହାର ଭିଡିଓ ଚିତ୍ର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ତେବେ ଇରାନ ପକ୍ଷରୁ ଏସଂପର୍କରେ କିଛି କୁହାଯାଇନାହିଁ ।

ଇରାନକୁ ସ୍ଥଳ ସେନା ପଠାଇବା ଲାଗି ଆମେରିକା ପ୍ରସ୍ତୁତି ଚଳାଇଥିବା ବେଳେ ଏଭଳି ବଙ୍କରବଷ୍ଟର ବୋମାମାଡ଼ କରାଯାଇଛି । ଯେଉଁ ଇସଫାହନ ସହର ନିକଟରେ ବୋମା ମାଡ଼ କରାଯାଇଛି, ସେଠାରେ ଇରାନର ୟୁରାନିୟମ ଉତ୍ପାଦନ କେନ୍ଦ୍ର ରହିଥିବା କୁହାଯାଉଛି । ଗତବର୍ଷ ଜୁଲାଇ ମାସରେ ଇରାନ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧ ବେଳେ ଆମେରିକା ଏହି ଅଞ୍ଚଳରେ ପ୍ରଚଣ୍ଡ ବୋମାମାଡ଼ କରିଥିଲା ।

ଟ୍ରମ୍ପ ପୋଷ୍ଟ କରିଥିବା ଭିଡିଓ ଚିତ୍ରରୁ ଜଣାପଡୁଛି ଯେ ବୋମାମାଡ଼ ପରେ ସମଗ୍ର ଅଞ୍ଚଳ ନିଆଁପିଣ୍ଡୁଳାରେ ପରିଣତ ହୋଇଯାଇଛି । ଏହି ଅଞ୍ଚଳରେ ୟୁରାନିୟମ କେନ୍ଦ୍ର ସହିତ ଇରନାର ବଡ଼ ଅସ୍ତ୍ରଭଣ୍ଡାର ଏବଂ ଅସ୍ତ୍ର ଉତ୍ପାଦନ ଶିଳ୍ପ ମଧ୍ୟ ରହିଛି । କ୍ଷେପଣାସ୍ତ୍ର, ରକେଟ ଓ ବିସ୍ଫୋରକ ସାମଗ୍ରୀକୁ ଧ୍ୱଂସ କରିବା ଲାଗି ଆମେରିକା ଏଭଳି ଆକ୍ରମଣ କରିଥିବା କୁହାଯାଉଛି ।

ଇତିମଧ୍ୟରେ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଇରାନର ନୂଆ ସରକାର ସହିତ ଆଲୋଚନା ଚାଲିଛି । ଆଲୋଚନା ବିଫଳ ହେଲେ ଆକ୍ରମଣ ଆହୁରି ଭୟଙ୍କର ହେବ । ଟ୍ରମ୍ପ ଯାହା କହନ୍ତି, ତାହା କରିକି ଦେଖାନ୍ତି । ଏହି ଯୁଦ୍ଧରେ ରୁଷ ଓ ଚୀନର ଭୂମିକା ନେଇ ସେ କହିଲେ ଯେ ସେମାନେ କଣ କରୁଛନ୍ତି ଏବଂ କଣ ନ କରୁଛନ୍ତି, ତାହା ଉପରେ ଆମେରିକାର ନଜର ରହିଛି । ଯେଉଁଠି ଯାହା ଦରକାର, ସେହି ଅନୁଯାୟୀ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ସେ କହିଛନ୍ତି ।

ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧରେ ଆମେରିକା ଓ ଇସ୍ରାଏଲକୁ ଦୃଢ଼ ଜବାବ ଦିଆଯାଉଛି ବୋଲି ଇରାନ ପକ୍ଷରୁ କୁହାଯାଇଛି । ଇରାନ ପକ୍ଷରୁ ଇସ୍ରାଏଲର ଅନେକ ସହର ଏବଂ ଉପସାଗରୀୟ ଦେଶରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଜରିଆରେ ପ୍ରଚଣ୍ଡ ଆକ୍ରମଣ କରାଯାଉଛି । ଏଥିରେ ବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଥିବା ଆମେରିକା ସିଭିଲିଆନ ଅଞ୍ଚଳ ଉପରେ ବୋମାମାଡ଼ କରୁଛି ବୋଲି ଇରାନ କହିଛି । ଇରାନ ପକ୍ଷରୁ ଆହୁରି କୁହାଯାଇଛି ଯେ ଇରାନର କିଛି ଦ୍ୱୀପକୁ ଅକ୍ତିଆର କରିବା ଲାଗି ଆମେରିକା ଏହାର ସେନା ପଠାଇବାକୁ ଯୋଜନା କରିଛି । ଯୁଦ୍ଧ ଜାହାଜ ୟୁଏସଏସ୍ ତ୍ରିପୋଲିକୁ ଉପସାଗରରେ ମୁତୟନ କରିଛି । ଇରାନ ଏହା ଉପରେ ତୀକ୍ଷ୍ଣ ନଜର ▶ପୃଷ୍ଠା-୭

## ନାଳନ୍ଦା ଶୀତଳା ମାତା ମନ୍ଦିରରେ ଦଳାଚକଟା

# ୯ ମହିଳା ଶ୍ରଦ୍ଧାଳୁ ମୃତ



ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୨୫୦୦ ଯବାନ

୨୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ କେହି ପୁଲିସ ନ ଥିଲେ

■ ନାଳନ୍ଦା, ୩୧।୩ (ଏଜେନ୍ସି): ବିହାର ନାଳନ୍ଦା ଜିଲ୍ଲାର ଶୀତଳା ମାତା ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ଦଳାଚକଟା ଘଟି ୯ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଚୈତ୍ର ମାସର ଶେଷ ମଙ୍ଗଳବାର ମନ୍ଦିରରେ ପ୍ରାୟ ୨୫ ହଜାର ଶ୍ରଦ୍ଧାଳୁ ଏକାଠି ହୋଇଥିଲା । ମାତ୍ର ଏତେ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ, ପ୍ରଶାସନ କିମ୍ବା ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ମାତ୍ର ଦୁର୍ଘଟଣାସ୍ଥଳରୁ ୩୦ କିମି ଦୂରରେ ନାଳନ୍ଦା ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଥିବାରୁ ସେଠାରେ ୨୫୦୦ରୁ ଅଧିକ ଯବାନଙ୍କୁ ମୁତୟନ କରାଯାଇଥିଲା । ଆଖପାଖ ୮ ଜିଲ୍ଲାରୁ ଉକ୍ତ ସ୍ଥାନକୁ ଯବାନ ଯାଇଥିଲେ । କିନ୍ତୁ ପ୍ରତି ବର୍ଷ ଏଭଳି ଭିଡ଼ ହେଉଥିବା ସତ୍ତ୍ୱେ ମନ୍ଦିରରେ କୌଣସି ବ୍ୟବସ୍ଥା କରି ନ ଥିଲେ । ୨୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଜଣେ ପୁଲିସ କର୍ମଚାରୀଙ୍କୁ ବି ମୁତୟନ ▶ପୃଷ୍ଠା-୭

## ବ୍ୟୟମଞ୍ଜୁରୀ ଆଲୋଚନା

## ସରକାରଙ୍କୁ ବିରୋଧୀଙ୍କ କଟାକ୍ଷ

# ଘୋଷଣା ପ୍ରବଳ, କାମରେ ଦୁର୍ବଳ

- ୨୦୨୯ ସୁଦ୍ଧା ୩ ଲକ୍ଷ କୋଟି ଛୁଇଁବ ଓଡ଼ିଶାର ଋଣ ଭାର
- ପ୍ରସ୍ତାବିତ ଅଟଳ ଏକ୍ସପ୍ରେସ ୱେରେ ପଡ଼ିନାହିଁ ମୁଠେ ମୋରମ
- କୁଆଡ଼େ ଗଲା ଘୋଷିତ ୨୦୦ କୋଟିର ଓଡ଼ିଆ ଅସ୍ମିତା ଭବନ

■ଭୁବନେଶ୍ୱର, ୩୧।୩ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀ ଆଣିଥିବା ବ୍ୟୟ ମଞ୍ଜୁରୀ ବିଲଟି ଗରିବମାରଣ, ଚାଷୀ ମରଣ ଏବଂ ଜନବିରୋଧୀ ବଜେଟ ଉପରେ ପର୍ଯ୍ୟବେଶିତ । ୨୦୨୩-୨୪ ଏବଂ ୨୦୨୪-୨୫ ବଜେଟରେ ପ୍ରାବଧାନ ହୋଇଥିବା ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହୋଇ ପାରିନାହିଁ । ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କନ୍ୟାବିବାହ, ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା, ମାଲକାନଗିରିରୁ ମୋଟୁ ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ ୱେ ଆଦି ଯୋଜନା ଦେଖିଲେ ଏ ସରକାର ଘୋଷଣା ସର୍ବସ୍ୱ ବୋଲି ପ୍ରମାଣିତ ହୋଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସରକାର ଆସିବାମାତ୍ରେ ପ୍ରଥମ ବଜେଟରେ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ କରିବା ପାଇଁ ଘୋଷଣା କରିଥିଲେ । ହେଲେ କୌଣସି ସ୍କୁଲ୍ ପାଇଁ ଇଟା ପଡ଼ିଥିବ କି ନାହିଁ ସନ୍ଦେହ । ମୁଖ୍ୟମନ୍ତ୍ରୀ କନ୍ୟାବିବାହ ପାଇଁ ୨୪୦୦ ଜଣ ଗରିବ କନ୍ୟାଙ୍କୁ ବିବାହ କରାଇବା ପାଇଁ ଟାର୍ଗେଟ୍ ଥିଲା । ମାତ୍ର ୨୫୦ କି ୩୦୦ କନ୍ୟାଙ୍କ ବିବାହ ହୋଇପାରିଛି । ଚଳିତ ବର୍ଷ ପ୍ରାୟ ୧ ଲକ୍ଷ ୫୦ ହଜାର ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା ପାଇଁ ବ୍ୟବସ୍ଥା ଥିଲା, ହେଲେ ଆଜି ପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହା ସରକାର ବି ଜାଣନ୍ତି ନାହିଁ । ମାଲକାନଗିରି ରୁ ମୋଟୁ ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ ୱେ ▶ପୃଷ୍ଠା-୭

# ଆଜିଠାରୁ ଓଡ଼ିଶା ସହ ୧୧ ରାଜ୍ୟରେ ଜନଗଣନା

■ ଭୁବନେଶ୍ୱର, ୩୧।୩ (ସମିସ): ଦେଶରେ ଆସନ୍ତାକାଲିଠାରୁ 'ଜନଗଣନା ୨୦୨୬' ଆରମ୍ଭ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ସହ ୧୧ଟି ରାଜ୍ୟରେ ଜନଗଣନା କରାଯିବ । କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ୍ ମାଧ୍ୟମରେ ଜନଗଣନା କରାଯିବ ।

ପ୍ରଥମ ପର୍ଯ୍ୟାୟରେ ନୂତନ ବ୍ୟବସ୍ଥା ଭାବେ ସେଲ୍ଫ-ଏନ୍ୟୁମେରେସନ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହା ଅନୁସାରେ ଏପ୍ରିଲ୍ ୧ ଠାରୁ ୧୫ ପର୍ଯ୍ୟନ୍ତ ଲୋକମାନେ ନିଜେ ଅନଲାଇନ୍ ମାଧ୍ୟମରେ ତାଙ୍କର ପରିବାର ଓ ଘର ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବେ । ଏହା ପରେ ଏପ୍ରିଲ୍ ୧୬ ଠାରୁ ମେ ୧୫ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଜିଲ୍ଲାରେ ଘରେ ଘରେ ଯାଇ ସରକାରୀ କର୍ମଚାରୀମାନେ ସର୍ଭେ କାମ କରିବେ । ପ୍ରାୟ ୧ ଲକ୍ଷରୁ ଅଧିକ ଏନ୍ୟୁମେରେଟର୍ ଓ ସୁପରଭାଇଜର୍ ଏହି କାର୍ଯ୍ୟରେ ନିଯୁକ୍ତ ହେବେ । ଏହି ପର୍ଯ୍ୟାୟରେ ଘରର ପ୍ରକାର, ପାଣି, ବିଦ୍ୟୁତ୍, ଶୌଚାଳୟ, ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କିତ ପ୍ରାୟ ୩୩ଟି ପ୍ରଶ୍ନ ପଚାରାଯିବ । ଏହି ସମସ୍ତ ତଥ୍ୟ ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ । ଏଥର ଜନଗଣନା ପାଇଁ କୌଣସି ଡକ୍ୟୁମେଣ୍ଟ ଦେବା ଦରକାର ହେବ ନାହିଁ । ସରକାର କହିଛନ୍ତି ଯେ ଏହାକୁ ସହଜ ଓ ସୁବିଧାଜନକ କରିବା ପାଇଁ ଏମିତି ▶ପୃଷ୍ଠା-୭

# ଡ. ପ୍ରତିଭା ରାୟଙ୍କୁ ସାହିତ୍ୟ ଏକାଡେମୀ ଫେଲୋସିପ୍



■ ଭୁବନେଶ୍ୱର,୩୧।୩(ସମିସ): ବିଶିଷ୍ଟ ଲେଖିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ, ଅମଦୁସ ସମଦ୍ ଓ ଲକ୍ଷ୍ମୀ ଖିଲାଣୀଙ୍କୁ ମିଳିବ ସାହିତ୍ୟ ଏକାଡେମୀ ଫେଲୋସିପ୍ । ଏନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି । ଡ. ରାୟ ଜ୍ଞାନପୀଠ ପୁରସ୍କାର ସହ ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସାରଳା ପୁରସ୍କାର ସମେତ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ଯାଏ ସେ ୨୦ଟି ଉପନ୍ୟାସ, ୨୪ଟି କ୍ଷୁଦ୍ରଗଳ୍ପ ସଙ୍କଳନ, ୧୦ଟି ଭ୍ରମଣ କାହାଣୀ, କବିତା ସଙ୍କଳନ ସମେତ ଅନେକ ପ୍ରକାର ପ୍ରବନ୍ଧ ରଚନା କରି ପାଠକୀୟ ଆଦୃତି ଲାଭ କରିଛନ୍ତି ।

ଲକ୍ଷ୍ମୀ ଖିଲାଣୀ ଜଣେ ବିଶିଷ୍ଟ ସିନ୍ଧି କଥା ଲେଖକ, ନାଟ୍ୟକାର, ଅନୁବାଦକ, ସମ୍ପାଦକ । ତାଙ୍କର ୨୪ରୁ ଅଧିକ ପ୍ରକାଶିତ କୃତି ଏବଂ ବହୁ ସଂଖ୍ୟକ ପ୍ରବନ୍ଧ ରହିଛି । ସେ ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ସମ୍ମାନ ଲାଭ କରିଛନ୍ତି । ସେହିପରି ଅବଦୁସ୍ ସମଦ୍ ▶ପୃଷ୍ଠା-୭

## ଶୋଇଛି ପୁଲିସ, ଆଇନ ନାହିଁ

# ଆନ୍ଧ୍ର ନାବାଳିକାଙ୍କୁ ଗଞ୍ଜାମରେ ଗଣଦୁଷ୍କର୍ମ

■ବ୍ରହ୍ମପୁର/ ଭୁବନେଶ୍ୱର, ୩୧।୩ (ସମିସ): ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡୁଛି ଓଡ଼ିଶା । ରାଜ୍ୟରେ ଦିନକୁ ହାରାହାରି ୮ଟି ଦୁଷ୍କର୍ମ ଘଟୁଥିବାବେଳେ ଏବେ ପଡ଼ୋଶୀ ରାଜ୍ୟର ମହିଳା ଓ ନାବାଳିକା ବି ଏଥିରୁ ବାଦ ପଡୁନାହାନ୍ତି । ଦିନକ ତାଳେ ରାଜଧାନୀରେ ଲିଫ୍ଟ ଦେବା ବାହାନାରେ ପଡ଼ୋଶୀ ପଶ୍ଚିମବଙ୍ଗର ଜଣେ ମହିଳାଙ୍କୁ ଜଙ୍ଗଲରେ ଗଣଦୁଷ୍କର୍ମ କରାଯାଇଥିଲା । ଏହାର ଦିନଟିଏ ନ ଯାଉଣୁ ଖୋଦ ଖଣିମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ତଥା ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁରରେ ପଡ଼ୋଶୀ ଆନ୍ଧ୍ରର ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । ଦୁଇ ଦିନରେ ଦୁଇ ପଡ଼ୋଶୀ ରାଜ୍ୟର ଦୁଇଜଣ ନାବାଳିକା ଓ ମହିଳା ଗଣଦୁଷ୍କର୍ମ ଘଟଣା ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଛି ।

ଦିନକ ତଳେ ଗଣଦୁଷ୍କର୍ମର ଶିକାର ହୋଇଥିଲେ ପଶ୍ଚିମବଙ୍ଗ ମହିଳା



ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଗୋପାଳପୁର ଆଉ ନାବାଳିକା ଓ ମହିଳାଙ୍କ ପାଇଁ ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ ପାଲଟିଛି । ଗୋଟିଏ ପରେ ଗୋଟିଏ ଗଣଦୁଷ୍କର୍ମ ଭଳି ସାଂଘାତିକ ଘଟଣା ଏଠାରେ ନିୟମିତ ବ୍ୟବଧାନରେ ଘଟି ଚାଲିଛି । ମାର୍କଣ୍ଡିରେ ଦୁଇ ନାବାଳିକା ଭଉଣୀ ଏବଂ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଦେଶବିଦେଶରେ ଓଡିଶାର ମୁଣ୍ଡ ତଳକୁ କରିଦେଇଥିବା ବେଳେ ଏବେ ପୁଣି ଏକ ବର୍ବରକାଣ୍ଡ ଘଟିଛି । ସ୍ଥାନୀୟ ଗୋଷାଣିନୂଆଗାଁ ଥାନା ▶ପୃଷ୍ଠା-୭

## ରନ୍ଧନ ଗ୍ୟାସ ସଙ୍କଟ; ଭୁଆଁ ବୁଲାଉଛନ୍ତି ଡିଲର-ସରକାର

# କଳାବଜାରୀଙ୍କ ରାଜୁତି; ଉପଭୋକ୍ତା ହତାଶ



- କଳାବଜାରରେ ଗ୍ୟାସ୍ କେଜି ୩୦୦
- ଓଟିପି ଆସୁଛି, ଆସୁନାହିଁ ସିଲିଣ୍ଡର୍
- ବୁକିଂର ୧୫ ଦିନ ପରେ ବି ମିଳୁନି ଗ୍ୟାସ୍

■ ଭୁବନେଶ୍ୱର, ୩୧।୩ (ସମିସ): ସରକାର କହୁଛନ୍ତି ରନ୍ଧନ ଗ୍ୟାସର ସମସ୍ୟା ନାହିଁ, କମ୍ପାନୀ କହୁଛି ପର୍ଯ୍ୟାପ୍ତ ଗ୍ୟାସ ଗଚ୍ଛିତ ଅଛି; ପାଞ୍ଚ ଦିନ ମଧ୍ୟରେ ଉପଭୋକ୍ତାଙ୍କୁ ଗ୍ୟାସ ଯୋଗାଇ ଦିଆଯାଉଛି । ମାତ୍ର ବାସ୍ତବ ସ୍ଥିତି ଭିନ୍ନ, ରାଜ୍ୟର ରାଜଧାନୀରେ ଅଧିକାଂଶ ଗ୍ୟାସ ଏଜେନ୍ସିଗୁଡ଼ିକରେ ଯେପରି ଲମ୍ବା ଧାଡ଼ି ଲାଗିଛି; ସେଥିରୁ କିଏ ସତ କହୁଛି ତାହା ସ୍ପଷ୍ଟ ହୋଇପାରୁ ନାହିଁ । ଏପରିକି ବୁକିଂ ସହ ଟଙ୍କା ଜମା ଓ ଓଟିପି ଆସିବାର ୧୫ ଦିନ ପରେ ବି ଉପଭୋକ୍ତାଙ୍କୁ ଗ୍ୟାସ ମିଳିପାରୁ ନାହିଁ । ଫୋନ୍ କଲେ ଗ୍ୟାସ ଏଜେନ୍ସି କର୍ତ୍ତୃପକ୍ଷ ଫୋନ୍ ଉଠାଉ ନାହାନ୍ତି, ବାରମ୍ବାର ଫୋନ୍ କରିବା ପରେ ଉତ୍ତର ମିଳୁଛି ଗ୍ୟାସ ଡ଼େଲିଭରି ହୋଇ ସାରିଛି । ଯେଉଁଠି ଉପଭୋକ୍ତାଙ୍କୁ ଗ୍ୟାସ ସିଲିଣ୍ଡର ଡ଼େଲିଭରି ହୋଇନାହିଁ, ତାହା କୁଆଡ଼େ ଗଲା ବୋଲି ପ୍ରଶ୍ନର ଉତ୍ତର ଦେବାକୁ ବି ଏଜେନ୍ସି ସାମାନ୍ୟ ସୌଜନ୍ୟ ଦେଖାଉ ନାହାନ୍ତି ।

ରାଜଧାନୀ ଅନ୍ତର୍ଗତ କଳିଙ୍ଗନଗରର ଜଣେ ଏଚ୍‌ପି ଗ୍ୟାସ ଉପଭୋକ୍ତା ଖଣ୍ଡଗିରିସ୍ଥିତ ଲିଙ୍ଗରାଜ ଗ୍ୟାସରେ ତାଙ୍କର ସିଲିଣ୍ଡର ଅନଲାଇନରେ ବୁକିଂ କରିଥିଲେ । ବୁକିଂର ଦିନେ ଦୁଇଦିନ ପରେ ତାଙ୍କ ମୋବାଇଲ୍‌କୁ ଡ଼େଲିଭରି ସମୟରେ ଆବଶ୍ୟକ ଓଟିପି ଆସିଲା । ଉପଭୋକ୍ତା ଓଟିପି ଧରି ଗ୍ୟାସ ସିଲିଣ୍ଡରକୁ ଅପେକ୍ଷା କରି ରହିଲେ । ଦିନେ, ଦୁଇଦିନ ଯାଇ ୧୫ ଦିନ ବିତିଲା; ମାତ୍ର ସିଲିଣ୍ଡର ପହଞ୍ଚିଲା ନାହିଁ । ଶେଷରେ ତାଙ୍କ ମୋବାଇଲ୍‌କୁ ଗୋଟିଏ ମେସେଜ ଆସିଲା ଯେ ତାଙ୍କର ଗ୍ୟାସ ଡ଼େଲିଭରି ହୋଇଛି । କ୍ୟାସ ମେମୋ ନମ୍ବର ୧୧୪୯୩୧୨ ଓ ୩୧ ମାର୍ଚ୍ଚ ପରେ ପରବର୍ତ୍ତୀ ଗ୍ୟାସ ବୁକିଂ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଥିଲା । ମାତ୍ର ଉପଭୋକ୍ତାଙ୍କ ଘରେ ଗ୍ୟାସ ଡ଼େଲିଭରି ହୋଇ ନ ଥିବା ଓ ସେ ଗ୍ୟାସ ବାବଦ ଟଙ୍କା ପ୍ରଦାନ କରି ନ ଥିବାବେଳେ ▶ପୃଷ୍ଠା-୭




# ଗୋଗୋ ସିଗାରେଟ୍ ଓ ଡ୍ରଗ୍ସ ସେବନ କରି ଗଣଦୁଷ୍କର୍ମ





ବ୍ରହ୍ମପୁର,୩୧ା୩(ସମିସ):

ଗୋପାଳପୁର ନିର୍ବାଚନମଣ୍ଡଳୀ ତଥା ସ୍ଥାନୀୟ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଚନ୍ଦନନଗର ଇଲାକାରେ ଗତ ୨୯ତାରିଖ ରାତିରେ ଆନ୍ଧ୍ରର ଜଣେ ନାବାଳିକାଙ୍କୁ ମୃଦୁପାନୀୟରେ ନିଶାଦେଇ ଖୋଲା ପଡ଼ିଆରେ ରାତିତମାମ ଗଣଦୁଷ୍କର୍ମ କରାଯାଇଛି। ଏଥିରେ ମୋଟ ୩ ଜଣଙ୍କର ସମ୍ପୃକ୍ତି ଥିବାବେଳେ ଜଣେ ନାବାଳକ ଓ ଅନ୍ୟ ୨ ଜଣ ସାବାଳକ ସାମିଲ ଥିବା ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ସମସ୍ତ ୩ଜଣଙ୍କୁ ଚିହ୍ନଟ କରାଯିବା ସହ କାବୁ କରାଯାଇଛି। ପୀଡ଼ିତା ନାବାଳିକାଙ୍କ ସମେତ ସମସ୍ତଙ୍କର ଡାକ୍ତରୀ ମାଇନା ଓ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି।

ମାତ୍ର ଗଞ୍ଜେଇ ସିଗାରେଟ ଓ ଡ୍ରଗ୍ସ ସେବନ କରି ନିଶାଶକ୍ତ ଅବସ୍ଥାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ବ୍ରହ୍ମପୁର ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ହେଁ ସହରର ବିଭିନ୍ନ ସ୍ଥାନରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷାନୁଷ୍ଠାନ ଓ ସପିଂମଲ୍ ଗୁଡିକ ନିକଟରେ ସାଧାରଣତଃ ଏହି କାରବାର ବହୁଳ ଭାବେ ଚାଲିଥିବା ଦେଖିବାକୁ ମିଳୁଛି। କୋଡୱାର୍ଡ ବ୍ୟବହାର କରି ଏହି ନିଷିଦ୍ଧ ନିଶା କାରବାର ଚାଲିଥିବା ଜଣାପଡ଼ିଛି। ମୁଖ୍ୟତଃ ଚାମ୍ପା, ଗୋଗୋ, ବାବା ନାମରେ ଗଂଜେଇ ସିଗାରେଟ ବିକ୍ରି ହେଉଥିବା ଅଭିଯୋଗ ରହିଛି। ଶ୍ରାବଣ ମାସରେ କାଉଡ଼ିଆମାନେ ପରମ୍ପରା ଆଳରେ ଗଂଜେଇ ସେବନ କରିଥାନ୍ତି। ସେହିପରି ବର୍ତ୍ତମାନ ଜିଲ୍ଲାରେ ଦଣ୍ଡନାଚ ଆରମ୍ଭ ହୋଇଯାଇଛି। ଏହାର ସୁଯୋଗ ନେଇ ମଧ୍ୟ କିଛି ଦଣ୍ଡୁଆ ଓ ମାନସିକଧାରୀ ଗଞ୍ଜେଇ ସେବନ କରିଥାନ୍ତି। ସେମାନେ ଚିଲମରେ ଗଂଜେଇ ଟାଣୁଥିବା ବେଳେ ଯୁବପିଢ଼ି ଗୋଗୋ ଭଳି ବିଭିନ୍ନ ନିଶା ସିଗାରେଟ ସେବନ କରୁଥିବା ଜଣାପଡ଼ିଛି। ଏହି ଗଞ୍ଜେଇ ସିଗାରେଟ ଓ ଡ୍ରଗ୍ସ ସେବନ କରି ଲାଞ୍ଜିପଲ୍ଲୀ ଦୀପ ସାହିର ଅଭିଯୁକ୍ତ ଅର୍ଜୁନ ନାୟକ ଓ ଆଦିତ୍ୟ ନାୟକ ସମେତ ନାବାଳକ ଜଣକ ଗତ ୨୯ତାରିଖ ସନ୍ଧ୍ୟାରେ ଚନ୍ଦନନଗର ଠାରେ ଥିବା ଏକ ପଡ଼ିଆରେ ଆନ୍ଧ୍ରର ଜନୈକା ୧୭ ବର୍ଷିଅ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ନାବାଳକ ଘଟଣାସ୍ଥଳରେ ନିଶାସକ୍ତ ଅବସ୍ଥାରେ ଶୋଇପଡ଼ିବା ପରେ ପ୍ରାୟ ରାତି ୧୦ଟା ପରେ ଅର୍ଜୁନ ଓ ଆଦିତ୍ୟ ଦୁହେଁ ସମ୍ପୃକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ଗୋଷାଣୀ ନୂଆଗାଁ ଥାନାରେ ଅଭିଯୋଗ ପରେ ନାବାଳିକାର ବୟାନ ରେକର୍ଡ କରାଯାଇଥିଲା। କିଛି ନିଶା ଦେଇ ଗଣଦୁଷ୍କର୍ମ କରିଥିବା ନେଇ ପୁଲିସ ନିକଟରେ ପୀଡ଼ିତା ଅଭିଯୋଗ କରିଛନ୍ତି।

# ବ୍ରହ୍ମପୁର ସହରରକୁ ଲଜ୍ଜିତ କଲାଣି ୪ଟି ଗଣଦୁଷ୍କର୍ମ

ବ୍ରହ୍ମପୁର,୩୧ା୩(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨ ବର୍ଷ ମଧ୍ୟରେ ଘଟିଲାଣି ୪ଟି ଗଣଦୁଷ୍କର୍ମ ମାମଲା। ଯାହା ସହରକୁ ଲଜ୍ଜିତ କରିଛି। ସବୁ ମାମଲାରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏପରିକି ଗୋଟିଏ ମାମଲାରେ କୋର୍ଟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ ମଧ୍ୟ କରିଛି। ତଥାପି ଗଣଦୁଷ୍କର୍ମ ମାମଲାରେ ରୋକ୍ ଲାଗୁନି। ନିକଟରେ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ୧୭ ବର୍ଷିଆ ନାବାଳିକାକୁ ଗଣଦୁଷ୍କର୍ମ ଅଭିଯୋଗ ପରେ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ନାବାଳକକୁ ବାଳସୁଧାର ଗୃହରେ ହାଜର କରିଛି।

ଗତବର୍ଷ ଜୁନ୍ ୩ ରାତିରେ ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗାଁରେ ଚାଲିଥିବା ଶୁଭକାର୍ଯ୍ୟରେ ଦୁଇ ନବାଳିକା ସମ୍ପର୍କୀୟ ଭଉଣୀ ଯୋଗଦେବାକୁ ଯାଇ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ସମ୍ପୃକ୍ତ ଦୁଇ ନାବାଳିକା ଭଉଣୀଙ୍କୁ ଏକ ପରିତ୍ୟକ୍ତ ସ୍ଥାନରେ ୪ ଜଣ ଯୁବକ ମିଶି ଦୁଇ ଗଣଦୁଷ୍କର୍ମ କରିଥିଲେ। ତା' ପରଦିନ ମଧ୍ୟ ଅନ୍ୟଏକ ସ୍ଥାନରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ ୪ ଯୁବକ। ଏପରିକି ଦୁଇ ନାବାଳିକାଙ୍କୁ ନିଜ ଘରକୁ ଛାଡ଼ିବା ଆଳରେ ୪ ଜଣଙ୍କ ମଧ୍ୟରୁ ୨ ଯୁବକ ଗଣଦୁଷ୍କର୍ମ କରିଥିଲେ। ଏଭଳି ଦୁଇ ନାବାଳିକାଙ୍କୁ ଦୁଇ ଦିନରେ ତିନୋଟି ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ ଯୁବକମାନେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଗୋଳନ୍ଥରା ଥାନାରେ ଗତ ୪ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବିଶାଖାପାଟନମରୁ କେ. ଶିବା(୨୧), କେ. ସାଇ (୨୧), ଜି. ଗରେୟା(୨୧) ଓ ଏନ୍. ଶ୍ରୀନୁ (୨୨) ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ସେହିଭଳି ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ରେ ଜଣେ ଯୁବତୀଙ୍କୁ ୪ ଯୁବକ ଗଣଦୁଷ୍କର୍ମ କରିଥିବା ବେଳେ ୬ ଜଣ ସହଯୋଗ କରିଥିଲେ। ଯାହା ଫଳରେ ପୁଲିସ ୧୦ ଜଣଙ୍କୁ ଧରିଥିଲା। ୬ଜଣ ସାବାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଏଥିରେ ଅନ୍ୟତମ ସାବାଳକ ଓମ୍ ପ୍ରଧାନଙ୍କୁ ଚାର୍ଜସିଟରୁ ବାଦ ଦିଆଯାଇଛି। ଏହି ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି।

୨୦୨୪ ମାର୍ଚ୍ଚ ୩ରେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଏକ ବ୍ୟାଚଲର୍ ରୁମ୍‌ରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିଲା। ଏହି ମାମଲାରେ ପୁଲିସ ରୁତୁନ କୁମାର ଦାସ, ରୁଦ୍ର ଜେନା, ଅଭିଲାଷ ପଲାଇ, ଆକାଶ ନାୟକ, ଓମକାର ଜେନା ଓ ଜୁମନ ଗୌଡ ଆଦି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚଳିତବର୍ଷ ଜାନୁଆରୀ ୨୯ରେ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ପ୍ରଣତୀ ପଟ୍ଟନାୟକ ଉକ୍ତ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାରଣା କରି ୬ ଜଣ ଯୁବକଙ୍କୁ ୨୦ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଅପରପକ୍ଷେ, ଗତ ୨୬ତାରିଖରେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ଜଜ୍ ରୋହିତ ଲାଲ ପଣ୍ଡା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ସଂପୃକ୍ତ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳର କେବଶ ନାହାକ ଓରଫ କେଶା। ଏହି ଦଣ୍ଡାଦେଶ ପରେ ଅପରାଧୀମାନେ ଭୟଭୀତ ହୋଇ ଏଭଳି କାର୍ଯ୍ୟରୁ ନିର୍ବୃତ୍ତ ରହିବେ ଭାବିବା ବେଳକୁ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଆଉ ଏକ ଗଣଦୁଷ୍କର୍ମ ମାମଲା ଚାଞ୍ଚଲ୍ୟ ଖେଳାଇଦେଇଛି।

## ପିଲା ଚୋର ସନ୍ଦେହରେ ମହିଳା ଅଟକ

ବ୍ରହ୍ମପୁର,୩୧ା୩(ସମିସ): ପିଲାଚୋର ସନ୍ଦେହରେ ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଲପୁର ଗ୍ରାମବାସୀ ଜଣେ ମହିଳାଙ୍କୁ ଅଟକ ରଖି ପୁଲିସ୍‌କୁ ହସ୍ତାନ୍ତର କରିଛନ୍ତି। ଆଜି ଅପରାହ୍ନରେ ଜଗଦଲପୁର ବାଉରିସାହିରେ ୨ଜଣ ଅଣଓଡ଼ିଆ ମହିଳା ସନ୍ଦେହଜନକ ଅବସ୍ଥାରେ ବୁଲୁଥିବାବେଳେ ଗ୍ରାମବାସୀ ପଚରାଉଚରା କରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ଗ୍ରାମାବସୀ ଉଭୟଙ୍କୁ ଅଟକ ରଖିଥିଲେ ମଧ୍ୟ ଜଣେ ମହିଳା କୌଶଳକ୍ରମେ ଖସି ପଳାଇଥିଲେ।

## କଲେଜ ଛାତ୍ରୀଙ୍କୁ ବ୍ଲାକମେଲ୍; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୧ା୩(ସମିସ): ବ୍ରହ୍ମପୁର ସହରର ଏକ ସରକାରୀ କଲେଜରେ ପଢୁଥିବା ଜଣେ ୧୮ ବର୍ଷୀୟା ଛାତ୍ରୀଙ୍କୁ ବ୍ଲାକମେଲ ସହ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୁଲିସ କଟକର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରାକେଶ ରାଉତ(୨୫)। ସାମାଜିକ ଗଣମାଧ୍ୟମ ଜରିଆରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପରେ ରାକେଶ ବିଭିନ୍ନ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ଫଟୋ ଏବଂ ଭିଡିଓ ଉତ୍ତୋଳନ କରିଥିଲେ। ପରେ ଛାତ୍ରୀଜଣଙ୍କ ତାଙ୍କ କଥାରେ ରାଜି ନହେବାରୁ ସାମାଜିକ ଗଣମାଧ୍ୟମରେ ଏହାକୁ ଭାଇରାଲ କରି ଦେଇଥିଲେ। ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ମୁମ୍ବାଇ ପଳାଇଥିଲା। ପୁଲିସ ମୁମ୍ବାଇ ଯାଇ ତାଙ୍କୁ ଗିରଫ କରି ବ୍ରହ୍ମପୁର ଆଣିଛି।

## ଜିଲ୍ଲାରେ ବୁଲିଲା ସଚେତନତା ରଥ



ଛତ୍ରପୁର,୩୧ା୩(ସମିସ): ଜନଗଣନା ନିମନ୍ତେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ମଙ୍ଗଳବାର ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ। ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଲି ଲୋକମାନଙ୍କୁ ଜନଗଣନାରେ ସକ୍ରିୟ ଭାଗନେବା ଓ ଆବଶ୍ୟକୀୟ ସହଯୋଗ କରିବା ପାଇଁ ସଚେତନ କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତାରାତାରିଣୀଙ୍କ ଚୈତ୍ରମେଳା

### ବାସନ୍ତିକ ଦୁର୍ଗା ବେଶରେ ଦର୍ଶନ ଦେଲେ ମା'





ପୁରୁଷୋତ୍ତମପୁର,୩୧ା୩(ସମିସ): ଗଞ୍ଜାମ ଜିଲ୍ଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଉଦ୍‌ଯାପିତ ହୋଇଛି। ଶେଷ ପାଳିରେ ମା'ତାରାତାରିଣୀ ବାସନ୍ତିକ ଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

ଶେଷ ପାଳିରେ ଭୋର ସାଢେ ୨ଟାରୁ ମନ୍ଦିର ଦ୍ୱାର ଫିଟା ଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ ଆଦି ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା'ତାରାତାରିଣୀଙ୍କୁ ବାସନ୍ତିକ ଦୁର୍ଗା ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ସାଢ଼େ ୪ଟାରେ ସାହାଣ ମେଲା ହୋଇ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହାସହ ଭୋର ୩ଟା ୩୦ରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତମାନେ ପାହାଡ଼ ପାଦଦେଶ ମୁଣ୍ଡନଶାଳାରେ ଶିଶୁଙ୍କ ମୁଣ୍ଡନ କରାଇଥିଲେ। ମେଘୁଆ ପାଗ ରହିଥିବାରୁ ଶ୍ରଦ୍ଧାଳୁ ୯୯୯ ପାହାଚ ଚଢ଼ି ମା'ଙ୍କୁ ଦର୍ଶନ କରିଛନ୍ତି। ସେହିପରି ରୋପୱେରେ ଓ ବସ୍ ମାଧ୍ୟମରେ ପାହାଡ଼ ଉପରକୁ ଆସି ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନଙ୍କ ପାଇଁ ମନ୍ଦିର ପାଦଦେଶରେ ପ୍ରଶାସନ ପକ୍ଷରୁ ମାଗଣା ଅନ୍ନ ପ୍ରସାଦ ଦିଆଯାଇଥିଲା। ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଆସି କିଭଳି ଶାନ୍ତି ଶୃଙ୍ଖଳାର ସହ ମା'ଙ୍କ ଚୈତ୍ରଯାତ୍ରା ଶେଷ ହେବ ସେନେଇ ତଦାରଖ କରିଥିବାବେଳେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଷିଶ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅତିରିକ୍ତ ତହସିଲଦାର ଭି. ଦେବାଶିଷ ମହାପାତ୍ର, ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ତହସିଲ କର୍ମଚାରୀ, ପୁଲିସ ଫୋର୍ସ ଓ ଛତ୍ରପୁରର ରାମଚଣ୍ଡୀର ସ୍ୱେଚ୍ଛାସେବୀ କମିଟି, ପାରଳାଖେମୁଣ୍ଡି, ପୁରୁଷୋତ୍ତମପୁର ସ୍ୱପ୍ନେଶ୍ୱର କମିଟିର ସ୍ୱେଚ୍ଛାସେବୀମାନେ ସହଯୋଗ କରିବା ସହ ସେବାୟତ ସଂଘ ସଭାପତି ତପନ ରଣା, ବାପୁଜୀ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ।

## ଦୁଇ ଦୋକାନରୁ ୧୨ ଗ୍ୟାସ୍ ସିଲିଣ୍ଡର ଜବତ

ବ୍ରହ୍ମପୁର,୩୧ା୩(ସମିସ): ସହରରେ ଅବୈଧ ଭାବେ ଗ୍ୟାସ ସିଲିଣ୍ଡର ମହଜୁତ ଓ ବ୍ୟବହାରକୁ ନେଇ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ବାଲାଜୀପେଣ୍ଠ ସାହି ସ୍ଥିତ ରାଜୁ ମିଠା ଦୋକାନରୁ ୧୦ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିବା ବେଳେ ଖାସପା ସାହି ସ୍ଥିତ ପନିର ହାଉସରୁ ୨ଟି ସିଲିଣ୍ଡର ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସିଭିଲ ସପ୍ଲାଇଜ ବିଭାଗ ପକ୍ଷରୁ ଜବତ ହୋଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ଗ୍ୟାସ ସିଲିଣ୍ଡରର ଅବୈଧ ବ୍ୟବହାର ହେଉଥିବା ଖବର ପାଇ ଅଧିକାରୀମାନେ ଚଢ଼ାଉ କରିଥିଲେ। ଯାଞ୍ଚ ସମୟରେ ଦୁଇଟି ଦୋକାନରୁ ମୋଟ ୧୨ଟି ସିଲିଣ୍ଡର ମିଳିଥିବା ବେଳେ ବ୍ୟବସାୟୀମାନେ ଆବଶ୍ୟକ ମୁତାବକ କାଗଜପତ୍ର ପ୍ରଦାନ କରିନଥିବାରୁ ସମସ୍ତ ସିଲିଣ୍ଡର ଜବତ କରାଯାଇଥିଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦେଇଛି। ଚଢ଼ାଉ ସମୟରେ ଆଡ଼ିସନାଲ ସିଏସଓ ଶୁଭରାଜ ସାମନ୍ତରାୟ, ଏସିଏସଓ ସଞ୍ଜୟ କୁମାର ମଲ୍ଲିକ, ଏସଆଇ ପୁଷ୍ପାଞ୍ଜଳୀ ବେହେରା ଓ ଏମଆଇ ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଞ୍ଜ ନଇଁଲେ ଅଚଳ ଏମ୍‌କେସିଜି ରକ୍ତଭଣ୍ଡାର

ବ୍ରହ୍ମପୁର,୩୧ା୩(ସମିସ):

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ରକ୍ତ ଭଣ୍ଡାର ଉପରେ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସଂକଟାପନ୍ନ ରୋଗୀ ନିର୍ଭରଶୀଳ। ବିଶେଷକରି ଏମକେସିଜି ମେଡିକାଲ ଓ ବ୍ରହ୍ମପୁର ସମେତ ଏହାର ଆଖପାଖରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲର ଶତାଧିକ ରୋଗୀ ରକ୍ତ ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ସଞ୍ଜ ନଇଁବା ପରେ ଏମକେସିଜି ମେଡ଼ିକାଲର ରକ୍ତ ଭଣ୍ଡାର ସତେ ଯେମିତି ଅନ୍ଧକାର ମାଡିଆସୁଛି ଆଉ ସେଠାରେ ସୃଷ୍ଟି ହେଉଛି ଅଚଳାବସ୍ଥା। ଫଳରେ ଜରୁରିକାଳୀନ ସମୟରେ ରକ୍ତର ଆବଶ୍ୟକତା ଥିବା ସଂକଟାପନ୍ନ ରୋଗୀଙ୍କୁ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାତି ସମୟରେ ରକ୍ତ ଭଣ୍ଡାରରେ ଡାକ୍ତରଙ୍କ ଦେଖା ମିଳୁନଥିବା ବେଳେ ଲ୍ୟାବ ଟେକ୍ନିସିଆନ(ଏଲଟି), ଆଟେଣ୍ଡାଣ୍ଟ ଓ ସୁରକ୍ଷାକର୍ମୀଙ୍କ ଭରସାରେ ଚାଲୁଛି ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାର।

- ରକ୍ତ ପାଇଁ ହାହାକାର ରୋଗୀ, ଫାଇଦା ନେଉଛନ୍ତି ଦଲାଲ, ପ୍ରକ୍ସିରେ ଚାଲିଛି ଡ୍ୟୁଟି
- ରାତିରେ ଡାକ୍ତରଙ୍କ ଦେଖାମିଳୁନି, ଏଲ୍‌ଟିଙ୍କ ଭରସାରେ ଚାଲୁଛି ରକ୍ତଭଣ୍ଡାର

ରାତିରେ ରକ୍ତ ନେବାକୁ ଆସୁଥିବା ରୋଗୀଙ୍କୁ ରକ୍ତ ପ୍ରଦାନ କରାଯାଉ ନଥିବା ବେଳେ ଡୋନରଙ୍କ ଜରିଆରେ ରକ୍ତ ନେବାକୁ ଚାହିଁଲେ ମଧ୍ୟ କାର୍ଯ୍ୟରତ ଏଲଟି ରକ୍ତ ସଂଗ୍ରହ କରୁନଥିବା ଅଭିଯୋଗ ହୋଇଛି। ଗତ ସୋମବାର ରାତିରେ ଜଣେ ରୋଗୀଙ୍କ ସମ୍ପର୍କୀୟ ୩ଟି ଡୋନରଙ୍କୁ ନେଇ ରକ୍ତ ଭଣ୍ଡାରକୁ ଆସିଥିବା ବେଳେ ତାଙ୍କୁ ରକ୍ତ ଦେବାକୁ ସ୍ପଷ୍ଟ ମନା କରାଯାଇ ସକାଳେ ଆସିବାକୁ କୁହାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ କାର୍ଯ୍ୟରତ ଏଲଟି ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବଚସା ହେବାପରେ ଡୋନର ବଦଳରେ ରୋଗୀଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା। ସେହିପରି ରାୟଗଡ଼ା ଜିଲ୍ଲାର ଜଣେ ରୋଗୀ ମେଡ଼ିକାଲର ଆଶୁଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ରକ୍ତର ଆବଶ୍ୟକତା ଥିବାରୁ ରକ୍ତ ସଂଗ୍ରହ କରିବାକୁ ଡ଼ାକ୍ତର ପରାର୍ମଶ ଦେଇଥିଲେ। ତେବେ ଉକ୍ତ ରୋଗୀଙ୍କୁ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ପ୍ରଦାନ କରଯାଇନଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଙ୍ଗଳବାର ରୋଗୀଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା। ଏଭଳି ଭାବେ ରକ୍ତ ଭଣ୍ଡାରରେ ଲାଗି ରହିଥିବା ମନୁଷ୍ୟକୃତ ଅବ୍ୟବସ୍ଥା ରୋଗୀଙ୍କୁ ବିଭିନ୍ନ ସମୟରେ ଜଟିଳ ପରିସ୍ଥିତି ଆଡ଼କୁ ଠେଲି ଦେଉଛି। ଏହାର ପ୍ରତିବାଦ କଲେ ରୋଗୀ ଅଥବା ସେମାନଙ୍କ ସମ୍ପର୍କୀୟଙ୍କୁ ରକ୍ତ ଭଣ୍ଡାରର କିଛି କର୍ମଚାରୀ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ସେହିପରି ରକ୍ତ ଭଣ୍ଡାରରେ ଜଣେ ଲାବ୍ ଟେକ୍ନିସିଆନଙ୍କ ଡ୍ୟୁଟି ସମୟରେ ପ୍ରକ୍ସିରେ ଅନ୍ୟଜଣେ କାମ କରୁଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧକ୍ଷ ତଥା ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡ଼ା. ସୂଚିତ୍ରା ଦାଶଙ୍କ ନିକଟରେ ଅଭିଯୋଗ ପରେ ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡ଼ାକ୍ତରଙ୍କୁ ତାଗିଦ୍ କରିବା ସହ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ବିଭିନ୍ନ ସମସ୍ୟା ଯୋଗୁଁ ରକ୍ତ ଭଣ୍ଡାରେ ରୋଗୀଙ୍କୁ ସଠିକ ସମୟରେ ରକ୍ତ ମିଳୁନାହିଁ। ଫଳରେ ରକ୍ତ ପାଇଁ ଗୁରୁତର ରୋଗୀ ଓ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହାର ସୁଯୋଗ ନେଇ ରକ୍ତ ଭଣ୍ଡାରରେ କିଛି ଦଲାଲ ସକ୍ରିୟ ହୋଇପଡ଼ିଛନ୍ତି। ରକ୍ତ ନପାଇ ହତାଶ ରୋଗୀଙ୍କ ପରିବାରକୁ ଟାର୍ଗେଟ କରି ଅଧିକ ଟଙ୍କା ନେଇ ରକ୍ତ ଯୋଗାଣ କରାଯାଉଥିବା ଅଭିଯୋଗ ଆସୁଛି। ଏହାଦ୍ୱାରା ଦୁର୍ବଳ ଓ ଆର୍ଥିକ ଭାବେ ପଛୁଆ ରୋଗୀମାନେ ବେଶି ପ୍ରଭାବିତ ହେଉଛନ୍ତି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରି ବଡ଼ ହସ୍ପିଟାଲରେ ଯଦି ରାତିରେ ଏପରି ଅବ୍ୟବସ୍ଥା ରହିବ, ତେବେ ଗୁରୁତର ରୋଗୀଙ୍କ ଜୀବନ ସଙ୍କଟରେ ପଡ଼ିବା ନିଶ୍ଚିତ। ରାତି ସମୟରେ ଡାକ୍ତରଙ୍କ ନିଯୁକ୍ତି, ସୁଚାରୁ ପରିଚାଳନା ଓ ଦଲାଲ ଗୋଷ୍ଠୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିକୁ ନେଇ ସ୍ୱାସ୍ଥ୍ୟବିଭାଗ ଓ ହସ୍ପିଟାଲ କର୍ତ୍ତୃପକ୍ଷ ତତ୍କାଳ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।




## ଖୁଲମ୍‌ଖୁଲା ବୁଲୁଛନ୍ତି ଶାନ୍ତିମାର୍ଗ ସଂଘବଦ୍ଧ ଆକ୍ରମଣକାରୀ

**ଉଭୟ ପକ୍ଷରୁ ମାମଲା ସତ୍ତ୍ୱେ ଅଟକିଛି ପୁଲିସ କାର୍ଯ୍ୟାନୁଷ୍ଠାନ**

ବ୍ରହ୍ମପୁର,୩୧ା୩(ସମିସ): ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଶାନ୍ତିମାର୍ଗରେ ଗତ ୮ ତାରିଖ ବିଳମ୍ବିତ ରାତିରେ ଜନୈକ ଯୁବ ଆଇନଜୀବୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ତାଙ୍କ ପରିବାର ସଦସ୍ୟ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ। ଆକ୍ରମଣର ଶୀକାର ଯୁବ ଆଇନଜୀବୀ ମହେଶ ତ୍ରିପାଠୀଙ୍କ ପତ୍ନୀ କମଳକୁମାରୀ ନାୟକ ଏନେଇ ଥାନାରେ ଲିଖିତ ଏତଲା ଦେଇଥିଲେ। ପୁଲିସ ୯ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରିନଥିବା ଜଣାପଡ଼ିଛି। ତେବେ ଘଟଣାରେ ସମ୍ପୃକ୍ତ ଅପରାଧୀମାନେ ନିକଟରେ ରାମନବମୀ ଅବସରରେ ଆୟୋଜିତ ଶୋଭାଯାତ୍ରାରେ ମାରଣାସ୍ତ୍ର ଧରି ଖୁଲମଖୁଲା ବୁଲୁଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ୨୯୮, ୧୦୯(୧), ୧୧୫(୨), ୩୫୧(୨), ୩(୫), ଆର୍ମସ ଆକ୍ଟ ୨୫(୧)(କ) ଓ ୨୭, ଏକ୍ସପ୍ଲୋସିଭ ସବଷ୍ଟାନସେସ ଆକ୍ଟ ୩ ଓ ୪ରେ ମାମଲା ରୁଜୁ ହୋଇଛି। ସେପଟେ ଘଟଣାକୁ ନେଇ ଆଇନଜୀବୀ ମହେଶ ତ୍ରିପାଠୀଙ୍କ ନାମରେ ମଧ୍ୟ ପାଲଟା ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେବେ ଏନେଇ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ବେଳେ ବିପକ୍ଷ ଗୋଷ୍ଠୀର ଅପରାଧୀଙ୍କୁ ମଧ୍ୟ ପୁଲିସ ଗିରଫ କରିନଥିବା ଅଭିଯୋଗ ହୋଇଛି।

- ନିଆଁରେ ପୋଡ଼ିହୋଇ ନବବଧୂଙ୍କ ମୃତ୍ୟୁ ମାମଲା

## ଅଭିଯୁକ୍ତ ସ୍ୱାମୀଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର,୩୧ା୩(ସମିସ): ନୂଆ ଗୋଳବନ୍ଧରେ ୨୦୧୪ରେ ଘଟିଥିବା ନିଆଁରେ ପୋଡ଼ି ହୋଇ ନବବଧୂଙ୍କ ମୃତ୍ୟୁ ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲାଜଜ ଆୟୁଷ୍ମାନ ମହନ୍ତ ସମ୍ପୃକ୍ତ ନବବଧୂଙ୍କ ସ୍ୱାମୀଙ୍କୁ ୩ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ନୂଆଗୋଳବନ୍ଧ ଗ୍ରାମର ସନ୍ତୋଷ କୁମାର ବେହେରା(୪୨)। ଜେଲ୍ ସହ ତାଙ୍କୁ ୧୦ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏହି ମାମଲାରେ ଅଭିଯୁକ୍ତ ଥିବା ନବବଧୂଙ୍କ ଶାଶୁ ବିଷ୍ଣୁପ୍ରିୟା ବେହେରାଙ୍କ ମୃତ୍ୟୁ ହୋଇ ସାରିଥିବାରୁ ତାଙ୍କୁ ଏହି ମାମଲାରୁ ବାଦ ଦିଆଯାଇଥିବା ବେଳେ ନବବଧୂଙ୍କ ଦିଅର ସଞ୍ଜୟ ବେହେରାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶଯେ, ନୂଆ ଗୋଳବନ୍ଧର ସୁଲତା ବେହେରା ୨୦୧୪ ଜୁଲାଇ ୪ରେ ଅଭିଯୁକ୍ତ ସନ୍ତୋଷଙ୍କୁ ବିବାହ କରିଥିଲେ। ହେଲେ ବିବାହର କିଛିଦିନ ପରେ ହିଁ ଅଧିକ ଯୌତୁକ ଦାବିରେ ସୁଲତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଥିରେ ଅତିଷ୍ଠ ହୋଇ ସେହିବର୍ଷ ସେପ୍ଟେମ୍ବର ୨୯ତାରିଖରେ ସୁଲତା ନିଜ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ସୁଲତାଙ୍କ ବାପା ପର୍ଶୁରାମଙ୍କ ଅଭିଯୋଗପ୍ରକାରେ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ସେହି ସମୟରେ ସନ୍ତୋଷ ଓ ସଞ୍ଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ଉଭୟ ଜାମିନରେ ମୁକୁଳିଥିଲେ। ତଦନ୍ତ ବେଳେ ପୁଲିସ ନବବଧୂଙ୍କ ଶାଶୁ ବିଷ୍ଣୁପ୍ରିୟାଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଥିଲା। ମାମଲାର ବିଚାରଣ ବେଳେ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ସନ୍ତୋଷ ଓ ସଞ୍ଜୟ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ମଧୁସ୍ମିତା ସେଠୀ ଓ ସହକାରୀ ପିପି ଅରୁଣ କୁମାର ବିଶ୍ୱାଳ ମୋକଦ୍ଦମା ପରିଚାଳନା କରୁଥିଲେ।

## ଡିଆଇସି ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରଦାନ

ବ୍ରହ୍ମପୁର,୩୧ା୩(ସମିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୪୩ଜଣ ଶିଶୁଙ୍କୁ ସିଟି ହସ୍ପିଟାଲ ସ୍ଥିତ ଡିଆଇସି ପକ୍ଷରୁ ମଙ୍ଗଳବାର କୃତ୍ରିମ ଅଙ୍ଗ ଏବଂ ବିଭିନ୍ନ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଡିଇଆଇସି ଓ ଏସଏସଇପିଡି ବିଭାଗ ଅଧୀନ ଏଆର୍‌ସି କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହାକୁ ପ୍ରଦାନ କରାଯାଇଛି। ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର ଶିବିରରେ ଉକ୍ତ ଶିଶୁମାନଙ୍କୁ ଚିହ୍ନଟ କରାଯାଇଥିଲା। ସେହିପରି ଶରୀର ନିରୀକ୍ଷଣ କରିବା ପରେ ଆବଶ୍ୟକ ଉପକରଣ ପ୍ରସ୍ତୁତ ହୋଇଥିଲା। ଜିଲ୍ଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରବନ୍ଧକ ଲୋପାମୁଦ୍ରା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ ଡା. ବିଜୟ କୁମାର ପାଣିଗ୍ରାହୀ, ଡା. ଜଗଦୀଶ ପଟ୍ଟନାୟକ ଓ ଜଗତଜୟ ଶର୍ମାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ବଞ୍ଚି ଥାଉଥାଉ ମୃତ

## ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ



- ଆଧାର ଅପଡେଟରେ ସମସ୍ୟା ଯୋଗୁଁ ଏଣେତେଣେ ଦୌଡ଼ି ଲୋକେ ହନ୍ତସନ୍ତ
- ନିଜର ଭୁଲ ନ ଥାଇ ବି ରାସନ ଏବଂ ଋଣ ପାଇବାରୁ ବଞ୍ଚିତ
- ସମସ୍ୟା ସମ୍ପର୍କରେ ଅବଗତ ପରେ ସ୍ଥାୟୀ ସମାଧାନ ନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**ବ୍ରହ୍ମପୁର, ୩୧।୩ (ସମିସ):** ସ୍ଥାନୀୟ କେନାଲ ସାହି ବାସିନ୍ଦା ତଥା ସ୍ୱର୍ଗତ ଗୌରାଙ୍ଗ ବେହେରାଙ୍କ ବିଧବା ପତ୍ନୀ ଅନୁ ବେହେରା(୫୭)। ସେହିଭଳି ଗେଟବଜାର ଜାଗିଲି ସାହିର ସ୍ୱର୍ଗତ ବିଜୟ କୁମାର ବେହେରାଙ୍କ ବିଧବା ପତ୍ନୀ ସଂଯୁକ୍ତା ବେହେରା (୫୬) ଏବଂ ସ୍ୱର୍ଗତ ଗୋପାଳ ବେହେରାଙ୍କ ବିଧବା ପତ୍ନୀ କୁମାରୀ ବେହେରା (୫୦)। ସମସ୍ତେ ବ୍ରହ୍ମପୁର ମହାନଗର ନିଗମର ୧୭ନମ୍ବର ୱାର୍ଡ ବାସିନ୍ଦା। ସମସ୍ତେ ଜୀବିତ ମଧ୍ୟ। ତେବେ ଆଧାର ତଥ୍ୟ ଅନୁଯାୟୀ ଏମାନେ ସମସ୍ତେ ମୃତ। ଆଧାର କାର୍ଡ ଅପଡେଟ କରିବାକୁ ଯିବାବେଳେ ସେମାନଙ୍କୁ ମୃତ ଦର୍ଶାଯାଇଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। କେବଳ ଆଶ୍ଚର୍ଯ୍ୟ ହୋଇନଥିଲେ ବରଂ ଏହା ଦ୍ୱାରା ସେମାନେ ପରବର୍ତ୍ତି ସମୟରେ ପୂର୍ବରୁ ପାଇ ଆସୁଥିବା ବିଭିନ୍ନ ସରକାରୀ ଯୋଜନାରୁ ମଧ୍ୟ ବଞ୍ଚିତ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ନିଜର କୌଣସି ଭୁଲ ନଥାଇ ସୁଦ୍ଧା କେବଳ ଅନୁ, ସଂଯୁକ୍ତା ଏବଂ କୁମାରୀ ଯେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଏହା ନୁହେଁ ବରଂ ଏମାନଙ୍କ ଭଳି ବହୁ ନିରୀହ ତଥା ଗରୀବ ହିତାଧିକାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଧାର କାର୍ଡରେ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି।

ସବୁଠାରୁ ବଡକଥା ହେଲା ହିତାଧିକାରୀଙ୍କ ପୂର୍ବରୁ ଥିବା ଆଧାର କାର୍ଡ ଜରିଆରେ ସେମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇ ଆସୁଥିଲେ। ଏପରିକି ବର୍ତ୍ତମାନର ଡବଲ ଇଂଜିନ ସରକାରଙ୍କ ସୁଭଦ୍ରା ଯୋଜନାର ମଧ୍ୟ କିଏ ୪ଟି ତ ଆଉ କିଏ ୩ଟି କିସ୍ତିର ଅର୍ଥ ମଧ୍ୟ ପାଇଛନ୍ତି। ତେବେ ବର୍ତ୍ତମାନ ଯେତେବେଳେ ଆଧାର ଅପଡେଟ ପାଇଁ କୁହାଯାଇଛି ସେହି ସମୟରେ ଏଭଳି ସମସ୍ୟା ଦେଖାଦେଇଛି। ସହରର ବିଭିନ୍ନ ୱାର୍ଡର ବହୁ ହିତାଧିକାରୀଙ୍କ ଏଭଳି ସମସ୍ୟା ଉପୁଜିଥିବା ବେଳେ ଅନେକ ଜିବୀତଙ୍କୁ ମୃତ ମଧ୍ୟ ଦର୍ଶାଯାଇଛି। ଯାହାର ସଂଶୋଧନ କରିବାକୁ ଯାଇ ହିତାଧିକାରୀଙ୍କୁ ଏଣେତେଣେ ଦୌଡ଼ିବାକୁ ପଡୁଛି। କେବଳ ଏତିକି ନୁହେଁ ବରଂ ଆଧାର ସଂଶୋଧନ ପାଇଁ ଲୋକେ ଥରକୁ ୧୩୦ଟଙ୍କା ଖର୍ଚ୍ଚ କରି ନୟାନ୍ତ ହୋଇଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି। ଆଧାରରେ ସମସ୍ୟା ସୃଷ୍ଟି ଯୋଗୁଁ ଲୋକେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୫କିଲୋ ଚାଉଳ ଏପରିକି ଆଧାରରେ ଭୁଲ ଯୋଗୁଁ ବ୍ୟାଙ୍କରୁ ଋଣ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ସବୁଠାରୁ ବଡକଥା ହେଲା ଆଧାରରେ ସଂଶୋଧନ କରିବାକୁ ଲୋକେ ବିଇଏମସି, ଡାକବିଭାଗ, ବିଭିନ୍ନ ବ୍ୟାଙ୍କ, ଜନସେବା କେନ୍ଦ୍ର ଓ ଆଧାର କେନ୍ଦ୍ରକୁ ଗଲେ ସେଠାରେ ଭୁବନେଶ୍ୱର ଓକାକ କେନ୍ଦ୍ରକୁ ଯିବାକୁ ପରାମର୍ଶ ଦିଆଯାଉଛି। ସମସ୍ତଙ୍କ ପକ୍ଷେ ଭୁବନେଶ୍ୱର ଯିବା ସମ୍ଭବପର ନଥିବା ବେଳେ ଯେଉଁମାନେ ଭୁବନେଶ୍ୱର ଯାଉଛନ୍ତି ସେଠାରେ ସେମାନଙ୍କୁ ଦୁଇମାସ ସମୟ ଲାଗିବ ବୋଲି କୁହାଯାଉଛି। ଫଳରେ ଗରୀବ ଲୋକମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଘଟଣାରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ କର୍ପୋରେଟର ଦୁର୍ଗାପ୍ରସାଦ ଲାୟକ ଦାବି କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କ ସହ ଯୋଗାଯୋଗ କରାଯିବାରେ ସେ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏବଂ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ



**ଆସିକା,୩୧।୩(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ଝାଡ଼ଖଣ୍ଡ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରିଛି ଜିଲ୍ଲା ବିଜେଡି। ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ କଳିଙ୍ଗ ରୋଡଠାରେ ଥିବା ବିଜେଡି କାର୍ଯ୍ୟାଳୟରୁ ଏକ ବିରାଟ ବାଇକ ରାଲିରେ ବାହାରି ଆସିକା ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ପହଞ୍ଚିଥିଲେ। ସାଂସଦ ଦୁବେ ଉତ୍କଳର ବୀରପୁତ୍ର ବିଜୁ ବାବୁଙ୍କ ପ୍ରତି ଦେଇଥିବା ମନ୍ତବ୍ୟ ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ ସହ ଏକ ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ବିଦ୍ୟନ୍ତ ଚର୍ଚ୍ଚି, ତାରିଣୀ ସେନାପତି, ସୂର୍ଯ୍ୟକାନ୍ତ ପରିଡା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମନୋଜ ଦୋରା, କାହ୍ନୁଚରଣ ଦଳାଇ, ଜିତେନ୍ଦ୍ର ମହାରଣା, ନିଗମ ରାଉତ, ବିମଳ ପ୍ରଧାନ, ଜୟସେନ ସ୍ୱାଇଁ, ପ୍ରତାପ ପ୍ରଧାନ, ସନ୍ତୋଷ ନାହାକ, ମନୋଜ ନାହାକ, ଶଙ୍କର ନାହାକଙ୍କ ସମେତ ବହୁ ଯୁବ ଛାତ୍ର ଛାମୁଆ ନେତା ଓ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।

## ଷଣ୍ଢକୁ ଧକ୍କା ଦେଇ ବାଇକଚାଳକ ମୃତ

**ଦିଗପହଣ୍ଡି,୩୧।୩(ସମିସ):** ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ କୁକୁଟବନ୍ଧ ଗାଁ ଛକରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବମୋକେଇ ପଞ୍ଚାୟତ ଖଇରପଙ୍କ ଗ୍ରାମର ବିଭୁ ସାହୁ(୩୨)। ବିଭୁ ବାଇକ ଯୋଗେ ଯାଉଥିବା ବେଳେ ରାସ୍ତାରେ ଏକ ଷଣ୍ଢକୁ ଧକ୍କା ଦେଇ ରାସ୍ତାକଡ଼ ଗଛରେ ପିଟି ହୋଇ ଚାଷଜମିରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସଂକଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ନାୟକ କହିଛନ୍ତି। ଏନେଇ କେ.ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକଙ୍କୁ ପଚାରିବାରୁ ବୁଧବାର ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଇଛନ୍ତି।

## ବଡ଼ଘାଟିରେ ଓଲଟିଲା ଏସିଡ୍ ଟ୍ୟାଙ୍କର

**ଖଲ୍ଲିକୋଟ,୩୧।୩(ସମିସ):** ଖଲ୍ଲିକୋଟ ଥାନା ଅଞ୍ଚଳ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ୨୪ ଘଣ୍ଟା ମଧ୍ୟରେ ତିନୋଟି ଦୁର୍ଘଟଣା ଘଟି ୨ ଜଣ

### ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତା ବନ୍ଦ



ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ବିଜୟାନଗରମରୁ ଭୁବନେଶ୍ୱର ଯାଉଥିବା ଏକ ଏସିଡ ବୋଝେଇ ଟ୍ୟାଙ୍କର ଖଲ୍ଲିକୋଟ ବଡ଼ଘାଟିରେ ଓଲଟି ପଡିଛି। ବଡ଼ଘାଟିରୁ ତଳକୁ ଆସୁଥିବା ସମୟରେ ବ୍ରେକ୍ ଫେଲ ହୋଇଯିବାରୁ ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ବୋଲି ଡ୍ରାଇଭର ଅବଦୁଲ ରସିଦ କହିଛନ୍ତି। ତାଙ୍କର ଅଣ୍ଟାରେ ଆଘାତ ଲାଗିଥିବାରୁ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ଏସିଡ୍ ଅନବରତ ବୋହି ଚାଲିଛି। କୌଣସି ଅଘଟଣ ଆଶଙ୍କା କରି ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରି ଦିଆଯାଇଛି। ଦୁର୍ଘଟଣା ସ୍ଥଳରେ ଖଲ୍ଲିକୋଟ ଓ ଛତ୍ରପୁର ଅଗ୍ନିଶମବାହିନୀ ପହଞ୍ଚି ପାଣି ପକାଉଛି। ଏସିଡ୍ ଲିକ ହେଉଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଛତ୍ରପୁର ଅଗ୍ନିଶମ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଛତ୍ରପୁରରୁ ଟେକ୍ନିକାଲ ଟିମ୍ ପହଞ୍ଚି ଏସିଡ ଲିକ୍‌କୁ ବନ୍ଦ କରିଛନ୍ତି। ଜିଲ୍ଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇ ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ୯ ୱିକେଟ୍‌ରେ ସିଂହାରିନି ବିଜୟୀ



**ଗଞ୍ଜାମ,୩୧।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମାଳି ଜଗନ୍ନାଥପୁର ଖେଳ ପଡିଆରେ ବାବା ବାଲି ଲୋକନାଥ କ୍ରିକେଟ କ୍ଲବ ପକ୍ଷରୁ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି। ଅତିଥି ଭାବେ ଭାଜପା ଯୁବ ସାଙ୍ଗଠନିକ ନେତା ବନଜ ନାୟକ, ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ରେଡି, ସମିତିସଭ୍ୟ ଏନ୍. ଜୟକୃଷ୍ଣ ରେଡି, ସମିତି ସଭ୍ୟା ପ୍ରତିନିଧି ଲିଙ୍ଗରାଜ ମହାପାତ୍ର, ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଯୁବ ସଂଗଠକ ରାକେଶ ରଞ୍ଜନ ଦାସ, ରାଜେଶ ପୃଷ୍ଟି, ଭଦ୍ର ବ୍ୟକ୍ତି ଭୋବିନି ରେଡି, ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ମନୋଜ ପ୍ରଧାନ, ଅସ୍ମିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ଗ୍ରାସିମ୍ ଟିମ ଓ ସିଂହାରିନି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ରାସିମ୍ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ମାତ୍ର ୪୬ ରନ କରିଥିବା ବେଳେ ସିଂହାରିନି ଦଳ ଗୋଟିଏ ୱିକେଟ ହରାଇ ଆବଶ୍ୟକ ରନ ହାସଲ କରିଥିଲା। ଫଳରେ ୯ ୱିକେଟରେ ସିଂହାରୀନ ଦଳ ବିଜୟୀ ଘୋଷିତ ହୋଇଛି। ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। କେ ଏଲେୟା ରେଡି, ଏସ ନୀଳକଣ୍ଠ ରେଡି, ଏନ ଜୟକୃଷ୍ଣ ଏବଂ ଏସ ରାଜୁ ରେଡି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

## ଯୁବତୀଙ୍କୁ ପ୍ରତାରଣା; ପ୍ରେମିକ ଗିରଫ

**ରଙ୍ଗେଇଲୁଣ୍ଡା,୩୧।୩(ସମିସ):** ସାମାଜିକ ଗଣମାଧ୍ୟମରେ ପରିଚୟ ପରେ ପ୍ରେମ ସମ୍ପର୍କ ଓ ପରେ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଘଟଣାରେ ଗୋଳନ୍ଥରା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କନିଷି ହାଟର ଅଭିଲାଷ ଦଳେଇ(୩୧)। ସୂଚନା ଅନୁସାରେ, ବରଗଡ଼ ଜିଲ୍ଲାର ଜଣେ ଯୁବତୀଙ୍କ ସହ ଗୋଳନ୍ଥରା ଥାନା କନିଷିହାଟର ଅଭିଲାଷଙ୍କର ଗତ ୫ ବର୍ଷ ତଳେ ସାମାଜିକ ଗଣମଧ୍ୟମରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଲାଷ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରିରୀକ ସମ୍ପର୍କ ରଖିଥିବାବେଳେ ପରେ ବାହା ହେବାକୁ ମନା କରିଥିଲେ। ସୋମବାର ଯୁବତୀ ଜଣକ ବରଗଡ଼ରୁ ଅଭିଲାଷଙ୍କ ଘରକୁ ଆସି ବିବାହ ପାଇଁ ଜିଦ୍ କରିବାରୁ ଅଭିଲାଷ ପରିବାର ଲୋକ ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏନେଇ ଯୁବତୀ ଜଣକ ଗୋଳନ୍ଥରା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା (ନଂ.୧୨୬/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଅଭିଲାଷଙ୍କୁ ଗିରଫ କରାଯିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏଥିସହ ବିଏନଏସ ୧୮୩ ଧାରା ଅନୁସାରେ ଯୁବତୀଙ୍କ ବୟାନ ରେକର୍ଡ କରାଯାଇଛି।

## ଟ୍ରାକ୍ଟର ଧକ୍କାରେ ୨ ଯୁବକ ମୃତ

**ଦିଗପହଣ୍ଡି, ୩୧।୩ (ସମିସ):** ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ୍ ମୁଖ୍ୟରାସ୍ତାର ଭୁଶୁଣ୍ଡା ନିକଟରେ ମଙ୍ଗଳବାର ପଥର ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି ୦୭ ଇ-୦୭୦୯) ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ପାଳଝାଡିର ବୃନ୍ଦାବନ ଗୌଡ଼ଙ୍କ ପୁଅ ତୋଫାନ ଓରଫ ନିରଞ୍ଜନ ଗୌଡ଼ (୨୮) ଏବଂ ସ୍ୱର୍ଗତ ସନ୍ତୋଷ ପଣ୍ଡାଙ୍କ ଏକମାତ୍ର ପୁଅ ସୁମିତ ପଣ୍ଡା(୨୫)। ଉଭୟେ ଦିଗପହଣ୍ଡିରେ କାମସାରି ବାଇକ (ନଂ. ଓଡ଼ି୦୭ ଏପି -୬୩୦୭) ଯୋଗେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପଥର ବୋଝେଇ ଟ୍ରାକ୍ଟର ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ନିରଞ୍ଜନ ଓ ସୁମିତଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁମିତଙ୍କ ମା' ସୁନୀତା କୁମାରୀ ପଣ୍ଡା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା (ନଂ.୧୩୫/୨୬)ରୁଜୁ କରି ତଦନ୍ତ ଚଳାଇଛନ୍ତି। ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଦୁଇଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ପରେ ପୁଲିସ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଛି। ଦିଗପହଣ୍ଡି ଥାନା ଚାଅଁଡ଼ାପଲ୍ଲୀ ଗ୍ରାମର ଅଭିଯୁକ୍ତ ଟ୍ରାକ୍ଟର ଚାଳକ ସରୋଜ ବିଷୋୟୀଙ୍କୁ ଚିହ୍ନଟ କରାଯାଇଥିବା ଆଇଆଇସି କହିଛନ୍ତି।

## ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

**ପୋଲସରା,୩୧।୩(ସମିସ):** ପୋଲସରା ଥାନା ଅଧୀନ କେନ୍ଦୁବାଡ଼ି ଗ୍ରାମରେ ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କେନ୍ଦୁବାଡ଼ି ଗ୍ରାମର ବିକ୍ରମ ସେଠୀ (୨୨)। ଡ୍ରାଇଭିଂ ଲାଇସେନ୍ସ ଅସଲି ନା ନକଲି ତାକୁ ନେଇ ବଚସା ହୋଇଥିଲା। ଏହା କ୍ରମେ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଣେ ଯୁବକ ବିକ୍ରମଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ପୋଲସରା ଥାନା ଅଧିକାରୀ କୌଶିକ ମାଝୀଙ୍କ ସୂଚନା ଅନୁଯାୟୀ, ରବିବାର ରାତିରେ ବିକ୍ରମ ଏବଂ ପ୍ରଶାନ୍ତ କୋଠିଆଙ୍କ ମଧ୍ୟରେ ଡ୍ରାଇଭିଂ ଲାଇସେନ୍ସ ଅସଲି ଓ ନକଲିକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ପ୍ରଶାନ୍ତ ଏକ ଧାରୁଆ ଅସ୍ତ୍ର ଧରି ଘର ଭିତରେ ପଶି ବିକ୍ରମଙ୍କ ବେକ ଓ ହାତକୁ ହାଣିଥିଲା। ଆହତ ବିକ୍ରମଙ୍କୁ ପ୍ରଥମେ ପୋଲସରା ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ମୃତକଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ କେସନଂ ୧୭୪/୨୬ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଛି।

## ଗ୍ୟାସ୍ ଲିକ୍‌ରୁ ଦୁଇ ବଖରା ଜଳିଗଲା

**ପାତ୍ରପୁର,୩୧।୩(ସମିସ):** ପାତ୍ରପୁର ତହସିଲ ଅନ୍ତର୍ଗତ ତଣ୍ଡିପୁର ଗାଁରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଲିକ୍ ହୋଇ ୨ ବଖରା ଜଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗାଁର ରେଡିକା ସାହିର ଗାଙ୍ଗାମା ରେଡି ଘରେ ରୋଷେଇ କରୁଥିବାବେଳେ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ଗାଙ୍ଗାମା ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ। ନିଆଁ ଲାଗି ଗାଙ୍ଗାମାଙ୍କ ଦୁଇଟି ଘର ପୋଡି ପାଉଁଶ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

## ଏମ୍‌କେସିଜିରୁ ବାଇକ୍ ଚୋରି କରି ପିଅନ ଗିରଫ

**ବ୍ରହ୍ମପୁର,୩୧।୩(ସମିସ):** ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ କାଜୁଆଲଟିରୁ ବାଇକ ଚୋରି ଅଭିଯୋଗରେ ପୁଲିସ ଏମକେସିଜିର ଜଣେ ପିଅନଙ୍କୁ ଗିରଫ କରିଛି। ସେ ହେଲେ ଏମ୍‌କେସିଜି ପିଅନ କଲୋନୀର ମିଟୁ ଦଳବେହେରା(୪୨)। ପୁଲିସ ତାଙ୍କ ନିକଟରୁ ଚୋରି ବାଇକ୍ ଉଦ୍ଧାର କରିଛି। ପୂର୍ବରୁ ମିଟୁ ଏକାଧିକ ଥର ଗିରଫ ହୋଇସାରିଥିବା ବେଳେ କାର୍ଯ୍ୟରେ ଅବହେଳା ପାଇଁ ଚାକିରିରୁ ମଧ୍ୟ ନିଲମ୍ବିତ ହୋଇସାରିଛନ୍ତି। ସୂଚନାପ୍ରକାରେ, ନରେନ୍ଦ୍ରପୁରର ଯୁବକ ସୁଜାଇଲ ନାୟକ ସୋମବାର କୌଣସି କାମରେ ଏମକେସିଜିକୁ ଆସି କାଜୁଆଲଟି ନିକଟରେ ନିଜ ପଲସର ବାଇକ୍ ରଖିଥିବାବେଳେ ମିଟି ବାଇକ୍‌କୁ ଚୋରି କରିନେଇଥିଲେ। ଏନେଇ ସୁଜାଇଲ୍ ଏମକେସିଜି ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଆଜି ଅଭିଯୁକ୍ତ ମିଟୁ ଉକ୍ତ ଗାଡ଼ି ଧରି ଏମକେସିଜିରେ ବୁଲୁଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା।

### ଆଜିଠାରୁ ଚାଲିବ ସ୍ୱ-ଗଣନା

## ସାମିଲ ହେବାକୁ ଜିଲ୍ଲାପାଳଙ୍କ ଅନୁରୋଧ




**ଛତ୍ରପୁର,୩୧।୩(ସମିସ):** ପ୍ରଥମ ପର୍ଯ୍ୟାୟର ଗୃହ ତାଲିକା ଓ ଗୃହ ଗଣନା (ସ୍ୱ-ଗଣନା) ଆସନ୍ତାକାଲି ଅର୍ଥାତ ୧ ଏପ୍ରିଲରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ନାଗରିକମାନେ ସରକାରୀ ଜନଗଣନା ୱେସାଇଟ ପରିଦର୍ଶନ କରି ଏସଇଆଇଡି ପ୍ରାପ୍ତ କରନ୍ତୁ। ପ୍ରଥମ ଥର ପାଇଁ ସମଗ୍ର ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯିବ। ଗଣନାକାରୀମାନେ ଘରେ ଘରେ ଯାଇ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରି କେନ୍ଦ୍ରୀୟ ସର୍ଭରକୁ ପଠାଇବେ। ଯାହା ଫଳରେ ସମସ୍ତ ତଥ୍ୟ ସଠିକ ଭାବେ ସଂଗ୍ରହ କରାଯାଇ ପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଜି ସ୍ଥାନୀୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ସହିତ ଜିଲ୍ଲାର ସବୁସ୍ତରର ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସଚେତନ ନାଗରିକମାନଙ୍କୁ ସ୍ୱ-ଗଣନାରେ ସାମିଲ ହୋଇ ନିଜର ତଥ୍ୟ ଦାଖଲ କରିବା ସହିତ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବା ପାଇଁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଜିଲାବାସୀଙ୍କୁ ଗଣନାକାରୀମାନଙ୍କୁ ସଠିକ ତଥ୍ୟ ଯୋଗାଇବାକୁ ଅନୁରୋଧ କରିଥିବା ବେଳେ, ଏହି ଜନଗଣନାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଜନଗଣନା ୨୦୧୧ ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ଜନସଂଖ୍ୟା ୩୫ ଲକ୍ଷ ୨୯ହଜାର ୩୧ ଅଟେ। ଆସନ୍ତା ଜନଗଣନା ପାଇଁ ୭୧୧୫ ଜଣ ଗଣନାକାରୀ ନିଯୁକ୍ତି ହୋଇଥିବା ବେଳେ ୧୨୫୪ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ଡିଜିଟାଲ ପ୍ରଣାଳୀ ଦ୍ୱାରା ପାରଦର୍ଶିତା, କାର୍ଯ୍ୟକୁଶଳତା ଓ ଲୋକମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇବ, ଯାହା ଜନଗଣନା–୨୦୨୭ କୁ ଅଧିକ ବିଶ୍ୱସନୀୟ ଓ ସଫଳ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ସମ୍ପାଦକୀୟ



ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବ କାହିଁ
-ସ୍ୱଭାବକବି ଗଙ୍ଗାଧର ମେହେର

ସକାଳ
THE SAKALA

## ୨୦୩୬ ସଙ୍କଳ୍ପର ଭିତ୍ତି

ଶତାବ୍ଦୀ ଛୁଇଁବାକୁ ଆଉ ମାତ୍ର ଦଶବର୍ଷ। ଆଗାମୀ ଦଶବର୍ଷ ସମଗ୍ର ବିଶ୍ୱ, ଭାରତ ଏବଂ ସର୍ବୋପରି ଆମ ଜନ୍ମଭୂମି ଓଡ଼ିଶା ପାଇଁ ଅନେକ ଦୃଷ୍ଟିରୁ ସମ୍ବେଦନଶୀଳ। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଅନେକ ପ୍ରବାସୀ ଓଡ଼ିଆଙ୍କ ଜୀବନଜୀବିକା ବିପନ୍ନ କରିଛି। ଘରକୁ ଫେରିଲେ ରୋଜଗାର ନାହିଁ। ଧୀରେଧୀରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଅଦୃଶ୍ୟ ପଞ୍ଝା ଲୋକଙ୍କ ଜୀବିକାକୁ ଉଦରସ୍ଥ କରିଚାଲିଥିବା ବେଳେ ଓଡ଼ିଶାର ଯୁବଶକ୍ତି ବା ବାଦ୍ ପଡ଼ିବେ କିପରି? 'ଏଆଇ'ର ଅପରିହାର୍ଯ୍ୟ ପ୍ରୟୋଗରେ ଆଉ ମାତ୍ର ପାଞ୍ଚ/ଛଅବର୍ଷ କିମ୍ବା ଅତିବେଶୀରେ ଦଶବର୍ଷ ଭିତରେ ଲକ୍ଷଲକ୍ଷ ଉଚ୍ଚଶିକ୍ଷିତ ପୋସାଦାର କୁଶଳୀ ଯୁବବର୍ଗ ଦିନକୁ ଦୁଇମୁଠା ଖାଇ ଜୀବନ ବଞ୍ଚାଇବା କଷ୍ଟକର ହୋଇପଡ଼ିବ ବୋଲି ଏବେଠାରୁ ବୈଜ୍ଞାନିକମାନେ ଉଦ୍‌ବେଗ ପ୍ରକାଶ କଲେଣି। ସମୟର ଏହି ଦୁର୍ବାର ଆହ୍ୱାନରେ ଏକ ଗରିବ ରାଜ୍ୟର ଅପବାଦଭରା ଇତିହାସର ପୃଷ୍ଠଭୂମିରେ ଛିଡ଼ା ହୋଇ ଆମେ ୨୦୩୬ରେ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବା କେମିତି? ଏହି ପ୍ରଶ୍ନ ହିଁ ଆଜି ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟପଥ ବନ୍ଧୁର, ଦୁର୍ବାର ଓ ଅଲଂଘ୍ୟ ଲାଗୁଥିଲେ ମଧ୍ୟ ଅସାଧ୍ୟ ନୁହେଁ। ଆମକୁ ମନେ ପକାଇବାକୁ ହେବ ଯେ ଆମର ପୂର୍ବପୁରୁଷ ମଧ୍ୟ ଏଭଳି ଅନେକ ଅଲଂଘ୍ୟକୁ ଅତିକ୍ରମ କରି ଆମ ମାତୃଭୂମିର ଗୌରବଗାଥା ସାତଦରିଆ ସେପାରିର ଜଳସ୍ଥଳଆକାଶରେ ଲେଖିଦେଇଥିଲେ। କଳିଙ୍ଗର ନୌବାଣିଜ୍ୟର ସମୃଦ୍ଧ ପରମ୍ପରାର ସ୍ମୃତିଚାରଣ ଆଜି ଆମକୁ ଆମ ଲକ୍ଷ୍ୟ ପୂରଣ ଦିଗରେ ସଫଳତାର ମନ୍ତ୍ର ହୋଇପାରିବ।



୨୦୩୬ରେ 'ବିକଶିତ ଓଡ଼ିଶା'ର ଦୁର୍ବାର ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମ ପରିକଳ୍ପିତ ନକ୍ସାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ହେବ। ଆଗାମୀ ଦଶବର୍ଷ ବେଳକୁ ବିଶ୍ୱ କେଉଁସ୍ତରରେ ପହଞ୍ଚିଥିବ ତାହାକୁ ଦୃଷ୍ଟିରେ ରଖି, ବରଂ ତା'ଠାରୁ ଦୁଇପାଦ ଆଗରେ ରହିବା ଭଳି ଏହି ସମୟରୁ ଦୂରଦୃଷ୍ଟିସମ୍ପନ୍ନ ପରିକଳ୍ପନା କରିବାକୁ ପଡ଼ିବ। ସର୍ବୋପରି ଲକ୍ଷ୍ୟ ପୂରଣ ଲାଗି ପ୍ରଧାନତଃ ଦୁଇଟି ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ହେବ। ପ୍ରଥମତଃ, ଆମସହିତ ଯୋଡ଼ି ହୋଇରହିଯାଇଥିବା 'ଆଳସ୍ୟ'ର କାଳିମାକୁ କର୍ମଶକ୍ତି ବଳରେ ହଟାଇବାକୁ ହେବ ଏବଂ ଦ୍ୱିତୀୟତଃ, ଓଡ଼ିଆଙ୍କ ପ୍ରଗତିରେ ଓଡ଼ିଆମାନେ ହିଁ ପ୍ରତିବନ୍ଧକ ବୋଲି ସୃଷ୍ଟି ହୋଇସାରିଥିବା ପ୍ରମାଣସିଦ୍ଧ ଉଦାହରଣମାନଙ୍କର ଯେଭଳି ସମ୍ପୂର୍ଣ୍ଣ ବିଲୋପ ଘଟେ ସେଥିପ୍ରତି ସତତ ଚେଷ୍ଟିତ ଓ ସମର୍ପିତ ରହିବାକୁ ପଡ଼ିବ।

ପ୍ରାକୃତିକ ଦୁର୍ବିପାକ ଆମର ଚିର ସହଚର। ତେଣୁ ବିକାଶର ଅନ୍ତରାୟ ପାଇଁ ଆମେ କେବଳ ପ୍ରକୃତିକୁ ଦୋଷ ଦେଇ ବସିରହିଲେ ଇତିହାସ କ୍ଷମା ଦେବ ନାହିଁ। ଥରେ ଚିନ୍ତା କରନ୍ତୁ ତ! ଆମେ ଏଭଳି ଏକ ଭୌଗୋଳିକ ମଧ୍ୟବିନ୍ଦୁରେ ଅବସ୍ଥାନ କରୁଛୁ, ଯେଉଁଠାରେ ଆମେ ବିଶାଳ ଭାରତବର୍ଷର ଉତ୍ତର ଓ ଦକ୍ଷିଣର ଭାଷା, ସଂସ୍କୃତି, ରାଜନୀତି ଓ ପରମ୍ପରାଗତ ସଂଯୋଗର ସେତୁର ଭୂମିକା ନିର୍ବାହ କରିପାରିବା। ତେଣୁ ଭାଷା ଓ ସଂସ୍କୃତି ଭିତ୍ତିକ ରାଜନୈତିକ ଅସୂୟା ଆଧାରିତ ରାଜନୀତିରେ ଆଗାମୀ ଦିନରେ ବୈଚାରିକ ସ୍ତରରେ ଦ୍ୱିଖଣ୍ଡିତ ହେବାକୁ ଯାଉଥିବା ଭାରତକୁ ଆମେ ଓଡ଼ିଶାବାସୀ ହିଁ ଭ୍ରାତୃତ୍ୱ, ସମନ୍ୱୟ ଓ ସହାବସ୍ଥାନର ରଜ୍ଜୁରେ ଯୋଡ଼ିପାରିବା। ଏଥିପାଇଁ ଆବଶ୍ୟକ ରାଜନୀତିର ସଂକୀର୍ଣ୍ଣତାବୋଧରୁ ଊର୍ଦ୍ଧ୍ୱରେ ଥିବା ଏକ ବିକଶିତ ଭାବନା ଓ ଦୂରଦର୍ଶୀ ଯୋଜନା। ଏହି ସେତୁର ଦାୟିତ୍ୱନିର୍ବାହ ପୂର୍ବକ ଆମେ ଅଚିରେ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରିପାରିବା।

ଆମକୁ କିନ୍ତୁ ମନେ ରଖିବାକୁ ହେବ ଯେ ଏଭଳି ଏକ ମଧ୍ୟସ୍ଥି ବା ସେତୁର ଭୂମିକା ନିର୍ବାହ କରିବାକୁ ହେଲେ ଆମକୁ ସଂସ୍କୃତି, ଭାଷା, କଳାବୈଭବ ଆଦି କ୍ଷେତ୍ରରେ ଆମ ଉତ୍କର୍ଷକୁ ପୁନଃଉତ୍‌ଥାପନ କରିବାକୁ ପଡ଼ିବ। ବିଶ୍ୱ ପୁଣି ଯେପରି ନତଶିରରେ ସ୍ୱୀକାର କରିବାକୁ ବାଧ୍ୟ ହେବ ଯେ ଯେଉଁ କଳିଙ୍ଗସାଧବ ଦିନେ ବିଶ୍ୱ ବାଣିଜ୍ୟର ପଥ ଦେଖାଇଥିଲା, ଶାନ୍ତି ଓ ପ୍ରୀତିର ଉପନିବେଶ ସ୍ଥାପନା କରିଥିଲା, ତାହାର ଦାୟାଦ ଭାବେ ଓଡ଼ିଶାବାସୀ ହିଁ ପୁଣି ବିଶ୍ୱଶାନ୍ତି ଓ ପ୍ରଗତି ପ୍ରତିଷ୍ଠା କରିବାରେ ସକ୍ଷମ। ସେତୁଟିଏର ଭୂମିକା ନିର୍ବାହ ପୂର୍ବରୁ ଏହାର ଆନ୍ତଃଶୃଙ୍ଖଳା ନିତାନ୍ତ ଆବଶ୍ୟକ। ଏବେ ଆମ ଭିତରେ ଭାଷାଗତ, ଆଞ୍ଚଳିକ ଓ ସଂସ୍କୃତିଗତ ଅସୂୟା ଭଳିରହିଛି। ଏହି ଅସୂୟାକୁ ଦୂର କରି ଆମେ ଗୋଟିଏ ମାତାର ସନ୍ତାନ ଏବଂ ଗୋଟିଏ ପରିବାର ଦାୟାଦ ଭାବେ ନିଜକୁ ଉପସ୍ଥାପନ କରିବାକୁ ପଡ଼ିବ। ଅନେକେ ଆଶଙ୍କା କରୁଛନ୍ତି ଯେ ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ରାଜ୍ୟ ପୁଣି ଥରେ ଭାଷା କନ୍ଦଳରେ ହିଁ ବିଭାଜିତ ହୋଇଯିବ। ପ୍ରଥମେ ଆମକୁ ପ୍ରମାଣ କରିବାକୁ ହେବ ଯେ ଏହି ଆଶଙ୍କା ଅମୂଳକ। ଶାସ୍ତ୍ରୀୟମାନ୍ୟତା ପ୍ରାପ୍ତ ଆମ ମୌଳିକ ଓଡ଼ିଆ ଭାଷାର ବିଶୁଦ୍ଧ ବ୍ୟବହାର ଓ ସର୍ବଗ୍ରହଣୀୟତା ଦ୍ୱାରା ଉପରୋକ୍ତ ଆଶାଙ୍କାକୁ ଦୂର କରାଯାଇପାରିବ। ଏଥିସହିତ ଆମ ଭିତରେ ଓଡ଼ିଆ ଭାଷା ପ୍ରତି ଥିବା ଅସୂୟତାକୁ ସମ୍ପୂର୍ଣ୍ଣ ପରିହାର କରିବାକୁ ହେବ।

ଆମେ ବାରମ୍ବାର ଦୋହରାଇ ଆସୁଛୁ ଆମ ପାଖରେ ପ୍ରାକୃତିକ ସମ୍ବଳର ଅଭାବ ନାହିଁ। ଆମ ଭାଷା ଶାସ୍ତ୍ରୀୟ। ଆମ କଳାଭାସ୍କର୍ଯ୍ୟ ଅନନ୍ୟ। ଆମ ହସ୍ତଶିଳ୍ପ ବିଶ୍ୱାଦୃତ। ଆମ ଗୌରବାବହ ଇତିହାସ ଓ ସମୃଦ୍ଧ ପରମ୍ପରା ବିଶ୍ୱବିରଳ। ଏହି କାଳଜୟୀ ଇତିହାସର ପିଠି ଉପରେ ଛିଡ଼ା ହୋଇ ସମୃଦ୍ଧ ପରମ୍ପରାକୁ ବିଶ୍ୱମୁଖୀ କରି ସେଥିରେ ଆମ ମୌଳିକ ଅନନ୍ୟ ସଂସ୍କୃତିର ସ୍ୱାକ୍ଷର ଲେଖିବାରେ କେବଳ ଯାହା ବିଳମ୍ବ ଘଟୁଛି। ଆଉ ଅଧିକ ବିଳମ୍ବ ନ କରି ଆସନ୍ତୁ ଆଜି ହିଁ ଏହି ସ୍ୱର୍ଣ୍ଣିମ ସ୍ୱାକ୍ଷର ଲେଖିବାର ସଂକଳ୍ପ ନେବା। ଏହି ସଂକଳ୍ପ ହିଁ ହେବ ୨୦୩୬ରେ ବିକଶିତ ଓଡ଼ିଶା ଗଠନର ମୂଳଦୁଆ।

ବନ୍ଦେ ଉତ୍କଳ ଜନନୀ।

## ମୋ ସ୍ୱପ୍ନର ଓଡ଼ିଆ

ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ

### ମୋ ସ୍ୱପ୍ନର ଓଡ଼ିଶା

**"ଆମେ ଓଡ଼ିଶାବାସୀ ୨୦୩୬, ଏପ୍ରିଲ୍ ୧ ତାରିଖରେ 'ସ୍ୱତନ୍ତ୍ର ଓଡ଼ିଶା ଦିବସ' ତଥା ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ପ୍ରଦେଶର ଜନ୍ମଶତବାର୍ଷିକୀ ପାଳନ କରିବାକୁ ଯାଉଛୁ। ଏହି ପୃଷ୍ଠଭୂମିରେ '୨୦୨୬ ଏପ୍ରିଲ୍ ୧' ଦିନଟି ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ। ଜୟନ୍ତୀ ଶତବାର୍ଷିକୀ ଅବସରରେ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲ ପାଇଁ ଆମ ହାତରେ ଆଉ ମାତ୍ର ଗୋଟିଏ ଦଶନ୍ଧି ରହିଯାଇଛି। ଆଜିର ଦିନକୁ ଏହି ଦଶନ୍ଧିର ମୂଳଦୁଆ ଭାବରେ ଗ୍ରହଣ କରି ଆମକୁ ଆଗକୁ ବଢ଼ିବାକୁ ହେବ। ଶତାୟୁ ବିକଶିତ ଓଡ଼ିଶାକୁ ଅଭିନନ୍ଦିତ ଓ ଅଭିବନ୍ଦିତ କରିବାର ମହାର୍ଘ ମୁହୂର୍ତ୍ତକୁ ଛୁଇଁବାର ଏହି ଦଶବର୍ଷର କାଳଖଣ୍ଡର ଅବଧି ସେତେ ଅଧିକ ନ ହେଲେ ମଧ୍ୟ କମ୍ ନୁହେଁ। ମାତୃଭୂମିର ଟେକ ରଖିବାର ନିଷ୍ଠା, ଅଧ୍ୟବସାୟ, ସମର୍ପଣ, ଉତ୍ସର୍ଗୀକୃତ ମନୋଭାବ ଓ ଆନ୍ତରିକତା ରହିଲେ ଆମେ ୨୦୩୬ ସୁଦ୍ଧା ଆମ ସ୍ୱପ୍ନର ବିକଶିତ ଓଡ଼ିଶା ଗଢ଼ିପାରିବା। ଏଥିପାଇଁ କିନ୍ତୁ ଦଳ-ଗୋଷ୍ଠୀ-ମତ-ଆଦର୍ଶ ନିର୍ବିଶେଷରେ ସମ୍ମିଳିତ ଉଦ୍ୟମ ଓ ଏକ ଦୂରଦର୍ଶୀ ଖସଡ଼ା ଆବଶ୍ୟକ। ୨୦୩୬ରେ ଜଣେ ଓଡ଼ିଆ ଭାବରେ 'ମୋ ମାତୃଭୂମିକୁ ମୁଁ କିଭଳି ଦେଖିବାକୁ ଚାହୁଁଛି' ସେ ସମ୍ପର୍କରେ ସମାଜର ବିଭିନ୍ନ ବର୍ଗର ମତ, ବିଚାର ଓ ଦୃଷ୍ଟିକୋଣକୁ ଆମେ ପ୍ରତି ୧୫ ଦିନ ଅନ୍ତରରେ ଏହି ସ୍ତମ୍ଭ - 'ମୋ ସ୍ୱପ୍ନର ଓଡ଼ିଶା'ରେ ଉପସ୍ଥାପନ କରିବୁ। ବିକଶିତ ଓଡ଼ିଶା ପାଇଁ ସରକାର ପ୍ରସ୍ତୁତ କରୁଥିବା କାର୍ଯ୍ୟଖସଡ଼ାରେ ଏହି ମତାମତରୁ ଉପାଦେୟ ଅଂଶକୁ ଗୁରୁତ୍ୱ ଦେବେ ବୋଲି ଆଶା।"**

'ମୋ ସ୍ୱପ୍ନର ଓଡ଼ିଶା' ବିଷୟରେ ମୁହଁ ଖୋଲିବା ପୂର୍ବରୁ ପ୍ରଥମେ 'ମୋ ସ୍ୱପ୍ନର ଓଡ଼ିଆ'ଙ୍କୁ ମୁଁ ଭେଟିବାକୁ ଚାହେଁ ମୁହାଁମୁହିଁ ଏଇ କ୍ଷୁଦ୍ର ଆଲେଖ୍ୟରେ।

ପ୍ରଥମେ ମୋର ପ୍ରଶ୍ନ ପଚାରିବାକୁ ଇଚ୍ଛା ହୁଏ ମୋ ଓଡ଼ିଆ ଭାଇଭଉଣୀମାନଙ୍କୁ- 'ଆପଣମାନଙ୍କୁ ଆଜିର ଓଡ଼ିଶା ପାଇଁ ଯଦି ଦାୟୀ କରାଯାଏ, ତେବେ ଆପଣମାନେ କ'ଣ ସେ ଦାୟିତ୍ୱ କାନ୍ଧକୁ ନେବେ?' ଯଦି 'ହଁ' ତେବେ ମୁଁ ମୋ ପ୍ରଶ୍ନ ପଚାରିବାକୁ ଭରସା କରୁଛି।

'ଜାଣନ୍ତି କି ୧୯୩୬ ଏପ୍ରିଲ ପହିଲା ପରଠାରୁ ଯେଉଁ କ୍ଷୁଦ୍ର ଭୂଖଣ୍ଡକୁ 'ଓଡ଼ିଶା' ମନେ କରି ଆପଣ ନିଶ୍ଚିନ୍ତରେ ବସବାସ କରି ଆସୁଛନ୍ତି ସେ ଭୂଖଣ୍ଡଟି ପ୍ରକୃତରେ 'ଐତିହାସିକ ଓଡ଼ିଶା'ର ଏକ କ୍ଷୁଦ୍ରଅଂଶ ମାତ୍ର।' ଆପଣମାନଙ୍କୁ ମନେ ପକାଇ ଦେବା ପାଇଁ କହୁଛି ଯେ ଖ୍ରୀ.ପୂ ୪ର୍ଥ ଶତାବ୍ଦୀରେ ଭାରତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟବଂଶ ରାଜୁତିକାଳରେ ତାଙ୍କ ଦରବାରରେ ଐତିହାସିକ ଥିଲେ ଜଣେ ଗ୍ରୀକ୍ ପଣ୍ଡିତ, ଯାହାଙ୍କ ନାଁ ଥିଲା ମେଘାସ୍ଥିନିସ୍। ସେହି ସମୟରେ ସୁଦ୍ଧା 'ଓଡ଼ିଶା' କହିଲେ ଭାରତର ଐତିହାସିକମାନେ ବୁଝୁଥିଲେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିବା ଏକ ବିଶାଳ ଭୂଖଣ୍ଡକୁ। ଏହାଥିଲା 'କଳିଙ୍ଗ' ଏବଂ 'ଓଡ଼ିଶା'ର ସ୍ଥିତି ଥିଲା ଆହୁରି ବିଶାଳ - ଗଙ୍ଗାଠାରୁ ସୁଦୂର କାବେରୀ ନଦୀ ପର୍ଯ୍ୟନ୍ତ - ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ। କିନ୍ତୁ ଏତେବଡ଼ ସାମ୍ରାଜ୍ୟର ଅଧିବାସୀଙ୍କୁ ଦିନେ କଲିକତାରେ କୁଲିଗିରି କରିବାକୁ ପଡ଼ିଲା ସେହି ଇତିହାସର ଦାୟରେ, ଊନବିଂଶ ଶତାବ୍ଦୀରେ ମାତ୍ର ବର୍ଷ କେତେଟା ଅନ୍ତରାଳରେ!

ଏ ସବୁର କାରଣ ତର୍ଜମା କଲେ ମାତ୍ର ଗୋଟିଏ କଥା ଦୃଷ୍ଟିକୁ ଆସେ; ତାହା ହେଲା ବିଦେଶୀ ବ୍ରିଟିଶ ସରକାରଙ୍କର ଅଭିନବ କୂଟନୈତିକ ଚକ୍ରାନ୍ତ। ଶତ୍ରୁକୁ ସମୂଳେ ଧ୍ୱଂସ କରିବାକୁ ହେଲେ ତା' ଘରେ ଭ୍ରାତୃବିବାଦ ରୋପଣ କର। 'ଡିଭାଇଡ୍ ଆଣ୍ଡ ରୁଲ୍' - ଏହି ବିଷର ପ୍ରୟୋଗରେ ବ୍ରିଟିଶ ଶାସକମାନେ ଓଡ଼ିଶାକୁ ଯେଉଁଭଳି ଭାବେ ଖଣ୍ଡ ଖଣ୍ଡ କରି, ପଶୁକୁ ମାରି ତା'ର ମାଂସକୁ ବିତରଣ କଲା ପରି ଓଡ଼ିଶାକୁ ୧୮୦୩ ଓ ୧୮୩୬ ଭିତରେ ବିଖଣ୍ଡିତ କରିଦେଲେ, ତା'ର ପରିଣତି ପରବର୍ତ୍ତୀ ସମୟରେ ଭୋଗ କରିବାକୁ ପଡ଼ିଛି ଓଡ଼ିଶାକୁ ତଥା ତା'ର ଅଧିବାସୀ ଓଡ଼ିଆଲୋକଙ୍କୁ।

ମଧୁବାବୁଙ୍କ ଅକ୍ଲାନ୍ତ ପରିଶ୍ରମର ପ୍ରତିଦାନ ଓ ସ୍ୱୀକୃତି ସ୍ୱରୂପ ବ୍ରିଟିଶ୍ ସରକାର ୧୯୩୬ ମସିହା ଏପ୍ରିଲ୍ ପହିଲାରେ ସେହି ବିଖଣ୍ଡିତ ଅଂଶଗୁଡ଼ିକୁ ଆହୁରି ବିଖଣ୍ଡିତ କରି ଯେଉଁ ଉପହାରଟି ଦେଲେ ତାହାର ଅଧିବାସୀମାନଙ୍କୁ ଆଉ 'ଓଡ଼ିଆ' ବୋଲି ନାମିତ କରାଯାଇ ନ ପାରେ। ସେମାନେ ଗୋଟେ ଗୁହାଳରେ ଆବଦ୍ଧ ବହୁଜାତିର ଗୋରୁ ଭଳି ପରସ୍ପର ସହିତ ଲଢ଼େଇ ଭିତରେ ବାଦବିବାଦ ବ୍ୟତୀତ ଅନ୍ୟକୌଣସି ସୁଖକର ଶାଳୀନ ସଂପର୍କରେ ଅଛନ୍ତି ବୋଲି ମନେ ହୁଏ ନାହିଁ। ଏହି ପରସ୍ପର ବିବାଦରତ ଓଡ଼ିଆ ଭାଇମାନେ ଯେ ଦିନେ ସାତସମୁଦ୍ର ପାରି ହୋଇ କାହିଁ କୋଉ ଦେଶବିଦେଶରେ ନିଜର ବାଣିଜ୍ୟ ବସତି ସ୍ଥାପନ କରିଥିଲେ, ନୌବାଣିଜ୍ୟ ମାଧ୍ୟମରେ ସମଗ୍ର ଦକ୍ଷିଣ-ପୂର୍ବ ଏସିଆ ସମେତ ଆମେରିକାରେ ମାୟା, ଆସ୍ତିକ, ଇନକା ଆଦି ସମୃଦ୍ଧ ସଭ୍ୟତା ପ୍ରତିଷ୍ଠା କରିଥିଲେ - ଏହା ସଂପୂର୍ଣ୍ଣ ଅଚିନ୍ତନୀୟ।

ତେଣୁ 'ମୋ ସ୍ୱପ୍ନର ଓଡ଼ିଆ' ଭାଇଓଭଉଣୀମାନଙ୍କୁ ମୁଁ ଆଉ ଥରେ ସେମାନଙ୍କର ଅତୀତ ସମ୍ପର୍କରେ ଚେତାଇ ଦେବା ସହିତ ଗଭୀର ବିଶ୍ୱାସର ସହିତ ଆଶା ପ୍ରକାଶ କରୁଛି ଯେ ସେମାନେ ପରସ୍ପର ସହିତ ଭ୍ରାତୃବିବାଦ ବର୍ଜନ କରି ଜଣେ ଓଡ଼ିଆକୁ ନିଜର ଗେହ୍ଲା ଭାଇ ଭଳି ଦୃଷ୍ଟିରେ ଦେଖନ୍ତୁ। ସୃଷ୍ଟିର କୌଣସି ବସ୍ତୁ ସେମାନଙ୍କର ଅପ୍ରାପ୍ତ ରହିବ ନାହିଁ ଏକତାର ଅଲୌକିକ ଶକ୍ତି ବଳରେ। ଏହା ହିଁ ମୋର ସ୍ୱପ୍ନର ଓଡ଼ିଆ!

ଜୟ ଜଗନ୍ନାଥ।

(ପ୍ରଥିତଯଶା ଔପନ୍ୟାସିକ ତଥା ପ୍ରବୁଦ୍ଧ ପ୍ରଜ୍ଞାପୁରୁଷ)

## ସେବର ଉତ୍କଳ, ଏବର ଓଡ଼ିଶା

ଦାଶରଥୀ ଜେନା

ପରିବର୍ତ୍ତିତ ସମୟ ବୀର ପ୍ରସବିନୀ 'ଉତ୍କଳମାତା'ର ନାମକୁ 'ଓଡ଼ିଶା'ରେ ରୂପାନ୍ତରିତ କରିଦେଇଛି ସତ, କିନ୍ତୁ କେଉଁଠି ନା କେଉଁଠି 'ଉତ୍କଳ' ଆଉ 'ଓଡ଼ିଶା'କୁ ଅନ୍ତର୍ଦୃଷ୍ଟି ଦେଇ ଦେଖିବା ବେଳେ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ପରିସ୍ଥିତି ଅନୁଯାୟୀ ପତିତପାବନୀ ଗଙ୍ଗା ନିଜର ନାମ ବଦଳାଇ ଯେମିତି-ଭାଗୀରଥି, ତ୍ରିପଥଗା, ଜାହ୍ନବୀ, ଦେବନଦୀ ବୋଲାଇ ଥିଲେ ହେଁ ତା'ର ସ୍ୱଭାବ ଓ ପବିତ୍ରତାକୁ ନଷ୍ଟ ନ କରିବା ପାଇଁ ସତେଯେମିତି ସଂକଳ୍ପ ବଦ୍ଧ, ସେମିତି କୀର୍ତ୍ତି କିରୀଟିନୀ ଉତ୍କଳର ଗୌରବମୟ ଇତିହାସକୁ ଅକ୍ଷୁଣ୍ଣ ରଖିବା ପାଇଁ ଏବର ଓଡ଼ିଶାର ଜନସାଧାରଣ ସଚେତନ ତ? ମୁଁ ବି ଆପଣମାନଙ୍କ ଭିତରେ। ପ୍ରତିଭାକୁ ଅଣଦେଖା କରି ପ୍ରତିମାରେ ରଙ୍ଗ ବୋଳୁଥିବା ଜଣେ ଆତ୍ମଘୋଷିତ ମୃତ୍ତିକା ଶିଳ୍ପୀ। ଜଣେ ଅନାମଧେୟ ଲେଖକ।

ପାଶ୍ଚାତ୍ୟ ସଭ୍ୟତାର ଆଲୋକରଶ୍ମିରେ ରଂଗୀନ ଓଡ଼ିଶା ଆଜି ଆଧୁନିକତାର ଧାଁଦୌଡ଼ରେ ଅବଶ୍ୟ ଦୁଇପାଦ ଆଗରେ। ତଥାପି ବାପା, ଗୋସିବାପାଙ୍କ ଉତ୍ସର୍ଗୀକୃତ ଉତ୍କଳୀୟତା ମନେ ପଡ଼ିଗଲେ ମୁହଁ ଲୁଚେଇବାକୁ ବାଧ୍ୟ ହେଲା ପରି ଲାଗେ। ସତରେ କ'ଣ ଆମେ ସେମାନଙ୍କ ଉତ୍ତରଦାୟାଦ? ପ୍ରଶ୍ନ ମନର, ଉତ୍ତର ବିବେକର। ଯୋଡ଼ି ହୋଇ ରହିବାର ମୋହିନୀ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ବିଚ୍ଛିନ୍ନାଞ୍ଚଳ ତଥା ଗଡ଼ଜାତ ଅଞ୍ଚଳରେ ବସବାସ କରି ରହୁଥିବା ଓଡ଼ିଆମାନଙ୍କୁ ଉତ୍କଳ ଭୂଖଣ୍ଡରେ ମିଶାଇ ଏକ 'ପୂର୍ଣ୍ଣାଙ୍ଗ ଉତ୍କଳ'ର ସ୍ୱପ୍ନ ସେମାନଙ୍କୁ ସେତେବେଳେ ସିନା ଶୁଆଇ ଦେଉନଥିଲା, ଓଡ଼ିଆ ଭାଷାର ସ୍ୱୀକୃତି, ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ପ୍ରତି ମୁହୂର୍ତ୍ତରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଲହୁଲୁହାଣ ସିନା ସେହିମାନେ ହେଉଥିଲେ, ହେଲେ ଏବେ ଆମେ ଆମ ପରିବାର, ବନ୍ଧୁବାନ୍ଧବ, ସାହିପଡ଼ିଶା, ଆତ୍ମୀୟସ୍ୱଜନଙ୍କୁ ଦୂରେଇ ଏକ ପ୍ରଜାଶୂନ୍ୟ ସାମ୍ରାଜ୍ୟର ନିଃସଙ୍ଗ ସମ୍ରାଟ ଭାବେ ବଞ୍ଚିବାକୁ ଶ୍ରେୟ ମନେ କରୁଛନ୍ତି।

ବ୍ୟକ୍ତିକୈନ୍ଦ୍ରିକ, ଅର୍ଥସର୍ବସ୍ୱ ହୋଇ ସଂସ୍କୃତି, ପରମ୍ପରା ଐତିହ୍ୟକୁ ଧୀରେ ଧୀରେ ଭୁଲିଯିବାକୁ ବସିଲେଣି। କଳା, ସାହିତ୍ୟ, ବାଣିଜ୍ୟ, ସ୍ଥାପତ୍ୟ ଏବେ କଳଙ୍କି ଲାଗିବାକୁ ଗଲାଣି। ଶିକ୍ଷା, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ। ଦିଶାହୀନ ଓଡ଼ିଆ ଜାତିର ଜୀବନଚର୍ଯ୍ୟା ଆଜି ବିଶ୍ୱମାନବର ଅନେକ ପଛରେ। ସେହି ମାଟି ଅଛି, କିନ୍ତୁ ମାଦକତା ନାହିଁ। ସେହି ପାଣି ଅଛି ମଧୁରତା ନାହିଁ। ସେହି ପବନ ଅଛି ବିଶୁଦ୍ଧତା ନାହିଁ। ତେଣୁ ଏହି ନାମ ପରିବର୍ତ୍ତନରେ ବିଶେଷ ପ୍ରୟୋଜନ ନଥିଲା ପରି ମନେହୁଏ। 'ଟଙ୍କାକ ମାଲ୍ ବାରଣା ହଉ ଯାଇ ଆସି ପୁଅ ସିଆଣା ହଉ' ନ୍ୟାୟରେ ଆମେ ହୁଏତ ଯୁକ୍ତି ବାଢ଼ିପାରିବା ଯେ ଯଦିଓ କିଛି ହରାଇଛୁ ପରିବର୍ତ୍ତେ ଅନେକ କିଛି ବାଟ ଆଗକୁ ଯାଇଛୁ। ସେବର 'ଉତ୍କଳ' ଠାରୁ ସାଂପ୍ରତିକ ଏବର 'ଓଡ଼ିଶା' ସବୁ ଦୃଷ୍ଟିକୋଣରୁ ଆଗରେ। ଓଡ଼ିଶାର ପ୍ରତିଗ୍ରାମ ପ୍ରାୟ ଏବେ ସହରୀ ଢାଞ୍ଚାରେ। ମାଟି ଘର, ମାଟି ସଡ଼କ ବର୍ଷା ଦିନରେ ଆଉ ମଣିଷକୁ ଅସ୍ତବ୍ୟସ୍ତ କରୁନି। ଖରା ଦିନେ ପାଣି ପାଇଁ କୂଅ, ନଳକୂଅ, ନଈ, ପୋଖରୀ ପାଖରେ ମେଳିବାନ୍ଧି ଗାଁର ବୋହୂ ଭୁଆଁସୁଣୀମାନେ ଆଉ ଠିଆ ହୋଇ ରହୁନାହାନ୍ତି ଦୀର୍ଘସମୟ। ଥଣ୍ଡା ପବନ ଟିକେ ପାଇବା ପାଇଁ ବଙ୍କୁଲି ବାଡ଼ି ଠୁକ୍‌ଠୁକ୍ କରି ଖରାବେଳେ ଜେଜେ ଆଉ ଯାଉନାହାନ୍ତି ଆମ୍ବତୋଟାକୁ। ତାଳ ବରଡ଼ା ବିଂଚଣା ଚୁଲିକି ଗଲାଣି। ପ୍ରତିଘରେ ବିଦ୍ୟୁତ୍ ଚାଳିତ ପଙ୍ଖା, କୁଲର୍‌ର ବ୍ୟବହାର ପ୍ରାୟ। ବିଜ୍ଞାନର ପ୍ରଗତି ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଚରମ ଉନ୍ନତି ସାଧିତ କରିଛି। ଏବେ ଆମେ ସ୍ୱୟଂସଂପୂର୍ଣ୍ଣ।

ମୁଁ କିନ୍ତୁ ଆପଣମାନଙ୍କ ସହିତ ଏକମତ ହୋଇପାରୁନି ସଚ୍ଚି ରାଉତରାୟଙ୍କର କାଳଜୟୀ କବିତା 'ଛୋଟ ମୋର ଗାଆଁ ଟି'ର ସେହି ଅଭୁଲା ପଂକ୍ତି - 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ, ଜୀବନ ପଥେ ସକଳ ତା'ର ଫିଟାଏ ନୂଆ ରାହାଟି' ପାଇଁ। ଜୀବନରେ ଯେତେ ଆଗକୁ ଯିବ ସେତେ ପଛ କଥା ମନେ ରଖିବା ଉଚିତ୍। ଆହୁରି ମନେପଡ଼େ 'ଉତ୍କଳ ଦୀପିକା' ଜାନୁୟାରୀ ୧୫, ୧୮୭୦ ପୃଷ୍ଠା ୧୧ ଉତ୍କଳର ଭାଷା ଶିକ୍ଷା ସୁବିଧା ଉଦ୍ଦେଶ୍ୟରେ ଉଇଲିୟମ କେରି ଲେସି ଇଂରେଜ ହୋଇ ମଧ୍ୟ ଉତ୍କଳୀୟଙ୍କ ପାଇଁ ଯେଉଁ ଗ୍ରନ୍ଥ ରଚନା କରି ଭ୍ରାତୃତ୍ୱର ନିଦର୍ଶନ ଛାଡ଼ି ଯାଇଛନ୍ତି, ତାହା ଆମ ଭିତରେ ବର୍ତ୍ତମାନ ଦେଖିବାକୁ ମିଳୁନି। ଆଧୁନିକତାର ସ୍ୱଟିକ ଉପରେ ବସି ଆମେ ଯଦି ସ୍ନେହ, ପ୍ରେମ, ସଂସ୍କାରକୁ ଅହଂକାରର ଚାରିକାନ୍ଥ ଭିତରେ ବନ୍ଦୀ କରି ରଖି ଦିଅନ୍ତି ତା'କୁ କ'ଣ ପ୍ରଗତି ବୋଲି କହିପାରିବା? କେବେ ନୁହଁ। କୌଣସି ପରିବାରରେ ଏକାଧିକ ସରକାରୀ ପଦସ୍ଥ କର୍ମଚାରୀ ଥାଇ ମଧ୍ୟ ଯଦି ପରସ୍ପର ମଧ୍ୟରେ ମନୋମାଳିନ୍ୟ, ଘୃଣା, ଅସୂୟା ଲାଗିରହିବ, ତା'ହେଲେ ସେଠି କ'ଣ ପ୍ରଯୁଜ୍ୟ ହେବ ଭକ୍ତକବି ମଧୁସୂଦନ ରାଓଙ୍କର ସେହି 'ଛବିଳ ମଧୁ ବର୍ଣ୍ଣବୋଧ'ର ଅମ୍ଳାନ ସ୍ୱାକ୍ଷର 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର?'। ଏହା କେବଳ ଶ୍ରୁତି ଖଣ୍ଡକାବ୍ୟର କିଛି ଅଂଶ ହୋଇପାରେ ମାତ୍ର ଦୃଶ୍ୟ-କାବ୍ୟର ଅମୃତପଂକ୍ତି କହିପାରିବା ନାହିଁ। କାରଣ ଉତ୍କଳର ଘର ଓ ପରିବାର ବାହା, ପୁଆଣୀ, ପୂନେଇଁ, ପର୍ବ, ଓଷା, ବାରର ସାମୂହିକ ଯୋଗଦାନ ଉତ୍କଳୀୟତାର ପରିଚୟ ବହନ କରିବା ସହିତ ଏକତା ସୂତ୍ରରେ ବାନ୍ଧି ରଖିବାର ଯେଉଁ ମାଧ୍ୟମ ପାଲଟି ଥିଲା ତାହା ପରିବର୍ତ୍ତିତ ଓଡ଼ିଶାର ରୁଗ୍‌ଣ ମାନସିକତାର ଶିକାର ହୋଇ ଦୂରେଇ ଗଲାଣି ବହୁଦୂରକୁ।

କର୍ମପ୍ରବଣ ମଣିଷ ପାଇଁ ଭାଗ୍ୟଲକ୍ଷ୍ମୀଙ୍କର ଆଶୀର୍ବାଦ ଝରିପଡ଼େ। ଆଉ ସେଇଥିପାଇଁ ତତ୍‌କାଳୀନ ଉତ୍କଳର ଲୋକମାନେ ନିରୋଗ ଓ ଦୀର୍ଘାୟୁ ହେବାର ଉଦାହରଣ ବହୁଳ। ବାଣ୍ଟି ଖାଇବା ଥିଲା ସେମାନଙ୍କ ପାଇଁ ଅବ୍ୟର୍ଥ ମହୋଷଧି। ଲାଞ୍ଚ, ମିଛର ବଶବର୍ତ୍ତୀ ନ ହୋଇ ସତ୍ୟର ସାଧକ ସାଜିବା ପାଇଁ ସେମାନେ ହେଉଥିଲେ ଗୁରୁକୁଳାଭିମୁଖୀ। ଦାନ, ଧର୍ମ, ଜାଗ, ଯଜ୍ଞକୁ ଜୀବନର ବ୍ରତଭାବେ ଗ୍ରହଣ କରି ଜୀବନକୁ ମାନବସେବାରେ ବିତାଉଥିଲେ ଅକୁଣ୍ଠିତ ଭାବେ। ଶ୍ରମକାତରତାର ଚିହ୍ନବର୍ଣ୍ଣ ପ୍ରାୟ ଦେଖିବାକୁ ମିଳୁନଥିଲା କାହା ପାଖରେ। କେତେବେଳେ ଦରିଆ ସେପାରିରୁ ଘରମୁହାଁ ସାଧବ ପୁଅର ମନ ମତାଣିଆ ଗୀତ ଶୁଣିବାକୁ ମିଳୁଥିଲା ତ କେତେବେଳେ ଉତ୍କଳ ନରେଶଙ୍କର ଯୁଦ୍ଧାଭିଯାନର ବୀରବାଦ୍ୟ ଶତ୍ରୁ ହୃଦୟରେ କମ୍ପନ ସୃଷ୍ଟି କରୁଥିଲା। ଏବେ କିନ୍ତୁ ଆଧୁନିକ ଓଡ଼ିଶାର ଜନସାଧରଣଙ୍କ 'ମୁଁ' 'ମୁଁ' କମ୍ପନରେ କମ୍ପି ଉଠୁଛି ମାଟି ଓ ଆକାଶ। ଶିହରି ଉଠୁଛି ପାଣି ଆଉ ପବନ। ଫମ୍ପା ମାଠିଆର ଶବଦ ବେଶି ପରି ଆମେମାନେ କଥା କହୁଛନ୍ତି ବାରଣା, କାମ କରୁଛନ୍ତି ଚାରଣା। ବିଜ୍ଞାନକୁ ଆୟୁଧ କରି ଆମେ ଡିଣ୍ଡିମ ପିଟି ଚାଲିଛନ୍ତି ନିଜ ନାଆଁରେ। 'ସାଉଁଟିଲା କାଣ୍ଡ ଯୁଦ୍ଧକୁ ଅଣ୍ଟେନା' ପରି ଆବଶ୍ୟକ କ୍ଷେତ୍ରରେ ଆମେ ପଛଘୁଞ୍ଚା ଦେଇ କାପୁରୁଷ ପରି ଲୁଚି ପଳାୟନ କରିବା ଛଡ଼ା ଅନ୍ୟରାସ୍ତା ଆମ ପାଖରେ ରହୁନାହିଁ। ଆଳସ୍ୟ ଓ କର୍ମ ବିମୁଖତା ପାଇଁ ରୋଗ, ଶୋକ, ଦାରିଦ୍ର୍ୟ ଆମକୁ କବଳିତ କରିଚାଲିଛି ଦିନକୁ ଦିନ। ପରନିନ୍ଦା, ପରଶ୍ରୀକାତରତାରେ ସମୟ ଅତିବାହିତ କରି ଆମେ କେବଳ ଫକଡରାମ ଗିରିଧାରୀ ସାଜିଛନ୍ତି।

ଏ ସବୁ ଆମ ପାଇଁ ଶୁଭଙ୍କର ନୁହେଁ। ପର୍ତ୍ତୁଗୀଜ୍ ଜାତି ଖ୍ରୀ:୧୫୫୪ରେ ପ୍ରଥମେ ଅଳ୍ପ କ୍ଷଣ ପାଇଁ ଓଡ଼ିଶାର ସୁବର୍ଣ୍ଣରେଖା ମୁହାଣର ପିପିଲି ନିକଟରେ ବାଣିଜ୍ୟକେନ୍ଦ୍ର ସ୍ଥାପନ କରି ବ୍ୟବସାୟ ଆରମ୍ଭ କରିଥିଲେ ମଧ୍ୟ ପ୍ରାୟ ୧୨୦ ପ୍ରକାର ପର୍ତ୍ତୁଗୀଜ୍ ଭାଷା ଓଡ଼ିଆ ଭାଷାରେ ଦେଖିବାକୁ ମିଳେ। କିନ୍ତୁ ଦୁଃଖ ଆଉ ପରିତାପର ବିଷୟ ଆମ ଓଡ଼ିଆ ଭାଷା ଅନ୍ୟ ଭାଷାରେ ରହି ନିଜର ପ୍ରାଧାନ୍ୟ ବିସ୍ତାର କରୁ - ଏକଥା ଆମେ କେହି କେବେ ଚିନ୍ତା କରୁନା। ନା ଆମ ଭିତରେ ଅଛି ଜାତିପ୍ରୀତି, ନା ଅଛି ଭାଷା ପ୍ରେମ। ଫକିରମୋହନ, ଉତ୍କଳଗୌରବ ମଧୁସୂଦନ, ରାଧାନାଥ, ଗୋପବନ୍ଧୁ, ରାମଚନ୍ଦ୍ର ଭଞ୍ଜଦେଓ, ମଧୁସୂଦନ ରାଓ ସମେତ ଉତ୍କଳର ଅନେକ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନ ଆଜି ସେମାନଙ୍କ ଉତ୍ତରଦାୟାଦମାନଙ୍କର ଓଡ଼ିଆ ଜାତି, ଓଡ଼ିଆ ଭାଷା, ଓଡ଼ିଆ ସ୍ୱାଭିମାନ ପ୍ରତି ଉତ୍ସର୍ଗର କାର୍ପଣ୍ୟତାକୁ ଦେଖି ମୁହଁ ଲୁଚାଉଥିବେ ପରପାରିରେ।

ସେବର 'ଉତ୍କଳ' ଅବା ଏବର 'ଓଡ଼ିଶା' ହଉ - ମାଆ ତ ସିଏ ଆମ ସମସ୍ତଙ୍କର। ପୈତୃକ ସମ୍ପତ୍ତି ଭାବରେ ଆମ ପାଖରେ ଯାହା ରଖିଯାଇଛନ୍ତି ଆମର ପୂର୍ବପୁରୁଷ, ଆମେମାନେ ତା'କୁ ଧୋଇ ମାଜି ଚଳିବାର ମାନସିକତା ଠୁଁ ଦୂରେଇ ରହି, ତା'କୁ ଦ୍ୱିଗୁଣିତ କରି ସେହି ମାଆର ସମ୍ମାନ ଆଉ ସ୍ୱାଭିମାନରେ ଲଗେଇ ପାରିଲେ ନିଜକୁ ନିଜେ ଗର୍ବ କରିବା ଯେ ଆମେ ସେ ଉତ୍କଳମାତାର ସୁଯୋଗ୍ୟ ସନ୍ତାନ।

ଚମ୍ପୁଆ(କେନ୍ଦୁଝର), ମୋ: ୮୧୪୪୭୬୯୮୨୫

## ଶ୍ରୀକ୍ଷେତ୍ରେ ଗଙ୍ଗାଙ୍କ ଆବିର୍ଭାବ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଓ ମହୋଦଧୀ ମଧ୍ୟବର୍ତ୍ତୀ ସ୍ଥାନରେ ଜଣେ ସନ୍ନ୍ୟାସିନୀ ବାସ କରୁଥିଲେ। ସେତେବେଳେ ତାଙ୍କର ନାଆଁ କ'ଣ ଥିଲା କାହାରିକୁ ଜଣା ନାହିଁ। ଗୋଟେ ପୋଖରୀ ହୁଡ଼ାରେ କୁଡ଼ିଆଟିଏ ଥିଲା ତାଙ୍କର ଆଶ୍ରମ। ସେ ଏକାଧାରାରେ ପତିତପାବନ ଶ୍ରୀଜଗନ୍ନାଥ ଓ ପତିତପାବନୀ ଗଙ୍ଗାଙ୍କର ଅନନ୍ୟ ଭକ୍ତ ଥିଲେ। ପ୍ରତିଦିନ ସ୍ନାନଶୌଚ ପରେ ଶୁଦ୍ଧପୂତ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଜଳ ସ୍ପର୍ଶ କରୁଥିଲେ। ଧୀରେଧୀରେ ମାତା ବାର୍ଦ୍ଧକ୍ୟରେ ଉପନୀତ ହେଲେ। ଥରଟିଏ ଯାଇ ଗଙ୍ଗାମାତାଙ୍କୁ ପ୍ରତ୍ୟକ୍ଷ ଆରାଧନା କରି ଗଙ୍ଗାସ୍ନାନ କରିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା। ଆଗରୁ ଦାରିଦ୍ର୍ୟ ସେଦିଗରେ ବାଧକ ସାଜୁଥିଲା। ଏବେ ବାର୍ଦ୍ଧକ୍ୟ ତାଙ୍କର ଗଙ୍ଗାଯାତ୍ରାକୁ ଆହୁରି ଅସମ୍ଭବ କରିଦେଲା। ଗଙ୍ଗା ଶ୍ରୀକ୍ଷେତ୍ରଠାରୁ ଅନେକ ଦୂରରେ ଥିବାରୁ ଯିବାଆସିବା ପାଇଁ ମାସକରୁ ଅଧିକ ସମୟ ଲାଗୁଥିଲା। ମାସେ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଅଦର୍ଶନର ଚିନ୍ତା ମନକୁ ପଶି ଆସିଲେ ସେ ଅସହାୟ ବୋଧ କରୁଥିଲେ। ଗଙ୍ଗା ଦର୍ଶନ ନ ହେଲେ ନାହିଁ, ମହାପ୍ରଭୁଙ୍କୁ ଛାଡ଼ି କୁଆଡ଼େ ଯିବେ ନାହିଁ ବୋଲି ସେ ବାରବାର ସଙ୍କଳ୍ପ ନିଅନ୍ତି। ସେ ଦିନେ ମହାପ୍ରଭୁଙ୍କୁ ପ୍ରାର୍ଥନା କରି ନିବେଦନ କଲେ, 'ମହାବାହୁ! ଆପଣ ପତିତପାବନ, ମାତା ଗଙ୍ଗା ପତିତପାବନୀ। ଆପଣଙ୍କ ନଖ କୋଣରୁ ତାଙ୍କର ଉତ୍ପତ୍ତି। ଆପଣ ଚାହିଁଲେ ଅନ୍ତତଃ ଥରୁଟିଏ ମୁଁ ପବିତ୍ର ଗଙ୍ଗାରେ ସ୍ନାନ କରିପାରନ୍ତି।'

ଅନ୍ତର୍ଯାମୀ ମହାପ୍ରଭୁ ଭକ୍ତର ପ୍ରାର୍ଥନା ଶୁଣିଲେ। ସେ ସନ୍ନ୍ୟାସିନୀଙ୍କ ଆଶ୍ରମ ନିକଟବର୍ତ୍ତୀ ପୁଷ୍କରିଣୀରେ ଆବିର୍ଭାବ ହୋଇ ତାଙ୍କୁ ଦର୍ଶନ ଦେବା ପାଇଁ ଦେବୀ ଗଙ୍ଗାଙ୍କୁ ଆଦେଶ ଦେଲେ। ଦେବୀ ଗଙ୍ଗା ମଧ୍ୟ ମନରେ ଏକ ଅଭିଳାଷ ପୋଷଣ କରିଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରକୁ ଆସିଥିବା ବେଳେ ଦେଖିଥିଲେ ଯେ ହଜାରହଜାର ଭକ୍ତ ମହାପ୍ରସାଦ ଆନନ୍ଦବଜାରରେ ସେବନ କଲା ବେଳେ କିଛି ମହାପ୍ରସାଦ କଣିକା ତଳେ ପଡ଼ି ଯାଉଥିଲା। ଭକ୍ତମାନେ ସେ ପ୍ରସାଦ କଣିକାକୁ ଅନିଚ୍ଛାକୃତ ଭାବେ ପାଦରେ ମାଡ଼ି ଦେଉଥିଲେ। ସେମାନେ ଅନିଚ୍ଛାକୃତ ଭାବେ କରୁଥିବା ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ରରେ କୌଣସି ସୁଯୋଗ ନ ଥିଲା। ତେଣୁ ଦେବୀ ମହାପ୍ରଭୁଙ୍କ ଆଦେଶ ପାଇବା ପରେ ଆଶ୍ୱସ୍ତ ହେଲେ ଯେ ଏଣିକି ଭକ୍ତମାନେ ତାଙ୍କ ଜଳରେ ପାଦ ଧୋଇ ସେ ପାପରୁ ମୁକ୍ତ ହୋଇ ପାରିବେ ଏବଂ ସେ ନିଜେ ମହାପ୍ରଭୁଙ୍କ ଧାମରେ ତାଙ୍କ ସାନିଧ୍ୟ ଲାଭ କରି ପାରିବେ।

ଦିନେ ସନ୍ନ୍ୟାସିନୀ ପୋଖରୀ ହୁଡ଼ାରେ ବସି ନୀଳଚକ୍ରଙ୍କୁ ଚାହିଁ ମହାପ୍ରଭୁଙ୍କୁ ଧ୍ୟାନ କରୁଥିଲେ। ଏତିକିବେଳେ ଦେବୀ ଗଙ୍ଗା ସେ ପୋଖରୀରେ ଆବିର୍ଭାବ ହୋଇ କହିଲେ, 'କନ୍ୟା! ମୁଁ ଦେବୀ ଗଙ୍ଗା। ତୋର ଭକ୍ତିରେ ସନ୍ତୁଷ୍ଟ ହୋଇ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶ ପାଇ ମୁଁ ଏଠାରେ ଆବିର୍ଭୂତା ହୋଇଛି। ମୋର ଏକ ଧାର ସବୁଦିନ ପାଇଁ ଏହି ପୁଷ୍କରିଣୀରେ ପ୍ରବାହିତ ହେବ। ତା' ଦ୍ୱାରା ମୋର ପବିତ୍ରଜଳରେ ସ୍ନାନ କରିବା ପାଇଁ ତୋର ଇଚ୍ଛା ପୂରଣ ହୋଇପାରିବ। ତା'ସହିତ ମୋର ମଧ୍ୟ ଏଠାରେ ଏକ ପବିତ୍ର କର୍ତ୍ତବ୍ୟ ରହିଛି। ଆନନ୍ଦବଜାରରେ ଭକ୍ତମାନେ ମହାପ୍ରସାଦ କଣିକାକୁ ପାଦରେ ମାଡ଼ି କରୁଥିବା ଅନିଚ୍ଛାକୃତ ପାପରୁ ମୋ ଜଳରେ ପାଦ ଧୋଇ ମୁକ୍ତି ପାଇବେ। ମୋର ଏହି ବାର୍ତ୍ତା ତୁ କ୍ଷେତ୍ରରେ ପ୍ରଚାର କର। ତା' ଦ୍ୱାରା ଭକ୍ତମାନଙ୍କ ମନରେ ଥିବା ଗ୍ଳାନି ଦୂର ହେବ ଏବଂ ତୁ ମହାପ୍ରଭୁଙ୍କ କୃପା ଲାଭ କରିବୁ।'

ସନ୍ନ୍ୟାସିନୀ ଦେଖିଲେ ଯେ ଗଙ୍ଗାଙ୍କ ଆବିର୍ଭାବ ପରେ ପୋଖରୀର ପାଣି ଶ୍ୱେତବର୍ଣ୍ଣ ଧାରଣ କରିଥିଲା। ସେ ଦେବୀ ଗଙ୍ଗାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଉଠିବା ବେଳକୁ ଦେବୀ ଅନ୍ତର୍ହିତା ହୋଇ ଯାଇଥିଲେ। ସନ୍ନ୍ୟାସିନୀ ରାଜାଙ୍କୁ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ରାଜା ଅତ୍ୟନ୍ତ ଆନନ୍ଦିତ ହେଲେ ଏବଂ ଦେବୀ ଗଙ୍ଗାଙ୍କୁ ଶ୍ରୀକ୍ଷେତ୍ରକୁ ଆଣି ପାରିଥିବାରୁ ସନ୍ନ୍ୟାସିନୀଙ୍କୁ 'ଗଙ୍ଗାମାତା' ବୋଲି ସମ୍ବୋଧନ କଲେ। କ୍ରମଶଃ ସାରା ସହରର ଲୋକ ଏ କଥା ଜାଣି ବହୁତ ଖୁସି ହେଲେ। ସମସ୍ତେ ମିଳିମିଶି ମାତାଙ୍କ ପାଇଁ ଏକ ମଠ ନିର୍ମାଣ କରିଦେଲେ। ମାତାଙ୍କ ନାମାନୁସାରେ ସେ ମଠର ନାମ 'ଗଙ୍ଗାମାତା ମଠ' ରହିଲା। ଯେଉଁମାନେ ଗୟା ବା ପ୍ରୟାଗ ଯାଇ ପିତୃପୁରୁଷମାନଙ୍କର ଅସ୍ଥି ବିସର୍ଜନ କରି ପାରୁ ନ ଥିଲେ, ସେମାନେ ଏହି ତୀର୍ଥରେ ମନୋକାମନା ପୂର୍ଣ୍ଣ କଲେ। ମଝିରେ ମଝିରେ ଦେବୀ ଗଙ୍ଗା ସେଠାରେ ପ୍ରତ୍ୟକ୍ଷ ଆବିର୍ଭୂତା ହୁଅନ୍ତି ଏବଂ ସେ ସମୟରେ ପୋଖରୀର ଜଳ ଶ୍ୱେତବର୍ଣ୍ଣ ଧାରଣ କରେ ବୋଲି ଲୋକବିଶ୍ୱାସ ରହିଛି। ତେଣୁ ସେ ତୀର୍ଥର ନାମ 'ଶ୍ୱେତଗଙ୍ଗା' ଏବଂ ଏହା ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ଭିତରୁ ଅନ୍ୟତମ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ବିଧାନସଭାରେ ବିଜୁ...

କମ୍ପମାନ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଥିଲେ। ୧୧ଟା୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିଜୁ ବାବୁଙ୍କ ଉପରେ ନିଶିକାନ୍ତ ଦୁବେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ବିଜୁ ବାବୁ ଓଡ଼ିଶାର ସ୍ୱାଭିମାନ ଓ ଅଭିମାନ, ତାଙ୍କ ପ୍ରତି ଜଣେ ବିଜେପି ସାଂସଦଙ୍କ ମନ୍ତବ୍ୟ ଓଡ଼ିଆ ଜାତିକୁ ଆଘାତ ଦେଇଛି। କେବଳ ଓଡ଼ିଶାରେ ନୁହେଁ, ଦେଶର ବିଭିନ୍ନ କୋଣ ଅନୁକୋଣରେ ଏହାକୁ ନେଇ ବିରୋଧର ସ୍ୱର ଉଠିଛି। ଓଡ଼ିଆ ଜାତିର ସ୍ୱାଭିମାନ ହେଉଛି ଏ ବିଧାନସଭା। ତେଣୁ ଏପରିସ୍ଥଳେ ଏ ଗୃହ ନିରବଦ୍ରଷ୍ଟା ସାଜି ପାରିବ ନାହିଁ। ସ୍ୱାଧୀନତା ପରେ ପାକିସ୍ତାନ କାଶ୍ମୀର ଦଖଲ ଉଦ୍ୟମ ସମୟରେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇ ପ୍ରଥମ ପାଇଲଟ ଭାବେ ବିଜୁ ପଟ୍ଟନାୟକ ଭାରତୀୟ ସେନାକୁ ନେଇ ଶ୍ରୀନଗରରେ ଓହ୍ଲାଇଥିଲେ। ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମ ବେଳେ ୩ ମାସର ଶିଶୁ ନବୀନଙ୍କୁ ଛାଡ଼ି ବିଜୁ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଜ୍ଞାନ ପଟ୍ଟନାୟକ ଏକ ଡାକୋଟା ବିମାନ ଧରି ଜାକର୍ତ୍ତା ଯାଇଥିଲେ ଓ ସେଠାରୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍ଧାର କରିଥିଲେ। ୧୯୬୨ ମସିହାରେ ଭାରତ ଉପରେ ଚୀନ ଆକ୍ରମଣ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଜୁଙ୍କୁ ଖୋଜିଥିଲେ। ଦେଶରେ ଯେତେବେଳେ ବିପତ୍ତି ପଡୁଥିଲା ବିଜୁ ବାବୁଙ୍କୁ ଡକରା ଆସୁଥିଲା। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସିଆଇଏ ଏଜେଣ୍ଟ କହିବା ଲଜ୍ୟାଜନକ। ଆମେ ନିନ୍ଦା ପ୍ରସ୍ତାବ ଆଲୋଚନା ପାଇଁ ନୋଟିସ ଦେଇଛୁ। ବାଚସ୍ପତି ତାହାକୁ ଗ୍ରହଣ କରି ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କରନ୍ତୁ। ଏ ଗୃହ ନିନ୍ଦା ପ୍ରସ୍ତାବ ଗୃହୀତ କରୁ। ଯଦି ପ୍ରସ୍ତାବ ଗୃହୀତ ନ ହୁଏ, ତାହେଲେ ଓଡ଼ିଆ ଭାବେ ଆମେ ନିନ୍ଦିତ ହେବା ବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ଓଡ଼ିଶାର ନିର୍ମାଣ ପାଇଁ ବିଜୁ ବାବୁ ନିଜର ସର୍ବସ୍ୱ ପ୍ରଦାନ କରିଥିଲେ। ମାତ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବିଜେପି ସାଂସଦ ଅପମାନିତ କରୁଛନ୍ତି। ଏହା ଓଡ଼ିଆ ଜାତି ପ୍ରତି ଅପମାନ। ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଜୁ ବାବୁଙ୍କୁ ଅପମାନିତ କରିଛନ୍ତି। ବିଜୁ ବାବୁ ଓଡ଼ିଶା ପାଇଁ ଯାହା କରିଥିଲେ, ଏମାନେ ଜୀବନରେ କେବେବି ମଧ କରିପାରିବେ ନାହିଁ। ତେଣୁ ତାଙ୍କୁ ଦେଶ ଦ୍ରୋହ ଆଇନରେ ଗିରଫ କରାଯାଉ। ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା କହିଥିଲେ ଯେ ବିଜୁ ପଟ୍ଟନାୟକ ଓଡ଼ିଶାର ସ୍ୱାଭିମାନ। ବିଜେପି ସାଂସଦ ନିଶିକାନ୍ତ ଦୁବେ ତାଙ୍କୁ ଅସମ୍ମାନ କରିଛନ୍ତି। ଆମେ ନିନ୍ଦା କରୁଛୁ। ଗୃହରେ ନିନ୍ଦା ପ୍ରସ୍ତାବ ଗୃହୀତ କରାଯାଉ। ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଏହା ଓଡ଼ିଆ ଅସ୍ମିତାର ପ୍ରଶ୍ନ। ତେଣୁ ଗୃହରେ ନିନ୍ଦା ପ୍ରସ୍ତାବ ଆଲୋଚନା କରିବାକୁ ଆପଣ ଘୋଷଣା କରନ୍ତୁ। ନହେଲେ ଭବିଷ୍ୟତ ଆପଣଙ୍କୁ ଦୋଷ ଦେବ। ଏହାସହ ଗୃହରେ ନିନ୍ଦା ପ୍ରସ୍ତାବ ଗୃହୀତ ନ ହେଲେ ବିଜେପି ତାଙ୍କୁ ଏଭଳି ମନ୍ତବ୍ୟ ଦେବା ପାଇଁ ନିୟୋଜିତ କରିଛି ବୋଲି ଧରିନିଆଯିବ।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ, ବିଜୁ ପଟ୍ଟନାୟକ ଆମ ସ୍ୱାଭିମାନ। ଏ ଗୃହରେ ବିଜୁ ବାବୁ ଅନେକ ବର୍ଷ ଧରି ସଦସ୍ୟ ଥିଲେ। ଓଡ଼ିଶାର ପରିଚୟ ଜଗନ୍ନାଥ। ସେହିଭଳି ବିଜୁ ବାବୁଙ୍କର ସାରା ବିଶ୍ୱରେ ପରିଚୟ ମଧ୍ୟ ରହିଛି। ଜଣେ କର୍ପୋରେଟ ହାଉସ ଦଲାଲ ଯଦି ତାଙ୍କ ସମ୍ପର୍କରେ ଏଭଳି ମନ୍ତବ୍ୟ ଦିଏ ଏ ଗୃହ ତାକୁ ନାପସନ୍ଦ କରିବା ଉଚିତ୍। ଆଗତ ନିନ୍ଦା ପ୍ରସ୍ତାବ କେବେ ଆଲୋଚନା ହେବ ସେନେଇ ବାଚସ୍ପତି ସ୍ପଷ୍ଟ କରନ୍ତୁ। ତାହା ନହେଲେ ଏ ଗୃହ ଚାଲିବାର କୌଣସି ଆବଶ୍ୟକତା ନାହିଁ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜୁ ବାବୁଙ୍କୁ ଛାଡ଼ି ଓଡ଼ିଆ ଅସ୍ମିତା କଥା ଚିନ୍ତା କରାଯାଇପାରିବ କି ? ଓଡ଼ିଶାରୁ ୨୦ ଜଣ ସାଂସଦ ନିର୍ବାଚିତ ହୋଇ ଯାଇଛନ୍ତି। ମାତ୍ର ଏ ପ୍ରସଙ୍ଗରେ ସେମାନଙ୍କର ପାଟି ଫିଟୁ ନାହିଁ। ବିଜୁ ବାବୁଙ୍କ ଭଳି ନେତା ଓଡ଼ିଶାରୁ କେହି ସୃଷ୍ଟି ହୋଇନାହାନ୍ତି। ଓଡ଼ିଶାର ନେତାଙ୍କୁ ଅପମାନିତ କରୁଛନ୍ତି। ପୂର୍ବ ପୁରୁଷମାନଙ୍କୁ ବଦନାମ କରି ବିଜେପି ଦଳ କଣ ମଜବୁତ୍ କରିବାକୁ ଯୋଜନା କରିଛନ୍ତି କି ବୋଲି ପ୍ରମିଳା ପ୍ରଶ୍ନ କରିଥିଲେ। ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ କହିଥିଲେ ଯେ, ବିଜୁ ବାବୁ ଆମ ଗର୍ବ ଓ ଗୌରବ, ଏଥିରେ ଦ୍ୱିମତ ନାହିଁ। ସମଗ୍ର ଓଡ଼ିଶାର ନେତା ବିଜୁ ପଟ୍ଟନାୟକ, ସମସ୍ତଙ୍କ ପାଇଁ ସମ୍ମାନନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ସମଗ୍ର ପ୍ରସଙ୍ଗରେ କହିଥିଲେ ଯେ ମାର୍ଚ୍ଚ ୩୦ ତାରିଖ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ ପ୍ରମୁଖ ପୃଥକ ଭାବେ ଦୁଇଟି ପ୍ରସ୍ତାବ ନୋଟିସ ଏବଂ ସଂକଳ୍ପ ଆକାରରେ ଦେଇଛନ୍ତି। ଏହି ବିଷୟଟି ବିଚାରାଧୀନ ଅଛି। କାର୍ଯ୍ୟ ପରାମର୍ଶଦାତା କମିଟିରେ ଏନେଇ ଆଲୋଚନା କରିବେ ବାଚସ୍ପତି ରୁଲିଂ ଦେଇଛନ୍ତି।

## ନବୀନ ସରକାରରେ...

ହୋଇଛି। ତେବେ ୨୦୨୦-୨୧ ଏବଂ ୨୦୨୧-୨୨ରେ ରାଜସ୍ୱ ପ୍ରାପ୍ତିରେ ରାଜ୍ୟ ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବା ଜଣାପଡିଛି। ଗତ ୧୦ ବର୍ଷ ମଧ୍ୟରେ ରାଜସ୍ୱ ସଂଗ୍ରହରେ ୪୬.୬୩ ପ୍ରତିଶତ ଅଭିବୃଦ୍ଧି ସହ ୧,୦୪,୩୮୭ କୋଟିରୁ ୧,୫୩,୦୫୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତେଣୁ ବିଗତ ୧୦ ବର୍ଷ ମଧ୍ୟରେ ରାଜସ୍ୱ ପ୍ରାପ୍ତିରେ ଏଭଳି ସ୍ଥିର ଅଭିବୃଦ୍ଧି ଓଡ଼ିଶାକୁ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବାରେ ସହାୟକ ହୋଇଛି। ଏହାବ୍ୟତୀତ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ମଧ ୧୦.୭୬% ସିଏଜିଆର୍‌ରେ ବୃଦ୍ଧି ପାଇଛି। ଏସ୍‌ଜିଏଟି ସଂଗ୍ରହରେ ଉନ୍ନତି, ରାଜ୍ୟ ଉତ୍ପାଦ ଶୁଳ୍କରୁ ଅଧିକ ସଂଗ୍ରହ ଏବଂ ଯାନବାହାନ ଉପରେ ଟିକସ ଯୋଗୁ ଏହି ଅଭିବୃଦ୍ଧି ହାସଲ ସମ୍ଭବପର ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୨-୨୨ଠାରୁ ରାଜ୍ୟ ରାଜସ୍ୱ ପ୍ରାପ୍ତିର ଅଭିବୃଦ୍ଧି ମୁଖ୍ୟତଃ ଅଣ ଟିକସ ରାଜସ୍ୱ ଦ୍ୱାରା ପରିଚାଳିତ। ଏହାର ମୁଖ୍ୟ କାରଣ ହେଉଛି, ରାଜ୍ୟ ସରକାର ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟନ୍ତ୍ରଣ ଆଇନ) ୨୦୧୫ ପରେ ଖଣି( ଲୁହାପଥର, ମାଙ୍ଗାନିଜ୍, ବକ୍ସାଇଟ୍ ଓ ଡୋଲାମାଇଟ୍ ଖଣି) ନିଲାମ କରିଥିଲେ, ଯାହା ନୂତନ ଓ ଅବଧି ସରିଥିବା ଖଣିର ନିଲାମ ଦ୍ୱାରା ଖଣି ରାଜସ୍ୱ ବଢ଼ିଥିଲା।

ଅପରପକ୍ଷେ ୨୦୧୫-୨୫ରେ ଓଡ଼ିଶାର ରାଜସ୍ୱ ବ୍ୟୟ ୧୧.୮୬% ସିଏଜିଆର୍ ହାରରେ ବୃଦ୍ଧି ପାଇଛି। ୨୦୧୮-୧୯ ପରେ ରାଜ୍ୟରେ ଅଭିବୃଦ୍ଧି ଆଖିଦୃଶିଆ ବୃଦ୍ଧି ପାଇଛି। ତେବେ ଏହି ୧୦ ବର୍ଷ ମଧ୍ୟରେ ଓଡ଼ିଶାଏହାର ରାଜସ୍ୱ ବଳକା ବଜାୟ ରଖିବାରେ ସକ୍ଷମ ହୋଇଥିଲା। ତେବେ ବିଡ଼ମ୍ବନାର ବିଷୟ ହେଉଛି ୨୦୨୪-୨୫ରେ ରାଜ୍ୟର ସବ୍‌ସିଡି ୧୫%ରୁ ଅଧିକ ବୃଦ୍ଧି ପାଇଛି, ଯାହା ୨୦୨୪-୨୫ରେ ୯୧୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହାଫଳରେ ମୋହନ ସରକାରଙ୍କ ରାଜସ୍ୱ ବ୍ୟୟ ଉପରେ ଚାପ ବଢ଼ିବ। ନବୀନ ସରକାରଙ୍କ ଅମଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ, ରାଜ୍ୟରେ ବିକାଶମୂଳକ କାମ ଦ୍ରୁତତର ହେବା। ଏହି ସମୟରେ ରାଜ୍ୟ ସରକାର ବିଭିନ୍ନ ସାମାଜିକ ପ୍ରକଳ୍ପରେ ଅଧିକ ଅର୍ଥ ବ୍ୟୟ ବରାଦ କରିଥିଲେ। ସେଥିପାଇଁ ୨୦୧୫-୨୫ରେ ରାଜ୍ୟର ପୁଞ୍ଜି ବ୍ୟୟରେ ପ୍ରାୟ ୧୨.୪୭ ପ୍ରତିଶତ ସିଏଜିଆର୍ ହାରରେ ବୃଦ୍ଧି ପାଇଛି। ଯାହା ଫଳରେ ପୁଞ୍ଜି ବ୍ୟୟ ଏହି ୧୦ ବର୍ଷ ମଧ୍ୟରେ ୧୭,୦୯୦ କୋଟିରୁ ୪୫,୪୮୧ କୋଟି ଟଙ୍କାକୁ ବୃଦ୍ଧି ହୋଇଛି। ତେବେ ୨୦୨୦-୨୧ ପରଠାରୁ ପୁଞ୍ଜି ବ୍ୟୟରେ ଅଭିବୃଦ୍ଧି ମୁଖ୍ୟତଃ ଭାବେ ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଦୀର୍ଘକାଳୀନ ବିକାଶ ଉପରେ ରାଜ୍ୟ ସରକାରଙ୍କ ଯଥେଷ୍ଟ ଧ୍ୟାନ କେନ୍ଦ୍ରୀତ କରିଥିବାକୁ ସୂଚାଉଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା, ଉପ ମହାଲେଖାକାର କେ. ମଧୁବାଲା, ସଞ୍ଜୟ କୁମାର, ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଏ. ବାଳକ୍ରୀଷ୍ଣା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା, ବିଚିତ୍ରାନନ୍ଦ ସାହୁ, ଭାସ୍କର ଚନ୍ଦ୍ର ରାଉଳ, ରଙ୍କ ନାଥ ମଲ୍ଲିକ, କ୍ଷୀରୋଧ କୁମାର ସୁବୁଦ୍ଧି ଏବଂ ଜଗତାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇରାନ ଅସ୍ତ୍ରଭଣ୍ଡାର...

ରଖିଛି। ଇରାନ ଅଞ୍ଚଳରେ ଶତ୍ରୁପକ୍ଷ ସେନା ପଶିଲେ, ସେମାନଙ୍କୁ ଜୀବିତ ଫେରିବାକୁ ଦିଆଯିବ ନାହିଁ। ଇରାନ ସେମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିବ ବୋଲି ଇରାନର ପ୍ରତିରକ୍ଷା ମୁଖପାତ୍ର ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ଅନେକ ଯୁଦ୍ଧ ବିମାନ ଓ ଡ୍ରୋନକୁ ମାଡ଼ କରି ଖସାଇ ଦିଆଯାଇଛି। ଉପସାଗରରେ ଥିବା ଆମେରିକାର ଅନେକ ରଡାର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦିଆଯାଇଛି। ଇରାନକୁ ଆମେରିକାର ଦୁର୍ବଳ ଭାବିବା ଠିକ୍ ନୁହେଁ ବୋଲି ସେ ଚେତାଇଦେଇଛନ୍ତି।

ଇତିମଧ୍ୟରେ କବର ମିଳିଛି ଆମେରିକା ଏହାର ଯୁଦ୍ଧ ଜାହାଜ ୟୁଏସଏସ ତ୍ରିପୋଲିକୁ ଭାରତ ମହାସାଗରରେ ମୁତୟନ କରିଛି। ଏହି ଜାହାଜରେ ପ୍ରାୟ ୧୮୦୦ ମରିନ ସୈନିକ ଅଛନ୍ତି। ଏହି ଜାହାଜରେ ସୈନିକ ଏବଂ ସାମରିକ ଉପକରଣ ମହଜୁଦ ରହିଛି। ଏହା ଯେକୌଣସି ଅଭିଯାନକୁ ସଫଳ କରିବାରେ ସମର୍ଥ ବୋଲି କୁହାଯାଉଛି।

## ୯ ମହିଳା...

କରାଯାଇ ନ ଥିଲା। ଏଥିପାଇଁ ଦଳାଚକଟା ଘଟି ଅନେକ ନୀରିହଙ୍କ ଜୀବନ ଗଲା। ୯ ମହିଳା ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଘଟଣାର ୪୦ ମିନିଟ ପରେ ଯାଇ ପୁଲିସ, ଆମ୍ବୁଲାନ୍ସ ଏବଂ ସ୍ଥାନୀୟ ଉଦ୍ଧାରକାରୀ ଦଳ ପହଞ୍ଚିବାରୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

ସୂଚନା ଅନୁଯାୟୀ, ଦର୍ଶନ ପାଇଁ ଶୀଘ୍ର ଯିବାକୁ ଚେଷ୍ଟା କରିବା ସମୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଅନେକ ଲୋକ ଭିଡ଼ରେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ମନ୍ଦିର ଏବଂ ମେଳାକୁ ବନ୍ଦ କରିଦିଆଯାଇଛି। ଦୁର୍ଘଟଣା ପରେ ପାଟନା କମିଶନରଙ୍କୁ ବିହାର ସରିଫ୍ ପଠାଯାଇଛି। ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୀପନଗର ଥାନାର ଏସଏଚଓ ରାଜମଣିଙ୍କୁ ନିଲମ୍ବିତ କରାଯାଇଛି। ସରକାର ମୃତକଙ୍କ ପରିବାର ପାଇଁ ୬ ଲକ୍ଷ ଟଙ୍କା ଏବଂ କେନ୍ଦ୍ର ସରକାର ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଡିଜିପି ବିନୟ କୁମାର କହିଛନ୍ତି ଯେ ମନ୍ଦିର ପରିସରରେ ଅନେକ ଅଭାବ ରହିଛି। ନିଶ୍ଚିତ ଭାବେ ଏଠାରେ ପୋଲିସ ଟିମ୍ ରହିବା ଉଚିତ୍ ଥିଲା। ଅବହେଳା ପାଇଁ ଏଚଏସଓଙ୍କୁ ନିଲମ୍ବିତ କରାଯାଇଛି। ଅଧିକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିବାରୁ ଭିଡ଼ ଅତ୍ୟଧିକ ବଢ଼ିଯାଇଥିଲା। ମନ୍ଦିର ପରିସର ଛୋଟ ଥିଲା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନଥିଲା। ଲୋକଙ୍କ ମଧ୍ୟରେ ଆଗ ଦର୍ଶନ କରିବା ପାଇଁ ପ୍ରତିଯୋଗିତା ଲାଗିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା।

## ଘୋଷଣା ପ୍ରବଳ...

ପାଇଁ ମୋରମ ମୁଠେ ବି ପଡ଼ିଲା ନାହିଁ। ୨୦୨୪ରେ ନବୀନ ପଟ୍ଟନାୟକ ଏ ସରକାରକୁ ଏକ ସୁସ୍ଥ ଓ ସଶକ୍ତ ଅର୍ଥବ୍ୟବସ୍ଥା ପ୍ରଦାନ କରିଥିଲେ। ମାତ୍ର ତାହା ନଷ୍ଟ ହୋଇ ସାରିଲାଣି। ୨୦୨୪ରେ ଋଣଭାର ୮୦ ହଜାରକୋଟି ଥିବାବେଳେ ଏବେ ଏହା ୧.୨୫ ଲକ୍ଷ କୋଟିରେ ପହଞ୍ଚିଲାଣି। ଦୁଇ ବର୍ଷରେ ୪୫ ହଜାର କୋଟିରୁ ବି ଅଧିକ ଋଣ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ଗତ ଦୁଇ ବର୍ଷ ହେବ ବଜେଟ୍‌ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ଏଥର ସରକାର ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟରେ ୫୦ ହଜାର କୋଟି ଟଙ୍କାର ଋଣ କରିବେ ବୋଲି ଯୋଜନା କରିଛନ୍ତି। ଏହି ଧାରା ଜାରି ରହିଲେ ୨୦୨୯ ସୁଦ୍ଧା ଋଣ ୩ ଲକ୍ଷ କୋଟିରେ ପହଞ୍ଚିବ। ସମାନ ଭାବେ କେନ୍ଦ୍ର ସରକାର ମଧ ଋଣଭାର ବଢ଼ାଇ ଚାଲିଛନ୍ତି। ୨୦୨୪ ସୁଦ୍ଧା ଦେଶରେ ୧ ହଜାର ଲକ୍ଷ କୋଟି ଋଣ ହୋଇଥିବ ବୋଲି ସେ କହିଛନ୍ତି। ବିଶ୍ୱବ୍ୟାଙ୍କ ଋଣ ସୂଚୀରେ ବର୍ତ୍ତମାନ ଭାରତ ନଂ-୧ରେ ରହିଛି। ଗ୍ୟାସ କଳାବଜାରରେ ୩ ହଜାର ଟଙ୍କାରେ ବିକ୍ରି ହେଉଛି। ଜିଏସ୍‌ଟି ସ୍ଲାବ୍ କମିଛି କିନ୍ତୁ ବେସ୍ ପ୍ରାଇସ୍ ବଢ଼ାଇ ଦିଆଯାଇଛି। ଏବର୍ଷ ସାର ଯୋଗୁଁ ଚାଷୀ ହଇରାଣ ହୋଇଛନ୍ତି। ଏହା ସବଳ ସରକାରର ଲକ୍ଷଣ ବୋଲି କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ଓଡ଼ିଆ ଅସ୍ମିତା କଥା କହି ୨୦୦ କୋଟିର ଅସ୍ମିତା ଭବନ କୁଆଡ଼େ ଗଲା ବୋଲି ଡଃ ସାହୁ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଦାଦନ ବଢୁଛି, ହେଲେ ଟାସ୍କ ଫୋର୍ସ କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ବିଧାୟକ ଗୁଳି ଫୁଟାଇଲେ, ପିଏସ୍‌ଓ ବଳି ପଡ଼ିଲେ କହି ସରକାରଙ୍କୁ ସମାଲୋଚନା କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ କୋଟିଆରେ ଆନ୍ଧ୍ର ଅନୁପ୍ରବେଶ କରୁଛି। କିନ୍ତୁ ଟ୍ରିପଲ ଇଂଜନ ସରକାର ଶୋଇ ରହିଛନ୍ତି। ଆନ୍ଧ୍ର ସରକାରକୁ କେନ୍ଦ୍ର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛି। ସମାନ ସମୟରେ ପୂର୍ବଦ୍ୱୟ କଥା ଓଡ଼ିଶାକୁ ଭଣ୍ଡାଇ ଦେଲେ। ଓଡ଼ିଶାର ଖଣି ପାଣି ବିପଦରେ ଅଛି। ଓଡ଼ିଶାର ସମ୍ପଦକୁ ଲୋଲୁପଦୃଷ୍ଟି ପଡ଼ିଛି। ଏ ସରକାରରେ ଆଦିବାସୀମାନେ ସବୁଠୁ ଅବହେଳିତ ହୋଇ ରହିଛନ୍ତି। ଏ ସରକାର ଆଦିବାସୀଙ୍କୁ ଶୋଷଣ ଓ ପରୋକ୍ଷରେ ହତ୍ୟା କରୁଛନ୍ତି ବୋଲି କହି ଶ୍ରୀ କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ପକ୍ଷରୁ ବିଧାୟକ ନିରଞ୍ଜନ ପୂଜାରୀ, ଧ୍ରୁବ ସାହୁ, ଗଣେଶ୍ୱର ବେହେରା, ରମେଶ ବେହେରାଙ୍କ ସମେତ କଂଗ୍ରେସରୁ ତାରା ପ୍ରସାଦ ବାହିନୀପତି, ବିଜେପିରୁ ଟଙ୍କଧର ତ୍ରିପାଠୀ, ସିଦ୍ଧାନ୍ତ ମହାପାତ୍ର, ଇରାଶିଷ ଆଚାର୍ଯ୍ୟ, ଦୁଷ୍ମନ୍ତ ସ୍ୱାଇଁ, ସନ୍ତୋଷ ଖଟୁଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଜିଠାରୁ ଓଡ଼ିଶା...

ବ୍ୟବସ୍ଥା ନିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଯାହା ୨୦୨୭ ଫେବୃଆରୀରେ ହେବ, ଯେଉଁଥିରେ ଲୋକସଂଖ୍ୟା, ଆର୍ଥିକ ଓ ସାମାଜିକ ତଥ୍ୟ ସଂଗ୍ରହ କରାଯିବ। ଏଥିରେ ଜାତି ସମ୍ପର୍କିତ ତଥ୍ୟ ମଧ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି।

## ଡ. ପ୍ରତିଭା ରାୟଙ୍କୁ...

ଜଣେ ପ୍ରଖ୍ୟାତ ଉର୍ଦ୍ଦୁ ଲେଖକ ଏବଂ କବି। ତାଙ୍କର ୨୪ରୁ ଅଧିକ ପ୍ରକାଶିତ କୃତି ରହିଛି। ସେ ସାହିତ୍ୟ ଏକାଡେମୀ ପୁରସ୍କାର, ଗାଲିବ୍ ପୁରସ୍କାର, ଭାରତୀୟ ଭାଷା ପରିଷଦ ପୁରସ୍କାର ଏବଂ ଉର୍ଦ୍ଦୁ ଏକାଡେମୀରୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରାପ୍ତ କରିଛନ୍ତି। ଆଗାମୀ ଦିନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଫେଲୋସିପ୍ ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପକ୍ଷରୁ ପ୍ରଦାନ କରାଯାଉଥିବା ଏହି ସର୍ବୋଚ୍ଚ ସମ୍ମାନ ୧୯୬୮ ମସିହାରୁ ଆରମ୍ଭ ହୋଇଥିଲା। ଏହା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ।

## ଆନ୍ଧ୍ର ନାବାଳିକାଙ୍କୁ...

ଅନ୍ତର୍ଗତ ଚନ୍ଦନନଗର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ମୃଦୁ୍ୟ ପାନୀୟରେ ନିଶା ଦେଇ ରାତିତମାମ ଖୋଲା ପଡିଆରେ ଗଣଦୁଷ୍କର୍ମ କରିଛନ୍ତି ୩ ଦୁର୍ବୃତ୍ତ। ଗତ ୨୯ ତାରିଖ ରାତିରେ ଏହି ଅମାନୁଷିକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏଥିରେ ମୋଟ ୩ଜଣଙ୍କ ସମ୍ପୃକ୍ତି ଥିବା ବେଳେ ଜଣେ ନାବାଳକ ଓ ଅନ୍ୟ ୨ ଜଣ ସାବାଳକ ସାମିଲ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହ କାବୁ କରାଯାଇଛି। ପୀଡ଼ିତାଙ୍କ ସମେତ ସମସ୍ତଙ୍କ ଡାକ୍ତରୀମାଇନା ଓ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ବାପାଙ୍କ ଦେହାନ୍ତ ପରେ ଆନ୍ଧ୍ରପ୍ରଦେଶ କାଡାପ୍ପା ଜିଲ୍ଲାର ଜଣେ ନାବାଳିକା ତା' ମା' ଓ ସାବତ ବାପାଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ। ଏପରିକି, ସାବତ ବାପାଙ୍କ ଦ୍ୱାରା ତାଙ୍କୁ ଯୌନ ଶୋଷଣ କରୁଥିଲା। ଯୌନପିପାସୁ ସାବତ ବାପାଠାରୁ ମୁକ୍ତି ପାଇବା ଆଶାରେ ସେ ଘର ଛାଡି ବ୍ରହ୍ମପୁର ଚାଲି ଆସିଥିଲେ। ଷ୍ଟେସନ୍ର ୪ନମ୍ବର ପ୍ଲାଟଫର୍ମ ନିକଟରେ ଥିବା ଏକ ଚା' ଦୋକାନରେ କାମ କରିବା ମଧ୍ୟରେ ସ୍ଥାନୀୟ ଜଣେ ନାବାଳକ ସହ ବନ୍ଧୁତା ସ୍ଥାପନ ପରେ ତାଙ୍କ ଘରକୁ ଯାଇଥିଲେ। ପରେ ଉକ୍ତ ନାବାଳକ କହିବାନୁସାରେ ସେମାନେ ବାହାରକୁ ଯାଇଥିବା ବେଳେ ଗତ ୨୯ତାରିଖ ରାତିରେ ଖୋଲା ପଡ଼ିଆରେ ନାବାଳିକାଙ୍କୁ ୨ଜଣ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଖବର ପ୍ରଘଟ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାରେ ସମ୍ପୃକ୍ତ ନାବାଳକକୁ କାବୁ କରିବା ପରେ ଜେଜେବିରେ ହାଜର କରାଯାଇଥିଲା। ଅନ୍ୟ ଦୁଇ ଦୁଷ୍କର୍ମକାରୀ ଅର୍ଜୁନ ନାୟକ (୨୨) ଓ ଆଦିତ୍ୟ ନାୟକ (୧୯) ଙ୍କୁ ଗିରଫ କରି ପୁଲିସ ଜେରା କରିଛି। ଡାକ୍ତରୀ ମାଇନା କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଭାର ଡିଏସ୍ପି ସ୍ମୃତିପ୍ରଭା ପ୍ରଧାନଙ୍କୁ ଦିଆଯାଇଛି।

## କଳାବଜାରୀଙ୍କ ରାଜୁତି...

ଏପରି ମେସେଜ କିପରି ଆସିଲା? ତାଙ୍କ ନାମରେ ବୁକିଂ ହୋଇଥିବା ଗ୍ୟାସ କୁଆଡ଼େ ଗଲା ଓ କିଏ ତାହାକୁ ବିକିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଗ୍ୟାସ ଏଜେନ୍ସି କର୍ତ୍ତୃପକ୍ଷ ବା ଡ଼େଲିଭରୀ କରୁଥିବା ବ୍ୟକ୍ତିବିଶେଷ ମିଳିମିଶି ଏହାକୁ କଳାବଜାରରେ ବିକ୍ରି କରିଥିବା ସେ ସନ୍ଦେହ କରିଛନ୍ତି। ଅନୁରୂପ ଭାବରେ ୧୯ ମାର୍ଚ୍ଚରେ ନୟାପଲ୍ଲୀସ୍ଥିତ ରାଜଧାନୀ ଗ୍ୟାସରେ ସିଲିଣ୍ଡର ବୁକିଂ ସହ ଟଙ୍କା ଜମା କରିଥିବା କରିଥିବା ଅନ୍ୟଜଣେ ଉପଭୋକ୍ତା ସମାନ ଅଭିଯୋଗ କରିଛନ୍ତି। ୩୧ ତାରିଖ ପର୍ଯ୍ୟନ୍ତ ଗ୍ୟାସ ସିଲିଣ୍ଡର ତାଙ୍କ ନିକଟରେ ପହଞ୍ଚି ନାହିଁ ଓ ଏ ସମ୍ପର୍କରେ ସମ୍ପୃକ୍ତ ଗ୍ୟାସ ଏଜେନ୍ସି ସହ ଯୋଗାଯୋଗ କରିଥିଲେ ବି କିଛି ସନ୍ତୋଜନକ ଉତ୍ତର ମିଳି ନ ଥିବା ସେ କହିଛନ୍ତି। କେବଳ ଏହି ଦୁଇଟି ଘଟଣା ନୁହେଁ, ରାଜଧାନୀରେ ଏବେ ପ୍ରତିଦିନ ଅନୁରୂପ ହଜାର ହଜାର ଘଟଣା ଘଟୁଛି।

ରାଜଧାନୀର ଅଧିକାଂଶ ଗ୍ୟାସ ଏଜେନ୍ସି କଳାବଜାରରେ ମାତିଥିବା ଅଭିଯୋଗ ହୋଇଛି। ବାଣିଜ୍ୟିକ ଗ୍ୟାସ କୋଟା ହ୍ରାସ ପାଇଥିବାରୁ ବଡ଼ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ, ଟେଣ୍ଟ ହାଉସ ଓ ମଣ୍ଡପ ମାଲିକମାନଙ୍କୁ ଚଢ଼ା ଦରରେ ବିକ୍ରିକରି ଅନେକ ଗ୍ୟାସ ଏଜେନ୍ସି ବିପୁଳ ମୁନାଫା ପାଉଛନ୍ତି। ଏପରିକି ଜରୁରୀ ଆବଶ୍ୟ ସାଧାରଣ ଉପଭୋକ୍ତାଙ୍କ ପାଇଁ ଆସୁଥିବା ଗ୍ୟାସକୁ ଅନ୍ୟତ୍ର ସିଲିଣ୍ଡର ପିଛା ୨୫୦୦ରୁ ୩୦୦୦ ଟଙ୍କାରେ ବିକ୍ରି କରାଯାଉଛି। ଏପରିକି କିଛି ବାହାର ଦୋକାନରେ ୫ ଲିଟର ସିଲିଣ୍ଡରରେ ଗ୍ୟାସ କେଜି ୩୦୦ ଟଙ୍କା ଲେଖାଏଁ ବିକ୍ରି ହେଉଥିବା ଦେଖାଯାଉଛି। କେବଳ ରାଜଧାନୀ ଭୁବନେଶ୍ୱର କାହିଁକି କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ଜୟପୁର, ରାଉରକେଲା ଏବଂ ବାଲେଶ୍ୱର ଭଳି ପ୍ରମୁଖ ସହରଗୁଡ଼ିକରେ ରନ୍ଧନ ଗ୍ୟାସ୍‌ର ଅଭାବ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଇଛି। ଏଲ୍‌ପିଜି ସିଲିଣ୍ଡର ପାଇଁ ଗ୍ୟାସ୍ ଏଜେନ୍ସି ଆଗରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଲୋକେ ସକାଳ ସବୁ କାମ ଛାଡି ଏଲ୍‌ପିଜି ସିଲିଣ୍ଡର ପାଇଁ ଧାଡିରେ ଛିଡା ହେଉଛନ୍ତି। ଗ୍ରାହକ କମ୍ପାନୀର ନମ୍ବରରେ କଲ କଲେ ମଧ ବୁକିଂ ହୋଇପାରୁନାହିଁ। ଏପରିକି ବୁକିଂର ୧୫ ଦିନ ପରେ ମଧ ଗ୍ରାହକଙ୍କୁ ଏଲ୍‌ପିଜି ସିଲିଣ୍ଡର ମିଳୁନି ଓ ବୁକିଂ ହେବା ପରେ ବି ଗ୍ରାହକଙ୍କୁ ସିଲିଣ୍ଡର ମିଳୁନାହିଁ।

ସରକାରଙ୍କ ନୂଆ ନିୟମ ଅନୁସାରେ ଏଲ୍‌ପିଜି ସିଲିଣ୍ଡର ବୁକିଂ ଅବଧି ସହରାଞ୍ଚଳରେ ୨୧ ଦିନରୁ ୨୫ ଦିନକୁ ଓ ଗ୍ରାମାଞ୍ଚଳରେ ୪୫ ଦିନକୁ ବୃଦ୍ଧି କରାଯାଇଛି। ମାତ୍ର ଗ୍ରାହକମାନଙ୍କୁ ଶୋଷଣ କରୁଥିବା ଓ କଳାବଜାରରେ ଗ୍ୟାସ ସିଲିଣ୍ଡର ବିକ୍ରି କରୁଥିବା କୌଣସି ଗୋଟିଏ ବି ଏଜେନ୍ସି ବିରୋଧରେ ଆଜିଯାଏ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାର ଦୃଷ୍ଟାନ୍ତ ନାହିଁ। ଯଦି ରାଜ୍ୟରେ ବାସ୍ତବରେ ଗ୍ୟାସ ସଙ୍କଟ ନାହିଁ ଓ ସରକାର ସତରେ ଲୋକମାନଙ୍କ ହିତ ଚାହୁଁଛନ୍ତି, ତେବେ ଅଭିଯୋଗ ସତ୍ତ୍ୱେ ଗ୍ୟାସ ଏଜେନ୍ସି ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

## କେସିଙ୍ଗା ଏସ୍‌ଡିପିଓ ଓ ପୁଲିସ ଟିମ୍ ବିରୋଧରେ ନର୍ଲା ବିଧାୟିକାଙ୍କ ଏତଲା

ଭୁବନେଶ୍ୱର, ୩୧।୩ (ସମିସ): କେସିଙ୍ଗା ପୁଲିସ ବେଆଇନ ଭାବେ ସରକାରୀ କ୍ୱାର୍ଟର୍‌ରେ ପଶିବା ଘଟଣାରେ ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି ନର୍ଲା ବିଧାୟିକା ମନୋରମା ମହାନ୍ତି। କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ ଓ ପୁଲିସ ଟିମ୍ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂଙ୍କୁ ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ହତ୍ୟା ଧମକ ସହ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ମାମଲା ରୁଜୁ ପରେ କେସିଙ୍ଗା ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଖାରବେଳନଗର ଥାନା ଅଞ୍ଚଳରେ ଥିବା ବିଧାୟିକାଙ୍କ ସରକାରୀ ବାସଭବନରେ ଚଢ଼ଉ କରିଥିଲା। ବିଧାୟିକା କିମ୍ବା ତାଙ୍କ ସ୍ୱାମୀ ନଥିବା ବେଳେ ପୁଲିସ୍ ଜୋରଜବରଦସ୍ତ ଘରେ ପଶିବାକୁ ଉଦ୍ୟମ କରିଥିଲା। ବିନା ସର୍ଚ୍ଚ ୱାରେଣ୍ଟରେ ପୁଲିସ ଘର ଭିତରେ ପ୍ରବେଶ କରି ଦୁର୍ବ୍ୟବହାର କରିବା ସହ ଧମକଚମକ ଦେଇଥିଲା। ଏମିତିକି, ପୁଲିସ ତାଙ୍କ ଘରର ଝରକା ଓ କବାଟ ଭାଙ୍ଗି ଦେଇଥିଲା। ଘରେ ଥିବା ତାଙ୍କ ଝିଅ ଓ ଘରୋଇ ସହାୟିକାଙ୍କୁ ପୁଲିସ ଗାଳିଗୁଲଜ କରିଥିଲା। ମଙ୍ଗଳବାର ବିଧାୟିକା ମନୋରମା ମହାନ୍ତିଙ୍କ ସହ ବିଧାୟକ ଯୋଗେଶ କୁମାର ସିଂ, ଦିବ୍ୟଶଙ୍କର ମିଶ୍ର, ଅଧିରାଜ ମୋହନ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସୁଜାତା ସାହୁ ପ୍ରମୁଖ ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି।


**NOTICE (FOR MINOR)**

By virtue of an affidavit sworn before Executive Magistrate, Jaleswar, Affidavit No: 1304, dated: 30/03/2026, I, NIROJ KUMAR PRADHAN, S/o - Gaya Prasad Pradhan, Address: Vill-Munutunia, P.O- Munutunia, P.S-Raibania, Dist- Balasore, Pin - 756033 declare that I have changed the name of my son from R.N. Shritam Kumar to R N Shritam Kumar. Henceforth, he shall be known as **R N Shritam Kumar** for all purposes.
**NIROJ KUMAR PRADHAN**

**AFFIDAVIT**

By virtue of an affidavit sworn before the Executive Magistrate Baripada on Dated 10th February 2026, I, Mr. Pradhan tudu, Address At-Jhirani, Po-Mahulia, Ps-Rasgabinda pur, Dist-Mayurbhanj, State-Odisha, Pin-757073, Odisha, have changed my Daughter name from "Pungi Tudu" to **"Sabita Tudu"**. Henceforth, I shall be known as **"Sabita Tudu"** for all purposes.
**Sabita Tudu**

**NOTICE**

By virtue of an affidavit sworn before the Executive Magistrate, Athmallik dated 26th March 2026, I, Miss. PUNEI KARMI address Daughter of HARIHARA KARMI, Village : KUSHAPUR, P.O. : PURUNAMANATRI, P.S.: ATHMALLIK, District: ANGUL, PIN : 759125, STATE : ODISHA, declare that I have changed my name from **"RINKI KARMI"** to **"PUNEI KARMI"**. Henceforth, I shall be known as **"PUNEI KARMI"** for all purposes.
**PUNEI KARMI**

**AFFIDAVIT**

**I, Tapasi Mohanty**, W/o.: Shakti Swarup Mohanty, resident of Plot No.: 105, Lane-4, Jagannath Vihar, Baramunda, PO./P.S.: Khandagiri, Dist.: Khorda, PIN-751003, Odisha, declare by this affidavit No.: 39, dtd- 30.07.2025 that now onwards I shall be known as **Tapasi Priyadarshini Mohanty** for all future purposes.

**AFFIDAVIT**

By virtue of an affidavit vide no.53 dtd.- 30.03.2026, I, Ranjita Purohit, W/o- Sanjaya Purohit, permanent resident of Gaisilet, Dist.- Bargarh, Pin - 768037, Odisha state that, I have changed my name from **Ranjita Chand** to **Ranjita Purohit**. Henceforth, I shall be known as **Ranjita Purohit** for all purposes.
Sd/- **Ranjita Purohit**

**AFFIDAVIT**

By virtue of an affidavit sworn before Executive Magistrate, Rasulpur, No. 1651, dated 18/08/2025, I **RANKANIDHI BARALA**, S/o Prahallad Barala resident of village At- Ambasara, PO: Hatibari, P.S: Sukinda, Dist: Jajpur, State- Odisha declare that I have changed my Son's name from **ANIMESHA BARALA (Old Name)** to **ARAVINDA ANIMESHA (New Name)**. Henceforth, he shall be known as **ARAVINDA ANIMESHA** for all future purposes.
Sd- **RANKANIDHI BARALA**

**AFFIDAVIT**

I, Sek Kadir Backhx, S/o- Sk Ahemad Backhx, resident of At- Manatira, Po- Alando, Ps- Biridi, Dist- Jagatsinghapur, Pin- 754130, Odisha declare by this affidavit No-54, date- 31/03/2026, that now onwards I shall be known as **SK KADIR BUX** for all future purposes.

**ଦଲିଲ ହଜିଛି**

ମୁଁ, ଚିତରଞ୍ଜନ ଦେବତା, ପିତା- ବୈକୁଣ୍ଠନାଥ ଦେବତା, ଗ୍ରାମ- ସାଲେପୁର, ଥାନା- ସାଲେପୁର, ଜିଲ୍ଲା- କଟକ, ଏହା ଦ୍ୱାରା ଜଣାଉଛି ଯେ ମୁଁ କଟକ ଡେଭେଲପମେଣ୍ଟ ଅଥରିଟିରୁ ପ୍ଲଟ୍ ନଂ– 672, ଡ୍ରଇଂ ନଂ– 175/85, ସେକ୍ଟର–1, ମୋଟ 2700 ବର୍ଗଫୁଟ୍ ଜମି କ୍ରୟ କରିଥିଲି, ଯାହାର ସେଲ ଡିଡ୍ ନଂ– 3178/1997, ତାରିଖ– 04.09.1997 ଏବଂ ପଟ୍ଟା ନଂ– 660/811, କଟକ ରେଜିଷ୍ଟ୍ରିଂ ଅଥରିଟି ସମ୍ମୁଖରେ ରେଜିଷ୍ଟର୍ ହୋଇଥିଲା, ଏବଂ ପ୍ଲାନ୍ ନଂ– 2915, ତାରିଖ– 12.03.1998 ଅନୁଯାୟୀ ମୁଁ ଜମିର ଦଖଲ ନେଇଥିଲି। ପରେ ମୁଁ ଏହି ଜମିକୁ ନିରୁପମା ବିଶ୍ୱାଳ, ସ୍ୱାମୀ– ସ୍ମୃତି ରଞ୍ଜନ ବିଶ୍ୱାଳଙ୍କୁ, ସେଲ ଡିଡ୍ ନଂ– 1039240-2980, ତାରିଖ– 10.04.2024, କଟକ ରେଜିଷ୍ଟ୍ରିଂ ଅଥରିଟି ସମ୍ମୁଖରେ ବିକ୍ରୟ କରିଛି। ଉପରୋକ୍ତ ପ୍ଲଟ୍ ସମ୍ବନ୍ଧୀୟ ମୂଳ ବିକ୍ରୟ ଦଲିଲ, ପଟ୍ଟା ଓ ପ୍ଲାନ୍ ମୋର ବାସସ୍ଥାନ ସ୍ଥାନାନ୍ତର କରିବା ସମୟରେ ତାରିଖ– 01.04.2024, ସମୟ– ସନ୍ଧ୍ୟା 7ଟା, କେଉଁଠି ହଜିଯାଇଛି। ଅନେକ ଚେଷ୍ଟା କରିବା ସତ୍ତ୍ୱେ ମୁଁ ସେହି ଦଲିଲ, ପଟ୍ଟା ଓ ପ୍ଲାନ୍ ଖୋଜି ପାଇପାରିନାହିଁ। ଯଦି କେହି ଏହାକୁ ପାଇଥାନ୍ତି, ଦୟାକରି ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରନ୍ତୁ:- 9438670857 / 9937069927

**AFFIDAVIT**

By affidavit before the **Executive Magistrate, Khunta, Dt: 30.03.2026**, I, Sakra Hembram, W/o- Guba Hembram of village/PO- Nuagan, PS: Khunta, Dist: Mayurbhanj, solemnly affirm and declare that my daughter's correct name is Milimani Hembram and her true D.O.B is 26.04.2011. Henceforth she shall be known as **Milimani Hembram.**

**AFFIDAVIT**

By virtue of an affidavit before the **Notary Public, Malkangiri, Dt: 07.03.2026**, I, P. Ananda Rao, S/o- Late P. Chandrayya, Vill- Chalanguda, Po- Udulibeda, Dist- Malkangiri hereby declare that my name is wrongly recorded as P. Abhisek Anand Verma in my vehicle records No. OR10-8374. That **P. Abhisek Anand Verma & P. Ananda Rao** is one and the same person. Henceforth, I shall be known as **P. Ananda Rao** for all purposes.

**AFFIDAVIT**

By virtue of an affidavit sworn before Notary Public, Bargarh dtd.- 25.03.2026, I, Ajambila Chhatar, S/o- Fakir Chhatar resident of Birmal, Po.- Birmal, Ps./Tah/Dist.- Bargarh (Odisha), Pin- 768029, declare that my actual name is **Ajambila Chhatar**. Unfortunately my name is Ajambila Chhtar reflected in my Reliance Life Insurances Policy bearing No.17271539 and Late my daughters Gitanjali Chhatar Relience Life Insurance Policy No.17686312 as a Nominee. That, **Ajambila Chhatar** and **Ajambila Chhtar** is one and same person.

**AFFIDAVIT**

By virtue of an affidavit sworn before Executive Magistrate, Bhawanipatna, Kalahandi, dated 02.03.2026, I, **Abhiram Thakur,** Address: At- Adri, PO- Gopinathpur, PS- Thuamul Rampur, Dist- Kalahandi, Odisha, Pin- 766026 declare that I have changed my name from **Abhi Ram Naik** to **Abhiram Thakur.** Henceforth, I shall be known as **Abhiram Thakur** for all purposes.
**(Abhiram Thakur)**

13001/837/2526

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 3617 (PW) Date. 30.03.2026**
**Tender ID: 2026_ORULB_126614**

**Date and Time schedule:**

| Start | End | Opening |
|---|---|---|
| 11.00 AM on dt. 31.03.2026 | 5.00 PM on dt. 09.04.2026 | 11.00 AM on dt. 10.04.2026 |

**Tender Details: can be seen from the procurement portal: www.tendersorissa.gov.in**

**Executive Engineer,**
**City Division-II, CMC**

**OIPR-13001/13031/1/25-26/0043**

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୬" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ମହାସମାରୋହରେ ପାଳନ କରାଯାଉଅଛି ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟ ମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

**ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ**
**ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ**
**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

32001/278/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**SORO CANAL DIVISION, SORO**
**E-mail id: eescdsoro@gmail.com**
**E-procurement Notice No. SESCD- 14 of 2025-26**

| E-Procurement officer | Name of the work | Bid id No | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender on line for bidding: From | Availability of tender on line for bidding: To | Date of opening of Bid |
|---|---|---|---|---|---|---|---|---|---|---|
| Superintending Engineer Soro canal Division, Soro | Hiring of one no. of Vehicle for the period from 01.04.2026 to 31.003.2027 to be used in the office of the Assistant Executive Engineer ,Soro Canal Sub-Division No-II,Nilgiri. | SESCD—14/01 of 2025-26 | 4.47 Lakhs | Rs. 5000/- | Nil | Travel Agencies/ Tour Operators or Private individuals | 12(Twelve) calendar months | 30.03.26 11.00AM | 04.04.26 01.00PM | 04.04.26 02.00PM |
| | Hiring of one no. of Vehicle for the period from 01.04.2026 to 31.003.2027 to be used in the office of the Assistant Executive Engineer ,Soro Canal Sub-Division No-III,Balasore. | SESCD—14/02 of 2025-26 | 4.47 Lakhs | Rs. 5000/- | Nil | Travel Agencies/ Tour Operators or Private individuals | 12(Twelve) calendar months | 30.03.26 11.00AM | 04.04.26 01.00PM | 04.04.26 02.00PM |

Further details can be seen from the Govt website www.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Sd/-
Superintending Engineer
Soro Canal Division, soro

OIPR-32001/32265/1/25-26/0004

## ପଞ୍ଚାୟତ ସମିତିସ୍ତରୀୟ ମିଳିତ ଜନଶୁଣାଣି

**ଧରାକୋଟ,୩୧।୩(ସମିସ):** ଧରାକୋଟ ବ୍ଲକର ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିସ୍ତରୀୟ ମନରେଗା, ସମଗ୍ର ଶିକ୍ଷା, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଜଙ୍ଗଲ ବିଭାଗର ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଉପଜିଲ୍ଲାପାଳ ଛତ୍ରପୁର ପାର୍ଥସାରଥୀ ହାଁସଦା, ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶିଲ ପଟନାୟକ, ସହକାରି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ସୌରୀ ଶଙ୍କର ବେହେରା, ଏପିଓ ନନ୍ଦିନୀ ଦାସ, ବିଏସଏ ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷରେ ଏପ୍ରିଲ ମାସ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ସମୟ ସୀମା ମଧ୍ୟରେ ତିନି ଲକ୍ଷ ପଚିଶ ହଜାର ନଅସହ ଷାଠିଏ ଗୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ୧୩୫ ଜଣ ଜବକାର୍ଡ ଧରି ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଥିବା ଜଣାଯାଇଛି। ସେହିପରି ସମଗ୍ରଶିକ୍ଷାର ୨୮ ଗୋଟି ବିଦ୍ୟାଳୟର ସମୀକ୍ଷା କରାଯାଇଥିଲା। ଅନ୍ୟ ଲାଇନ ବିଭାଗ ମଧ୍ୟରେ ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ଓ ଜଙ୍ଗଲ ବିଭାଗର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଏସିପି ଅମେସ ବେହେରା, ସଞ୍ଜୀବ ରାଉଳ, ଦୀପକ ପଟ୍ଟନାୟକ ଓ ଆଶୁତୋଷ ପ୍ରଧାନ ସହଯୋଗ କରିଥିଲେ। ଏବିଡିଓ ସୁଶିଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ମହାସଭା ପକ୍ଷରୁ ଦାବିପତ୍ର ପ୍ରଦାନ

**ଧରାକୋଟ,୩୧।୩(ସମିସ):** ଓଡ଼ିଶା ଦଳିତ ମହାସଭା ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଦଳିତ ବର୍ଗର ପୁରୁଷ ଓ ମହିଳା ସେମାନଙ୍କୁ ସ୍ଥାୟୀ ଘର ପଟ୍ଟା ପ୍ରଦାନ ଓ ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଆଜି ଅତିରିକ୍ତ ତହସିଲଦାର ଓ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଦଳିତ ମହାସଭାର ଜିଲ୍ଲା ସଭାପତି ସଞ୍ଜୀବ ନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ ନାୟକ, ବ୍ଲକ ସଭାପତି ନିରଞ୍ଜନ ନାୟକ, ଉପ ସଭାପତି ରୋହିତ ନାୟକ, ସହ ସମ୍ପାଦକ ମିଥୁନ ପରିଚ୍ଛା, କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ ଓ ଏଆଇକେଏମଏସର ରାଜ୍ୟ ସମ୍ପାଦକ ପ୍ରତାପ ନାୟକଙ୍କ ନେତୃତ୍ୱରେ ଧରାକୋଟ ବ୍ଲକର ବରଡାବିଲି ପଞ୍ଚାୟତର ହରିପୁର, ପ୍ରତାପୁର, ବରଡାବିଲି, ବନ୍ୟା ନଗର ପ୍ରଭୃତି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ସହ ଆଲୋଚନା କରାଯାଇ ଦାବିପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କୁ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉନଥିବା ଅଭିଯୋଗ କରିଥିଲେ। ବିଡିଓ ନିରପେକ୍ଷ ଭାବେ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ଅନ୍‌ସ୍ଲୋ ହାଇସ୍କୁଲରେ ଆଲୋଚନାଚକ୍ର

**ଛତ୍ରପୁର,୩୧।୩(ସମିସ):** ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ଉଚ୍ଚ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉତ୍କଳ ସମ୍ମିଳନୀ ଶାଖାର ସଭାପତି ଡ଼ଃ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଦୁଇଶହ ରୁ ଉର୍ଦ୍ଧ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। "ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀ ଏବଂ ଆମ ପୂର୍ବସୁରୀମାନଙ୍କ ଅବିସ୍ମରଣୀୟ ଅବଦାନ" ବିଷୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଛତ୍ରପୁର ଶାଖାର ଉପଦେଷ୍ଟା ଡ଼ଃ ରାଜେନ୍ଦ୍ର କୁମାର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଶିକ୍ଷକ ବିଦ୍ୟାଧର ଦାସ ଓ ସଞ୍ଜୟ କୁମାର ବେହେରା, ଶିକ୍ଷୟିତ୍ରୀ ଅଞ୍ଜନାଶ୍ରୀ ବଡ଼ତ୍ୟା ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନିର୍ମାତା ଉତ୍କଳ ଗୌରବ ବାରିଷ୍ଟର ମଧୁସୂଦନ ଦାସଙ୍କ ସହିତ ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟାନ୍ୟ ବରପୁତ୍ରମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ବିଦ୍ୟାର୍ଥୀ ମାନଙ୍କୁ ସେହି ମହାପୁରୁଷ ମାନଙ୍କ ଆଦର୍ଶରେ ପ୍ରେରିତ ହୋଇ ଜଣେ ଦାୟିତ୍ୱଶୀଳ ଓ ଆଦର୍ଶ ନାଗରିକ ହେବା ପାଇଁ ଅତିଥିମାନେ ଆହ୍ୱାନ ଜଣାଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜନାଶ୍ରୀ ବଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଜଣେ ଗୁରୁତର

**ପାତ୍ରପୁର,୩୧।୩(ସମିସ):** ପାତ୍ରପୁର ଗ୍ରାମର ଜଣେ ଯୁବକ ସାପ କାମୁଡାରେ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଶିବ ଶଙ୍କର ସାହୁ (୩୧)। ସୋମବାର ସେ ତାଙ୍କ ଚା'ଦୋକାନ ବନ୍ଦ କରି ଆସି ଘରେ ଖାଇସାରି ଶୋଇଥିଲେ। ଏହି ସମୟରେ ଏକ ଚିତିସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇଥିଲେ। ହେଲେ ଆଇସିୟୁ ଆବଶ୍ୟକତା ରହିଥିବା ହେତୁ ତାଙ୍କୁ ଶୀତଳାପଲ୍ଲୀ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଟମାଟୋ ଫସଲ କ୍ଷତିର କାରଣ ଖୋଜିଲା ବୈଷୟିକ ଟିମ୍

**ବ୍ରହ୍ମପୁର,୩୧।୩(ସମିସ)**

ଗଞ୍ଜାମ ଜିଲ୍ଲାର ଗଞ୍ଜାମ ଓ ଛତ୍ରପୁର ଅଞ୍ଚଳରେ ବହୁଳ ଭାବେ ଟମାଟୋ ଚାଷ ହୋଇଥାଏ। ଚଳିତବର୍ଷ ମଧ୍ୟ ଏ ଅଞ୍ଚଳ ବ୍ୟତୀତ ସାରା ଜିଲ୍ଲାରେ ପ୍ରଚୁର ଭାବେ ଟମାଟୋ ଚାଷ ହୋଇଥିବା ବେଳେ ଏହାର ମୂଲ୍ୟ ଏବେ ସାରା ବଜାରରେ କମ୍ ରହିଛି। କିନ୍ତୁ ସବୁବର୍ଷ ପରି ଏ ବର୍ଷ ଗଞ୍ଜାମ ବ୍ଲକ ନିକଟସ୍ଥ ଗ୍ରାମମାନଙ୍କରେ ଟମାଟୋରେ ଦେଖାଯାଇଥିବା ଅଜଣା ରୋଗ ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି।

ସୂଚନାପ୍ରକାରେ ହୁମ୍ମା, ରମ୍ଭା ନିକଟବର୍ତ୍ତୀ ସାନ ରାମଚନ୍ଦ୍ରପୁର, ସୁବଳୟା, ଗୋବିନ୍ଦପୁର, କାଇଞ୍ଚପୁର ଅନ୍ତର୍ଗତ ଝାରପଦର, କଣ୍ଟାପଡ଼ା, ସିପକୁଦା, ମୁକୁନ୍ଦପୁର, ଝରେଡି, ନୂଆଗାଁ,



ବୁରୁଡ଼ି, ମଧୁଆତୁଆ ଆଦି ବିଭିନ୍ନ ଗ୍ରାମରେ ଚାଷୀମାନେ ପ୍ରତିବର୍ଷ ଶହଶହ ଏକର ବିଭିନ୍ନ ଶଙ୍କର କିସମର କୋବି, ଟମାଟୋ ଆଦି ପନିପରିବା ଉତ୍ପାଦନ କରିଥାନ୍ତି। ଏବର୍ଷ ଅଦିନିଆ ଓ ଅତ୍ୟଧିକ ବର୍ଷାରେ ଫୁଲ କୋବି ନଷ୍ଟ ହୋଇଯାଇଥିଲା। ଏବେ ଏହି ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଏକର ଟମାଟୋ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. କନ୍ଦ ଜେନା ଏକ ବୈଷୟିକ ଟିମ୍ ଅନୁଧ୍ୟାନ ପାଇଁ ଯାଇଥିଲେ।

କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁରର ମୁଖ୍ୟ ବୈଜ୍ଞାନିକ ଡ ସୁଜିତ୍ କୁମାର ନାଥ, ମୃତ୍ତିକା ବୈଜ୍ଞାନିକ ଡ. ଦେବାଶିଶ ଷଡ଼ଙ୍ଗୀ ବିଭିନ୍ନ ଗ୍ରାମର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ବୈଜ୍ଞାନିକ ଡ. ନାଥଙ୍କ କହିବା ଅନୁସାରେ ବାରମ୍ବାର ସମାନ ଜମିରେ ଟମାଟୋ କିସମ କରିବା ଦ୍ୱାରା ଏ ଅଞ୍ଚଳ ମାଟିରେ ଫୁଜାରିଆମ୍ ଏକ୍ସିସ୍ପୋରମ୍ ଲାଇକୋପର୍ଶିଶି ନାମକ କବକର ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଛି। ଯାହାଦ୍ୱାରା ଟମାଟୋ ଗଛ ଝାଉଁଳି ମରିଯାଇଛି। ଏହାସହ ବୀଜାଣୁ ଜାତୀୟ ଝାଉଁଳା ରୋଗ ମଧ୍ୟ ହୋଇଛି। ଏଠି ଫସଲ ପରିବର୍ତ୍ତନ ନକଲେ ଏ ଜୀବାଣୁକୁ ନିୟନ୍ତ୍ରଣ କରିବା କଷ୍ଟକର। ସେମାନେ କରିଥିବା ବିଭିନ୍ନ କମ୍ପାନୀର କିସମ ଝାଉଳା ରୋଗ ନିରୋଧ ନୁହଁ ବୋଲି ସେ ପ୍ରକାଶ କରିଥିଲେ। ଭବିଷ୍ୟତରେ ଫସଲ ପରିବର୍ତ୍ତନ ସହ ସମନ୍ୱିତ ରୋଗ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ଡ. ନାଥ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୃତ୍ତିକା ବୈଜ୍ଞାନିକ ଡ ଷଡ଼ଙ୍ଗୀ ଫସଲରେ ଗୁଣବତ୍ତା ବୃଦ୍ଧି ପାଇଁ ବୋରୋନ, ମ୍ୟାଗନେସିଅମ, ସଲଫର୍ ଆଦିର ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ।

## ଖମ୍ବେଶ୍ୱରୀଙ୍କ ଚୈତ୍ରପର୍ବ ଉଦ୍‌ଯାପିତ

**ଆସିକା,୩୧।୩(ସମିସ):** ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବୀ ତଥା ଆସିକା ବିଜେ ମା' ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ରପର୍ବର ଚତୁର୍ଥ ମଙ୍ଗଳବାର ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ନିଜ ସନ୍ତାନଙ୍କ ପ୍ରଥମ ଚୁଟି ଏହି ପୀଠରେ ପକାଇଲେ ପିଲାଙ୍କ ରୋଗବ୍ୟାଧି ଖଣ୍ଡନ ହେବା ସହ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୁଏ ବୋଲି ଆବାହମାନ କାଳରୁ ଏହି ପ୍ରଥା ଚାଲି ଆସିଛି। ତେଣୁ ପୀଠରେ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାରରେ ଭକ୍ତମାନେ ଆସି ପିଲାଙ୍କୁ ମୁଣ୍ଡନ କରି ମା'ଙ୍କ ପ୍ରିୟ ଭୋଗ ପଞ୍ଚାମୃତ ଅର୍ପଣ କରନ୍ତି। ମା'ଙ୍କ ସ୍ୱତନ୍ତ୍ର ପୂଜାବିଧି ଅନୁଯାୟୀ ପ୍ରାତଃକାଳରେ ଦୂଆର ଫିଟା ନୀତି,



ମହାସ୍ନାନ, ବେଶ, ଆଳତୀ, ବାଳଭୋଗ ପରେ ମାଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଭୋଗ, ପହଡ଼ ପରେ ସନ୍ଧ୍ୟା ଆଳତୀ ଏବଂ ରାତ୍ର ଭୋଗ ପରେ ଠାକୁରାଣୀଙ୍କ ବିଜେ ପ୍ରତିମା ଏକ ପିତଳ ସିଂହ ବିମାନରେ ବିରାଜମାନ କରାଯାଇ ମା' ନଗର ପରିକ୍ରମାରେ ଯାଆନ୍ତି। ଦିନ ତମାମ କାର୍ଯ୍ୟକ୍ରମକୁ ସୁପରିଚାଳନା ସକାଶେ କମିଟି ପକ୍ଷରୁ ତଦାରଖ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମେଇ ପାଣିଗ୍ରାହୀ, ମୁଖ୍ୟ ପୂଜାରି ମନୋଜ ମୁନୀଙ୍କ ତତ୍ତ୍ୱାବଧାନରେ ପୂଜା ନୀତି ସମାପନ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## 'ଉତ୍କଳ ପ୍ରଦେଶ ଗଠନରେ ବଡ଼ଖେମୁଣ୍ଡିର ଅବଦାନ' ଆଲୋଚନାଚକ୍ର

**ଦିଗପହଣ୍ଡି,୩୧।୩(ସମିସ):** ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଥିଲା। "ଉତ୍କଳ ପ୍ରଦେଶ ଗଠନରେ ତତ୍କାଳୀନ ବଡ଼ଖେମୁଣ୍ଡି ବର୍ତ୍ତମାନର ଦିଗପହଣ୍ଡିର ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ରୂପେ ଇତିହାସ ଗବେଷକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବଡ଼ଖେମୁଣ୍ଡିର ଭୂମିକା ସମ୍ପର୍କରେ ତଥ୍ୟ ଭିତ୍ତିକ ଉଦବୋଧନ ଦେଇଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚର ଦକ୍ଷିଣାଞ୍ଚଳ ପ୍ରମୁଖ ତଥା ଶିକ୍ଷାବିତ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ



ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ରୂପେ କବିସୂର୍ଯ୍ୟ ସ୍ମୃତି ପରିଷଦ ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡା ଯୋଗଦେଇ ଉତ୍କଳୀୟ ସଂସ୍କୃତିର ମହାନତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଖେମୁଣ୍ଡି ଇତିହାସବିତ୍ ଡ଼. ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଉତ୍କଳ ପ୍ରଦେଶ ଗଠନର ଇତିହାସ ଏବଂ ଉତ୍କଳୀୟ ମହାପୁରୁଷଙ୍କ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ଦେବୀ, ସୁନୀତା ମହାକୁଡ଼, ତୃପ୍ତି କୁମାରୀ ସାମଲ, ଶିବାନୀ ସାହୁ, ଶିକ୍ଷକ ସୁନୀଲ ମହାନ୍ତି, ସୀମାଞ୍ଚଳ ରେ‡ୀ, ଲୋକନାଥ ସେଠୀ, ୟୁ.ଗୋପାଳ ପ୍ରମୁଖ ସହାୟତା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**ଗୋଷାଣି,୩୧।୩(ସମିସ):** ଗୋଷାଣି ବ୍ଲକ ଭୁଷୁକୁଡିରେ ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମୁଦାୟ ୫୪ ଅଭିଯୋଗର ଶୁଣାଣି କରିଥିଲେ। ସମୁଦାୟ ଅଭିଯୋଗ ମଧ୍ୟରେ ଆବାସିକ ପାଇଁ ୮, ଭିନ୍ନକ୍ଷମ ଭତ୍ତା ପାଇଁ ୧୫, ସମନ୍ୱିତଶିଶୁ ମହିଳା ବିଭାଗ ସମ୍ବନ୍ଧିତ ୯,



ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ୫, ସ୍ୱଚ୍ଛ ଭାରତ ମିଶନର ୧୨, ଅନ୍ୟାନ୍ୟ ୫ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ବିଡିଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଭୁଷୁକୁଡି ସରପଞ୍ଚ ବନଜାକ୍ଷୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ ପାତ୍ର ଉପସ୍ଥିତ ଥିଲେ। ୧୦ରୁ ଊର୍ଦ୍ଧ୍ୱଙ୍କୁ ଉତ୍ତରାଧିକାରୀ ପଟ୍ଟା ବଣ୍ଟନ କରାଯାଇଥିଲା। ଶୁଣାଣିରେ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଏପ୍ରିଲ ୫ରେ ୧୩ ଶମ୍ଭୁ ମିଳନ

**ବାଲିଗୁଡ଼ା,୩୧।୩(ସମିସ):** ଦିନକ ପରେ ଆସୁଛି ୧୩ ଦିନିଆ ଦଣ୍ଡଯାତ୍ରା। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ମା'କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡ଼ା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୭ ତମ ବାର୍ଷିକ ୧୩ ଶମ୍ଭୁ ମିଳନ ଏପ୍ରିଲ ୫ ରେ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ସହରରେ ଆମିଷ ଦ୍ରବ୍ୟ ବିକ୍ରି ଓ ସେବନ ବନ୍ଦ କରି ସହଯୋଗ କରିବା ସହିତ ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି। ୧୩ ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୫ ତାରିଖ ରବିବାର ସକାଳ ୮ଟାରେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଦଳକୁ ବରଣ କରାଯିବ। ସାଢ଼େ ୧୧ଟା ବେଳେ ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ, ଅପରାହ୍ନ ସାଢ଼େ ୪ଟାରେ ବନ୍ଧପାଖରେ ପାଣିଦଣ୍ଡ ଅପରାହ୍ନ ୫ଟାରେ ବଜାର ଛକ ନିକଟରେ ୧୩ ଦଣ୍ଡର ମହାମିଳନ ହେବ। ରାତ୍ର ୮ରୁ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତ୍ର ୧୧ଟାରେ ଝୁଣାଦଣ୍ଡର ଏକ ବିରାଟ ପଟୁଆର ହେବା ସହ ୬ ତାରିଖ ସକାଳ ୮ଟାରେ ଯାତ୍ରା ସମାପ୍ତ ହେବ।

**୧ରୁ ଆମିଷ ବିକ୍ରି ଓ ସେବନ ବନ୍ଦ**

## ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ



**ସାନଖେମୁଣ୍ଡି,୩୧।୩(ସମିସ):** ସାନଖେମୁଣ୍ଡି ବ୍ଲକ ଅଧିନସ୍ଥ ରାଧାଦେଇପୁର ପଞ୍ଚାୟତରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ନୂତନ ଚତୁର୍ଦ୍ଧା ବିଗ୍ରହ ସହିତ ବୈଷ୍ଣବ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ନିମନ୍ତେ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ୧୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଉତ୍ସବରେ ପୁରୋହିତ ଟୁକୁଲା ପାଢ଼ୀ ପୂଜା କାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ବ୍ରହ୍ମପୁର ଗୋଷାଣୀନୂଆଁଗା ଅଞ୍ଚଳର ନରସିଂହ ଚୋଧୁରୀ ଓ ତାଙ୍କ ଧର୍ମପତ୍ନୀ ଝୁନୁ ଚୌଧୁରୀ ଉପସ୍ଥିତ ଥିଲେ। ସେହିପରି ରାଧାଦେଇପୁର ସରପଞ୍ଚ ରାକେଶ ପାତ୍ର, ସମିତି ସଭ୍ୟ ନୀଳାଞ୍ଚଳ ପ୍ରଧାନ, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ସମିତି ସଭ୍ୟ ପ୍ରତିନିଧି ଶୁକଦେବ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରତିନିଧି ଶଙ୍କର ସ୍ୱାଇଁ, ସଭାପତି ରାଜ କିଶୋର ପାଢ଼ୀ, ଯାତ୍ରା କମିଟି ସଭାପତି ଦିଲ୍ଲୀପ ପାଣିଗ୍ରାହୀ, ସମ୍ପାଦକ, କୋଷାଧ୍ୟକ୍ଷ ଶ୍ରୀନିବାସ ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**କୁକୁଡାଖଣ୍ଡି, ୩୧।୩(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅଧିନସ୍ଥ ନିମଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ନିମଖଣ୍ଡି କ୍ଲଷ୍ଟରସ୍ତରୀୟ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିମଖଣ୍ଡି କ୍ଲଷ୍ଟର ସିଆରସିସି ଲୋକନାଥ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଜଣେ ଜଣେ ସହକାରୀ ଶିକ୍ଷକ /ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

ପୁରୁଣାପାଟଣା ସିଆରସିସି ହୃଷୀକେଶ ପାଣିଗ୍ରାହୀ, ଲାଠୀ ସିଆରସିସି ଡ. ଗୋବିନ୍ଦ ଚନ୍ଦ୍ର ମହାକୁଡ, ଆଙ୍କୁଶପୁର ସିଆରସିସି ସୁଶାନ୍ତ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ କର୍ମଚାରୀ ଜିତେନ୍ଦ୍ର କୁମାର ସାହୁ ଏବଂ ସନ୍ତୋଷ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ଲଷ୍ଟରର ଶିକ୍ଷକ / ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମା ରଥ, ରଞ୍ଜିତାରାଣୀ ଦାଶ, ଉଷାରଣୀ ସାହୁ, ଶ୍ୟାମାସୁନ୍ଦର ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାତ୍ର, ରଶ୍ମିତା ପାଢ଼ୀ, ମମତା ତିଆଡ଼ି, ଆରତୀ ବେହେରା, ପରମେଶ୍ୱରୀ ସେଠୀ, ଭାଗ୍ୟଶ୍ରୀ ଗୌଡ଼, କବିତା କୁମାରୀ ଧର, ରଶ୍ମିତା ପାତ୍ର, ସସ୍ମିତା କୁମାରୀ ସାହୁ, କାଜଲ ପଣ୍ଡା, ସରିତା ପାଢ଼ୀ, ରବି ମିଶ୍ର ଏବଂ ସନ୍ତୋଷ କୁମାର ସାହୁ ପ୍ରମୁଖ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ




**ଛତ୍ରପୁର,୩୧।୩(ସମିସ):** ଗଞ୍ଜାମ ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ ୨୦୨୬ ପାଳିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ ଜଣ ଟ୍ରାନ୍ସଜେଣ୍ଡର ଭାଗ ନେଇଥିଲେ। ଟ୍ରାନ୍ସଜେଣ୍ଡର ମାନଙ୍କ ଅଧିକାର ସମ୍ବନ୍ଧୀୟ ଜନସଚେତନତା ପାଇଁ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ତାପରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ପୌରହିତ୍ୟ କରି କହିଥିଲେ ଯେ, ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ମାଧ୍ୟମରେ ଟ୍ରାନ୍ସଜେଣ୍ଡରମାନଙ୍କ ସାମାଜିକ, ଆର୍ଥିକ ବିକାଶ ପାଇଁ ସରକାର ରୀତିମତ ପ୍ରଚେଷ୍ଟା ଚଳାଇ ଆସିଛନ୍ତି। ଯାହାଦ୍ୱାରା ଟ୍ରାନ୍ସଜେଣ୍ଡରମାନଙ୍କ ପ୍ରତି ଜନସାଧାରଣଙ୍କ ମାନସିକତା ବଦଳିଲାଣି। ଏହି ଅବସରରେ ୫ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଓଡିଶା ଟ୍ରାନ୍ସଜେଣ୍ଡର ସଂଘର ରାଜ୍ୟ ସଭାପତି ସ୍ୱିଟି ସାହୁ, ଗଞ୍ଜାମ ଜିଲ୍ଲା ଟ୍ରାନ୍ସଜେଣ୍ଡର ସଂଘ ସମ୍ପାଦକ ମନୋଜ ତରାଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବ୍ରହ୍ମପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲ୍ଲାକୁ ତିନି ଜାତୀୟ ପୁରସ୍କାର

**ଛତ୍ରପୁର,୩୧।୩(ସମିସ)**

ପୁଣି ରାଜ୍ୟରେ ଗଞ୍ଜାମ ଜିଲ୍ଲା ସୁନାମ ଆଣିଛି। ଜିଲ୍ଲାକୁ ୩ଟି ଜାତୀୟ ପୁରସ୍କାର ମିଳିଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ ୨ଟି ପଞ୍ଚାୟତ କୃତିତ୍ୱ ଲାଭ କରିଛି। ସେହିପରି ନାନାଜୀ ଦେଶମୁଖ ସର୍ବୋତମ ପଞ୍ଚାୟତ ସତତ ବିକାଶ ପୁରସ୍କାରରେ ଗଞ୍ଜାମ ଜିଲ୍ଲା ଗୌରବାନ୍ୱିତ ହୋଇଛି। ଏନେଇ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ବିଜୟ କୁମାର ବେହେରା ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସମଗ୍ର ରାଜ୍ୟରେ ୫ଟି ପଞ୍ଚାୟତ ଏଥିରେ ପୁରସ୍କୃତ ହେବେ। ସେଥିରୁ ୩ଟି ଗଞ୍ଜାମ ଜିଲ୍ଲାରୁ ରହିଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ ଛତ୍ରପୁର ବ୍ଲକର ପୋଟଲାମପୁରକୁ ଦେଶର ୩ୟ ସୁସ୍ଥ ପଚାଂୟତ ଭାବେ ଘୋଷଣା କରାଯାଇଛି।



ଏହି ପୁରସ୍କାର ବର୍ଗରେ ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ସାମାଜିକ ସୁରକ୍ଷିତ ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଛି। ସେ ଦ୍ୱିତୀୟ ସ୍ଥାନ ରହିଛି। ସେହିପରି ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାରରେ ଗଞ୍ଜାମ ଜିଲାକୁ ଜିଲା ପଚାଂୟତ ଭାବେ ପୁରସ୍କୃତ କରାଯିବ। ସେ ଦେଶରେ ୨ୟ ସ୍ଥାନ ରହିଛି ଲ୍ଟ ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନ ପୁରସ୍କୃତ ହେବାକୁ ଥିବା ସମସ୍ତ ପଚାଂୟତବାସୀ ଓ ଜନପ୍ରତିନିଧି ଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହା ଜିଲାପାଇଁ ଗୌରବର ବିଷୟବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳରେ ବିକାଶ ଲକ୍ଷ୍ୟକୁ ନେଇ ଧାର୍ଯ୍ୟ ଥିବା ୯ଟି ମାନଦଣ୍ଡ ରହିଛି, ଏହି ପୋଷଣୀୟ ବିକାଶ ଧାରା କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରିବାରେ ସଫଳ ହୋଇପାରିଛନ୍ତି। ଫଳରେ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ସୁନାମ ବଜାୟ ରଖିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ କହିଥିଲେ। ସେହିପରି ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତ ଜଳସମୃଦ୍ଧ ଏବଂ ସୁନ୍ଦରଗଡ ଜିଲାର ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ଏନେଇ ଆଜି ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଯୁବନେତା ବନୋଜ ନାହାକଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ମାନେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜୀତ ସାହୁଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷୀକ ଡାକ୍ତର ସ୍ୱାଧୀନ ରଥ, ପୋଟଲାମପୁର ପଞ୍ଚାୟତର ସମସ୍ତ ଷ୍ଟାଫ ଏବଂ ପଞ୍ଚାୟତବାସୀଙ୍କୁ ସରପଞ୍ଚ ଏବଂ ସମିତି ସଭ୍ୟ ଧନ୍ୟବାଦ ଜଣାଇଛନ୍ତି।

# ଆଜିଠୁ ଅନ୍‌ଲାଇନ୍ କାର୍ଯ୍ୟ କରିବେନି ଅଙ୍ଗନବାଡ଼ି କର୍ମୀ

ପାରଳାଖେମୁଣ୍ଡି,୩୧।୩(ସମିସ)



ଏପ୍ରିଲ୍ ୧ ତାରିଖରୁ ଅନ୍‌ଲାଇନ୍ କାର୍ଯ୍ୟ ବନ୍ଦ କରିବେ ଅଙ୍ଗନବାଡି କର୍ମୀ। ଆଜି ଏନେଇ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ଦେଇଛନ୍ତି। ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଅଖିଳ ଭାରତୀୟ ଅଙ୍ଗନବାଡ଼ି କର୍ମଚାରୀ ମହାସଂଘର ପ୍ରତିନିଧି ଏବଂ ଭାରତୀୟ ମଜଦୂର ସଂଘର କେନ୍ଦ୍ରୀୟ ପ୍ରତିନିଧିଙ୍କ ମିଳିତ ପ୍ରୟାସରେ ପ୍ରଧାନମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ସମସ୍ୟା ସମ୍ପର୍କରେ ସାକ୍ଷାତ କରି ଆଲୋଚନା ପରେ ମଧ୍ୟ ସମାଧାନ ନ ହେବାରୁ ଏପରି ନିଷ୍ପତ୍ତି ନେଇଥିବା ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କରସ୍ ଆସୋସିଏସନ୍ ଗଜପତି ଶାଖା ପକ୍ଷରୁ କୁହାଯାଇଛି। ଅଙ୍ଗନବାଡ଼ି କର୍ମୀଙ୍କୁ ଅନ୍‌ଲାଇନ୍ କାର୍ଯ୍ୟ ନିମନ୍ତେ ପ୍ରଦାନ କରାଯାଇଥିବା ମୋବାଇଲ୍ ଫୋନ୍‌ରେ ବିଶେଷ ସୁବିଧା ନାହିଁ। ଏଥିସହ ଗଜପତି ଜିଲ୍ଲାର ଦୁର୍ଗମ ତଥା ଆଭ୍ୟନ୍ତରଣ ସ୍ଥାନରେ ମୋବାଇଲ୍ ନେଟୱାର୍କ କାମ କରୁନଥିବାରୁ ଅନଲାଇନ କାର୍ଯ୍ୟରେ ବାଧା ଉପୁଜୁଛି। ସେପଟେ ସରକାରଙ୍କ ଅନ୍‌ଲାଇନ୍‌ରେ କାର୍ଯ୍ୟ କରିବା ଚାପ ରହୁଛି। ଦୈନନ୍ଦିନ କାର୍ଯ୍ୟାବଳୀର ତଥ୍ୟ ଆଦି ନିୟମିତ ଦେବାକୁ ପଡୁଛି। ହେଲେ ମୋବାଇଲ୍ ଫୋନ୍‌ରେ ବିଶେଷ ସୁବିଧା ନଥିବା ଏବଂ ବହୁ ସ୍ଥାନରେ ନେଟୱାର୍କ ସୁବିଧା ନଥିବା ଯୋଗୁଁ କାର୍ଯ୍ୟ ସାଧାନ ହୋଇପାରୁନି। ଏଭଳି ସ୍ଥିତିରେ ଅଙ୍ଗନବାଡି କେନ୍ଦ୍ରର ସମସ୍ତ କାର୍ଯ୍ୟ ସମେତ ଅନ୍‌ଲାଇନ୍ ଦାୟିତ୍ୱ ବୋଝ ପାଲଟୁଛି। ତେଣୁ ଏପ୍ରିଲ୍ ୧ ତାରିଖ ଠାରୁ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ସମସ୍ତ ପ୍ରକାରର ଅନ୍‌ଲାଇନ କାର୍ଯ୍ୟ ବନ୍ଦ ରହିବା ସହ ପୂର୍ବଭଳି ଅଫ୍ ଲାଇନ୍ କାର୍ଯ୍ୟ ଚାଲୁ ରହିବ ବୋଲି ଅଙ୍ଗନବାଡି ସଂଘ ଗଜପତି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଭାରତୀୟ ମଜଦୁର ସଂଘ ଗଜପତି ଶାଖା ସୁଜିତ କୁମାର ପ୍ରଧାନଙ୍କ ସମେତ ଅଙ୍ଗନବାଡ଼ି ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହିମା ଅଲେଖଙ୍କ ବାଲ୍ୟଲୀଳା



ଗୋଷାଣି,୩୧।୩ (ସମିସ): ଚୈତ୍ର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ମହିମା ଅଲେଖଙ୍କ ବାଲ୍ୟଲୀଳା ପାଳିତ ହୋଇଛି। ଗୋଷାଣି ବ୍ଲକ ଜଙ୍ଗଲପାଡୁ ସ୍ଥିତ ମହିମା ଅଲେଖ ଟୁଙ୍ଗିରେ ଥିବା ଶୂନ୍ୟ ମନ୍ଦିର ଦୀପ ଉଠାଇ ମହିମା ଅଲେଖ ଧ୍ୱନି ଡାକ ଦିଆଯାଇଥିଲା। ପତର ଚୁଡ଼ାଭୋଗ, ମାଟି ହାଣ୍ଡିରେ ଟେକି ମହିମା ଅଲେଖ ଡାକ ଦେଇଥିଲେ। ଏହି ପରମ୍ପରା ପ୍ରାୟ ୨୦୦ ବର୍ଷରୁ ଅଧିକ ହେବ ପାଳିତ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୂଜା ସରିଲା ପରେ ନିକଟସ୍ଥ ଗ୍ରାମାଞ୍ଚଳ ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଟୁଙ୍ଗିରେ ଢେଙ୍କାନାଳ ମହିମାଗାଦିରୁ ଅଲେଖ ବାବାମାନେ ଆସି ଯଜ୍ଞ ପୂଜା କରିଥାନ୍ତି। ଏଥିସହ ଜଙ୍ଗଲପାଡୁ ଗ୍ରାମାଞ୍ଚଳର ଚନ୍ଦ୍ରମୋହନ ସାମଲ, ଗଣେଶ ସାମଲ, ବାବୁଲି ସାମଲ ଓ ରାଉତ ଭିମୁଡୁ ମହିମା ଅଲେଖ ପୂଜା କରିଥିଲେ।

## ପୁଣି ଲେଉଟିଲା ରକ୍ତମୁଖା ଦନ୍ତା



ଜି.ଉଦୟଗିରି, ୩୧।୩ (ସମିସ): ଉତ୍ତର ଘୁମୁସରରୁ ତିନି ଗୋଠଛଡ଼ା ଦନ୍ତା ଚାଲି ଆସିଥିବା ବେଳେ ସେଥିମଧ୍ୟରେ ଏକ ରକ୍ତମୁଖା ଦନ୍ତା ୩ ଜଣଙ୍କୁ ଗତ ୧୩ ତାରିଖ ଦିନ ଦଳି ମାରିଥିବା ବେଳେ ୧୭ ଦିନ ବ୍ୟବଧାନ ପରେ ଆଜି ବଭାଗୀୟ କାର୍ଯ୍ୟାଳୟ ପଛ ରଟିଙ୍ଗିଆ ସଂରକ୍ଷିତ ଜଙ୍ଗଲରେ ପୁଣି ଦେଖାଦେଇଛି। ଏଥିଯୋଗୁ ସହରବାସୀ ଆତଙ୍କିତ ଅବସ୍ଥାରେ ଥିବାବେଳେ ବିଦ୍ୟାଳୟ ଛୁଟି କରାଯାଇଛି। ଡାକବାଜି ଯନ୍ତ୍ର ଯୋଗେ ନିକଟ ଜଙ୍ଗଲକୁ ଯିବାକୁ ବାରଣ କରାଯାଇଥିବା ଏବଂ ସଚେତନ ରହିବାକୁ ସତର୍କ କରାଯାଇଛି। ବନ ବିଭାଗ ତରଫରୁ ସ୍ୱତନ୍ତ୍ର ନଜର ରଖା ଯାଇଥିବା ବେଳେ ସଦଳବଳେ ନାଇଟ ପାଟ୍ରୋଲିଂ ଜାରି ରହିଛି।

## ତାରାତାରିଣୀ ଯାତ୍ରାରେ ପାରଳାର ସ୍ୱେଚ୍ଛାସେବୀ



ପାରଳାଖେମୁଣ୍ଡି,୩୧।୩(ସମିସ): ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରାର ଶେଷ ତଥା ଚତୁର୍ଥ ପାଳିରେ ପୂର୍ବପାଳି ଭଳି ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବଭଳି ଏହି ପାଳିରେ ମଧ୍ୟ ପାରଳାଖେମୁଣ୍ଡି ଜିଲ୍ଲାକୋର୍ଟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ତଥା ସମାଜସେବୀ ମନୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପ୍ରତିନିଧି ସଙ୍ଗଠନର ୩୦ ଜଣିଆ ସଦସ୍ୟ, ମା' ରାମଚଣ୍ଡୀ ପୂଜା କମିଟିର ସଦସ୍ୟ ତଥା ପାଲୁର ସ୍ୱେଚ୍ଛାସେବୀ ମିଳିତ ଭାବେ ଭୋର ୪ଟାରେ ମା'ଙ୍କ ପୀଠରେ ପହଞ୍ଚି ଭକ୍ତଙ୍କୁ ଧାଡ଼ିରେ ଛିଡ଼ା କରାଇବା ସହିତ ଶୃଙ୍ଖଳିତ ଦର୍ଶନରେ ପ୍ରଶାସନକୁ ସହାୟତା କରିଥିଲେ। ଏହି କ୍ରମରେ ନାରାୟଣ ସାହୁ ତଥା ସୁଧୀର ମହାରଣାଙ୍କ ସହାୟତାରେ ଉପସ୍ଥିତ ଭକ୍ତଙ୍କୁ ଗ୍ଲୁକୋଜ ପାଣି ବଣ୍ଟାଯାଇଥିଲା। ସେହିପରି ଭିଡ଼ ମଧ୍ୟରେ ହଜିଯାଇଥିବା କୁନି ଶିଶୁଙ୍କୁ ଓକିଲ ମନୋଜ ପାଣିଗ୍ରାହୀଙ୍କ ସହାୟତାରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା ଓ ଅନ୍ୟ ହଜିଯାଇଥିବା ପରିବାର ସଦସ୍ୟଙ୍କୁ ସେମାନଙ୍କ ପରିବାର ସହ ମିଶାଇବା ପାଇଁ ପ୍ରଚେଷ୍ଟା କରାଯାଇଥିଲା। ଗହଳି ଭିତରେ ସମାଜସେବୀ ଶିବ ପ୍ରସାଦ ବେହେରା ଓ ଭବି ବେହେରା ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ଦିବ୍ୟାଙ୍ଗଙ୍କ ପାଇଁ ସୁଚାରୁ ଦର୍ଶନ ବ୍ୟବସ୍ଥା କରିଥିଲେ। ଛତ୍ରପୁରର ଉପଜିଲ୍ଲାପାଳ ଡ଼.ଶିବାଶିଷ ବରାଳ ତଥା ଅନ୍ୟ ପ୍ରଶାସନିକ ଅଧିକାରୀ ଉଚ୍ଚ ପ୍ରଶଂସା କରିବା ସହ ଆଗକୁ ଏଭଳି କାମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

## ଡିଜିଟାଲ୍ ଆପ୍‌ରେ ହେବ ଜନଗଣନା

ଫୁଲବାଣୀ,୩୧।୩(ସମିସ): ଜିଲ୍ଲାସ୍ତରୀୟ ଜନଗଣନା ପାଇଁ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ସୁପରଭାଇଜରଙ୍କୁ ନେଇ ତିନିଦିନିଆ ପ୍ରଶିକ୍ଷଣ ଶିବିର ଫୁଲବାଣୀ ବାଳିକା ବିଦ୍ୟାଳୟରେ ଆରମ୍ଭ ହୋଇଛି। ଫୁଲବାଣୀ ତହସିଲ ଅଞ୍ଚଳ ସମେତ ଜିଲ୍ଲାର ପ୍ରତ୍ୟକ ତହସିଲ ଅଞ୍ଚଳରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷଣ ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀଙ୍କ ଅଧ୍ୟକ୍ଷତାରେ ଜନଗଣନା ଡିଜିଟାଲ ଆପ ମାଧ୍ୟମରେ କିପରି କାମ କରିବେ ସେଥିନେଇ ପ୍ରଶିକ୍ଷଣ ଦିଆଯାଉଛି। ଏଥର ପ୍ରଥମ ଥର ପାଇଁ ଡିଜିଟାଲ ଆପ ମାଧ୍ୟମରେ ଜନଗଣନା କରାଯିବ। ତେଣୁ ସମସ୍ତେ ନିଜ ନିଜର ତଥ୍ୟ ସଠିକ ଭାବରେ ଦେବାକୁ ଜିଲ୍ଲାପାଳ କହିଛନ୍ତି। ସମସ୍ତ ନିଜସ୍ୱ ଡାଟା ଗୋପନ ରଖାଯିବ। ଦେଶର ବିକାଶ ଦିଗରେ ଏହି ତଥ୍ୟ ବହୁ କାମରେ ଆସିବା ସହିତ ସରକାରୀ ଯୋଜନା ପାଇବାରେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଗଣନାକାରୀ ଲୋକଙ୍କୁ ୩୩ ପ୍ରଶ୍ନ ପଚାରିବେ। ସଠିକ ତଥ୍ୟ ଦେବାକୁ ଜିଲ୍ଲାପାଳ ବେଦଭୂଷଣ କହିଛନ୍ତି।

## ଟିକାବାଲି ବ୍ଲକରେ ଏକକାଳୀନ ୪ ଶିକ୍ଷକଙ୍କ ଅବସର



**କଟିମାହାରେ ପ୍ରଧାନଶିକ୍ଷକଙ୍କୁ ଭାବପୂର୍ଣ୍ଣ ବିଦାୟ**

ଟିକାବାଲି,୩୧।୩(ସମିସ): ଟିକାବାଲି ବ୍ଲକ ଶିକ୍ଷା ବିଭାଗରେ ଆଜି ଏକକାଳୀନ ୪ଜଣ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ଏହା ପରେ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ବେଳେ ବିଶେଷ କରି କଟିମାହା କ୍ଲଷ୍ଟରରୁ ୩ ଜଣ ଅଭିଜ୍ଞ ଶିକ୍ଷକ ଅବସର ନେବା ପରେ ଶିକ୍ଷାଦାନ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଅବସର ନେଇଥିବା ଶିକ୍ଷକଙ୍କ ମଧ୍ୟରେ କଟିମାହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ମିଳିତ ଶିକ୍ଷକ ସଂଘର ସଭାପତି ମଧୁସୂଦନ ବେହେରା, ଲଦାସାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବବ୍ରୁବାହାନ ଜେନା, ଟିଆରଡବ୍ଲୁ ମୁଣିଙ୍ଗିଆ ସେବାଶ୍ରମର ପ୍ରଧାନଶିକ୍ଷକ ବିଭୁତି ଭୂଷଣ ସାହୁ ଏବଂ ପାବୁରିଆ ସ୍କୁଲର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ଶିକ୍ଷକ ଡ଼. ଗଦାଧର ନିଶାଙ୍କ ଅଛନ୍ତି। ବ୍ଲକ ଶିକ୍ଷା ବିଭାଗ ସେମାନଙ୍କୁ କୃତଜ୍ଞତା ଜଣାଇଛି। କଟିମାହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ବେହେରାଙ୍କ ବିଦାୟ ଉତ୍ସବ ଭାବପୂର୍ଣ୍ଣ ଥିଲା। ଗ୍ରାମର ଶତାଧିକ ଲୋକ ପଟୁଆରରେ ଡିଜେ ଓ ନାଚଗୀତ ସହ ଶ୍ରୀ ବେହେରାଙ୍କୁ ବିଦ୍ୟାଳୟରୁ ତାଙ୍କ ନିଜ ବାସଭବନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇ ଛାଡ଼ିଥିଲେ। ଏହି ଅବସରରେ ଟିକାବାଲି ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ କିରାଣି ଚିତ୍ତରଞ୍ଜନ ନାୟକ ଓ ଅଫିସର ଅନ୍ୟାନ୍ୟ କର୍ମଚାରୀମାନେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଖାଲି ପଡ଼ିଥିବା ସ୍ଥାନରେ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଜିଠାରୁ ୧୩ ଦିନିଆ ଦଣ୍ଡଯାତ୍ରା

**ମଞ୍ଚସ୍ଥ ହେବ 'ମଣିଷ ଖୋଜୁଛି ଜରା ନିବାସ'**

ଜି.ଉଦୟଗିରି,୩୧।୩(ସମିସ): ଜି.ଉଦୟଗିରିର ବହୁ ପୁରାତନ ଦଣ୍ଡଯାତ୍ରା ଆଜିଠାରୁ ଆରମ୍ଭ ହେଉଛି। ୧୩ ଦିନିଆ ଯାତ୍ରା ପାଇଁ ପରିଚାଳନା କମିଟି ତରଫରୁ ପ୍ରସ୍ତୁତି ଶେଷ ହୋଇଛି। ଶତାଧିକ ବରଣ ରହିଥିବା ବେଳେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ବରଣ ତାଲିକା ପରିଚାଳନା କମିଟି ତରଫରୁ ଘୋଷଣା କରାଯାଇଛି। ଅନ୍ୟପଟେ ମା ରୁଦ୍ରକାଳୀ ନାଟ୍ୟସଙ୍ଘ ତରଫରୁ ଚଳିତ ବର୍ଷ ସାମାଜିକ ନାଟକ 'ମଣିଷ ଖୋଜୁଛି ଜରାନିବାସ' ମଞ୍ଚସ୍ଥ ହେବାକୁ ସ୍ଥିର କରାଯାଇଥିବା ବେଳେ ଶେଷ ହୋଇଛି ଆଖଡ଼ା। ନବୀନ ମହାପାତ୍ରଙ୍କ ଦ୍ୱାରା ରଚିତ ଓ କାଳୁଚରଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ କଳାକାର ସୁଦର୍ଶନ ନାୟକ, ବ୍ରହ୍ମାନନ୍ଦ ନାୟକ, ବିଶ୍ୱ ମହାରଣା, ସୁଧୀର ସ୍ୱାଇଁ, ଜିତେନ୍ଦ୍ର କୁମାର ଦାଶ, ଝୁମୁକା ନାୟକ, ବିରଞ୍ଚି ନାୟକଙ୍କ ସମେତ ବହୁ କଳାକାର ଅଭିନୟ କରୁଛନ୍ତି। ନାଟ୍ୟ ସଙ୍ଘ ତରଫରୁ ପରିଚାଳକ ମଳୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଖଡ଼ା ଚାଲିଥିବା ବେଳେ ମନ୍ଦିର ପରିଚାଳନା କମିଟି ତରଫରୁ ଅଧିକାରୀ ଜବାରଲାଲ ପରିଛା, ପାଟ ଭୁକ୍ତା ଭାବେ ଶରଣ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ଓଡ଼ିଶା ସାର୍ବଜନୀନ ସେବା ଅଧିକାର ଆଇନ ତାଲିମ



ପାରଳାଖେମୁଣ୍ଡି,୩୧।୩(ସମିସ): ସେଞ୍ଚୁରିଅନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସର ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ୍‌ରେ ଓଡ଼ିଶା ସାର୍ବଜନୀନ ସେବା ଅଧିକାର ଆଇନ ଉପରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ ପ୍ରଣାଳୀ ଏବଂ ସାର୍ବଜନୀନ ସେବା ଅଧିକାରର ବ୍ୟବହାରିକ ପ୍ରୟୋଗ ବିଷୟରେ ଛାତ୍ରଛାତ୍ରୀ ଏବଂ ଅଂଶୀଦାରଙ୍କୁ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହାର ଲକ୍ଷ୍ୟ ରହିଛି। ଉଦଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଆରଟିପିଏସ୍‌ଏ ଡେପୁଟି ପ୍ରୋଜେକ୍ଟ କୋର୍ଡିନେଟର ସରିତା କାନୁନଗୋ ଏବଂ ସିୱାଇଏସ୍‌ଡିର ଶ୍ରେୟା ପାତ୍ର ସାଧନ ବ୍ୟକ୍ତି ଭାବରେ ଯୋଗ ଦେଇଥିଲେ। ବୈଷୟିକ ଅଧିବେଶନରେ ସକ୍ରିୟ ନାଗରିକତା ଏବଂ ଅଂଶଗ୍ରହଣକାରୀ ଶାସନ ଏବଂ ଓଆରଟିପିଏସ୍‌ଏ ଆଇନ, ନିୟମ ଏବଂ ଅଧିସୂଚିତ ସେବାର ଏକ ବ୍ୟାପକ ସମୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇ ଆଲୋଚନା କରାଯାଇଥିଲା। ସାଧନ ବ୍ୟକ୍ତିମାନେ ଆମ ସାଥୀ ହ୍ୱାଟ୍ସଆପ୍ ବଟ୍ ଏବଂ ନାଗରିକ ମନିଟରିଂ ସିଷ୍ଟମ୍ ଭଳି ଡିଜିଟାଲ୍ ଉପକରଣ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ବିଦାୟ ଅଧିବେଶନରେ ଦିନର କାର୍ଯ୍ୟସୂଚୀର ସାରାଂଶ, ଅତିଥିଙ୍କୁ ସମ୍ବର୍ଦ୍ଧନା, ମତାମତ ସଂଗ୍ରହ ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଡିନ୍ ପ୍ରଶାସକ ଡ.ଏସ୍. ପି. ନନ୍ଦ, ନିର୍ଦ୍ଦେଶକ ପ୍ରଶାସନ ଡ. ଦୁର୍ଗା ପ୍ରସାଦ ପାଢ଼ୀ, ଡିନ୍ ଛାତ୍ର ବ୍ୟାପାର ଡ. ରିତେଶ କୁମାର ଏବଂ ଏନ୍‌ଏସ୍‌ଏସ୍ ସମନ୍ୱୟ କାର୍ଯ୍ୟକ୍ରମ ଅଧିକାରୀ ଡ.ନିହାଲ୍ ଆରଙ୍କ ସମେତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସେମାନଙ୍କର ସମର୍ଥନ ଏବଂ ମାର୍ଗଦର୍ଶନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ତୃତୀୟଲିଙ୍ଗ ଦୃଶ୍ୟମାନତା ଦିବସ



**ସଚେତନତା ପଦଯାତ୍ରା ଓ କର୍ମଶାଳା**

ପାରଳାଖେମୁଣ୍ଡି,୩୧।୩(ସମିସ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲ୍ଲାସ୍ତରୀୟ ତୃତୀୟ ଲିଙ୍ଗୀ ଦୃଶ୍ୟମାନତା ଦିବସ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ୪ରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପାରଳାଖେମୁଣ୍ଡି ଅତିରିକ୍ତ ତହସିଲଦାର କିଶାନ ବେହେରା, ଓଏଲ୍‌ଏମ ଜିଲ୍ଲା ସଂଯୋଜିକା ତଥା ପରାମର୍ଶଦାତା ଶିବାନୀ ପାଣିଗ୍ରାହୀ, ଏସଡବ୍ଲ୍ୟୁଡବ୍ଲ୍ୟୁଏସ୍ ଟିଆଇ ପ୍ରକଳ୍ପ ପରିଚାଳିକା ପି.ସୁନିତା ଓ ତୃତୀୟ ଲିଙ୍ଗ ସଂଘର ସମ୍ପାଦିକା ଜସ୍ମିନ ଶେଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଉତ୍ସର୍ଗୀତା ବଡ଼ରଇତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ତୃତୀୟ ଲିଙ୍ଗୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଓ ଅଧିନିୟମର ଆଲୋଚନା ଚକ୍ର ହୋଇଥିଲା। ଏହି କାର୍ଯକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷ, ଜିଲ୍ଲା ଓ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍.ସନ୍ତୋଷ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ତୃତୀୟ ଲିଙ୍ଗଙ୍କ ଦ୍ୱାରା ଜନସଚେତନତା ପଦଯାତ୍ରା ହୋଇଥିଲା। ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ସ୍ଥାନୀୟ ହାଇସ୍କୁଲରୁ ବାହାରି ନଗର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ପହଞ୍ଚିଥିଲା। ଏଥିରେ ବହୁ ସଂଖ୍ୟକ ତୃତୀୟଲିଙ୍ଗୀ ଯୋଗ ଦେଇଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗଜପତି ଏସ୍‌ପିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବ୍ରହ୍ମପୁର ଏସ୍‌ପିଙ୍କୁ ଅସ୍ଥାୟୀ ଦାୟିତ୍ୱ**

ପାରଳାଖେମୁଣ୍ଡି,୩୧।୩(ସମିସ): ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଆଜି ଅବସର ନେଇଛନ୍ତି। ସେ ଗତ ୨୦୨୪ ଅକ୍ଟୋବର ୩ରେ ଗଜପତି ଜିଲ୍ଲାରେ ଯୋଗ ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ପଦକ୍ଷେପ ନେବା ସହ ଜିଲ୍ଲାରେ ଆଇନଶୃଙ୍ଖଳା ପରିଚାଳନା ସୁରୁଖୁରୁରେ ଚାଲିଥିଲା। ଏହା ସହ ପାରଳାଖେମୁଣ୍ଡି ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା, ଜିଲ୍ଲାରେ ଗଞ୍ଜେଇ ଚାଷ ଓ କାରବାରକୁ ରୋକିବା ପାଇଁ ପ୍ରୟାସ ଆଦି ଯୋଗୁଁ ଡିଜିପି ପଦକ ଠାରୁ ଆରମ୍ଭ କରି ବିଭିନ୍ନ ପଦକ ହାସଲ କରିପାରିଥିଲେ। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ସର୍ବଣା ବିବେକ ଏମ୍ ଯୋଗଦେଇ ଶ୍ରୀପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି, ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କ ସମେତ ପୁଲିସ ଅଧିକାରୀ ଓ କର୍ମଚାରୀ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀ ପଣ୍ଡାଙ୍କ ଅବସର ପରେ ନୂତନ ଆରକ୍ଷୀ ଅଧୀକ୍ଷକଙ୍କ ଯୋଗଦାନ ପର୍ଯ୍ୟନ୍ତ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି।


# ଯୋଗାଣ ବିଭାଗର ଚଢ଼ଉ; ୧୦ ଗ୍ୟାସ୍ ସିଲିଣ୍ଡର ଜବତ

ଫୁଲବାଣୀ,୩୧।୩(ସମିସ)



ଫୁଲବାଣୀ ସହରରେ ଦୀର୍ଘଦିନ ଧରି ଲାଗି ରହିଥିବା ରନ୍ଧନ ଗ୍ୟାସ ସମସ୍ୟା ଓ କଳାବଜାରୀ ଅଭିଯୋଗ ଉପରେ ଆଜି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଗ୍ୟାସ ପାଇଁ ଗ୍ରାହକମାନେ ଲମ୍ବା ଲାଇନରେ ଠିଆ ହେଉଥିବା ବେଳେ, କିଛି ଅସାଧୁ ବ୍ୟକ୍ତି ଏହାର ସୁଯୋଗ ନେଇ ଚୋରାଚାଲାଣ ଓ କଳାବଜାରୀ କରୁଥିବା ନଜରକୁ ଆସିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଫୁଲବାଣୀ ସାହି ବାସିନ୍ଦା ଶ୍ରବଣ କୁମାର ବେହେରାଙ୍କ ବାସଭବନରେ ଅଚାନକ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୧୦ ଗ୍ୟାସ ସିଲିଣ୍ଡର ଜବତ କରିଛି। ସୂଚନାଯୋଗ୍ୟ ଯେ, ଜବତ ହୋଇଥିବା ସିଲିଣ୍ଡରଗୁଡ଼ିକ ମଧ୍ୟରେ ଏଚପି, ଇଣ୍ଡେନ ଏବଂ ଭାରତ ଗ୍ୟାସ ଭଳି ବିଭିନ୍ନ କମ୍ପାନୀର ସିଲିଣ୍ଡର ରହିଛି। ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଆନ୍ନି ଭାର୍ଗଭିଙ୍କ ନେତୃତ୍ୱରେ ୪ଜଣ ଯୋଗାଣ ନିରୀକ୍ଷକ ଚଢ଼ଉରେ ସାମିଲ ଥିଲେ। ସହରରେ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଗ୍ୟାସ କଳାବଜାରୀ ଯୋଗୁଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଯେଉଁମାନେ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଅଛନ୍ତି, ସେମାନଙ୍କୁ ଆଦୌ ଛଡ଼ାଯିବ ନାହିଁ। ଆଗାମୀ ଦିନରେ ଏହି ଚଢ଼ଉ ଜୋରଦାର କରାଯିବ। ପ୍ରଶାସନର ଏହି ଦ୍ରୁତ କାର୍ଯ୍ୟାନୁଷ୍ଠାନକୁ ଫୁଲବାଣୀ ସହରବାସୀ ସ୍ୱାଗତ କରିଛନ୍ତି। ଗ୍ୟାସ ଯୋଗାଣରେ ସ୍ୱଚ୍ଛତା ଆଣିବା ସହ କଳାବଜାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରିଛନ୍ତି।

## ଜନଗଣନା ପାଇଁ ତାଲିମ ଶିବିରର ଶୁଭାରମ୍ଭ



ଦାରିଙ୍ଗବାଡି, ୩୧।୩(ସମିସ): ଦାରିଙ୍ଗବାଡି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଜି ଅଭିଜ୍ଞତା ଅଗ୍ରଣୀ ଶିକ୍ଷକଙ୍କୁ ନେଇ ଜନଗଣନା ପାଇଁ ଗୁରୁତ୍ୱପୂର୍ଣ୍ଣ ତିନି ଦିନିଆ ତାଲିମ ଆରମ୍ଭ ହୋଇଛି। ଏହି ତାଲିମ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବ। ପ୍ରଥମ କରି ଏକ ନୂଆ ରୂପ ଯାହାକି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ ମୋଡରେ କରାଯିବାର ବ୍ୟବସ୍ଥା କରାଯାଇଛି। ୨୦୧୧ ଜନଗଣନା ପରେ ଏହି କାର୍ଯ୍ୟକ୍ରମ ଡିଜିଟାଲ ମୋଡରେ ହେବ। ଏଣୁ ୩ ଦିନ ବ୍ୟାପୀ ନିୟୋଜିତ ହେବାକୁ ଥିବା ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଦାରିଙ୍ଗବାଡି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ତହସିଲଦାର ଧିରଜ ପାତ୍ର ଜନଗଣନା କାର୍ଯ୍ୟକ୍ରମକୁ ନିର୍ଭୁଲ ଓ ସଠିକ ତଥ୍ୟ ସଂଗ୍ରହକରି ସମସ୍ତେ ନିଜ ଦାୟିତ୍ୱ ସମ୍ପନ୍ନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ରାଜସ୍ୱ ନିରୀକ୍ଷକ ସୁବ୍ରତ ବେହେରା, ଜଶ୍ମୀନା ପ୍ରଧାନ, ଦୁର୍ଗାପ୍ରସାଦ ପ୍ରଧାନଙ୍କ ସମେତ ଅନ୍ୟ ତହସିଲ ଷ୍ଟାଫ ଶୁଭାରମ୍ଭ କରିବାରେ ସହଯୋଗ କରିଥିଲେ। ଏଥିରେ ୨୦୦ ଗଣନାକାରୀ ୩୩ ଜଣ ସୁପରଭାଇଜର ଏବଂ ୧୦ ଜଣକ୍ଷେତ୍ର ପ୍ରଶିକ୍ଷକ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର ଭାବେ ଆଦିତ୍ୟ ଝଙ୍କାର, ଦିଲେଶ୍ୱର ତାଣ୍ଡିଆ, ଶରତ ବେରିଆ, ଟଙ୍କଧର ଶବର, ସଂଗ୍ରାମ କେଶରୀ ପଣ୍ଡା, ସନ୍ତୋଷ କୁମାର ରଥ, ପ୍ରସନ୍ନ କହ୍ନର, ବିଭୁତି କହଁର ଓ ଶିବ ମାଝୀ ତାଲିମ ପ୍ରଦାନ କରୁଛନ୍ତି।



ସକାଳ
www.sakalaepaper.com

## ଚଞ୍ଚଳ କୁମାର ଆଇବି ସଚିବ ନିଯୁକ୍ତ



ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ପ୍ରଶାସନିକ ସ୍ତରରେ କେନ୍ଦ୍ର ସରକାର ବଡ଼ ଧରଣର ଅଦଳବଦଳ କରିଛନ୍ତି। ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଦେଇଛନ୍ତି। ବିହାର କ୍ୟାଡରର ଆଇଏଏସ ଅଧିକାରୀ ଚଞ୍ଚଳ କୁମାରଙ୍କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନୂତନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ସଞ୍ଜୟ ଜାଜୁଙ୍କ ସ୍ଥାନ ନେବେ। ସେହିପରି ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ତଥା ଏନଆଇସିର ବର୍ତ୍ତମାନର ମହାନିର୍ଦ୍ଦେଶକ ଅଭିଷେକ ସିଂହଙ୍କୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ର ନୂତନ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ୟୁଟି କ୍ୟାଡରର ରୋହିତ କାନସଲ୍ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ହେବେ। ଆଇଏଏସ ଅଧିକାରୀ ବିକ୍ରମ ଯାଦବଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

## ଜୈସ ମୁଖ୍ୟ ମାସୁଦ ଆଝାରର ଭାଇକୁ ହତ୍ୟା

ଇସଲାମାବାଦ, ୩୧।୩ (ଏଜେନ୍ସି): ପାକିସ୍ତାନରେ ଆଉ ଜଣେ ବଡ଼ ଆତଙ୍କବାଦୀର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ଆତଙ୍କବାଦୀ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ମାସୁଦ ଅଜହରର ଭାଇ ମହମ୍ମଦ ତାହିର ଅନୱର। ଜେଇଏମ ଏହାର ସୂଚନା ଦେଇଛି। ତେବେ କେମିତି ଏବଂ କେଉଁ ପରିସ୍ଥିତିରେ ଏହି ଆତଙ୍କବାଦୀର ମୃତ୍ୟୁ ହେଲା ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଆତଙ୍କବାଦୀ ସଂଗଠନ ପକ୍ଷରୁ କୁହାଯାଇଛି ଯେ ସୋମବାର ବିଳମ୍ବିତ ରାତିରେ ବାହାବଲପୁରର ଜାମିଆ ମସଜିଦ୍ ଉସମାନ ୱାଲିଠାରେ ତାର ଅନ୍ତିମ ସଂସ୍କାର କରାଯାଇଛି। ତାହିର ଦୀର୍ଘ ସମୟ ଧରି ଜେଇଏମ ସହିତ ଜଡ଼ିତ ଥିଲା। ସେ ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲା। ତାକୁ ମସୁଦ ଅଜହରର ଅତି ନିକଟତମ ସହଯୋଗୀ ଭାବେ ଗଣାଯାଉଥିଲା।ଭାରତରେ ଅନେକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ଜେଇଏମ ସାମିଲ ରହିଛି। ଏଥିରେ ୨୦୦୧ ସଂସଦ ଆକ୍ରମଣ, ୨୦୧୬ ପଠାନକୋଟ ଏୟାରବେସ୍ ଆକ୍ରମଣ, ଉରି ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣ ଅନ୍ତର୍ଭୁକ୍ତ। ଭାରତୀୟ ସୁରକ୍ଷା ବାହିନୀ ପୂର୍ବରୁ ଅନେକ ଥର ଜୈସର ଆଡ୍ଡାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେପ୍ଟେମ୍ବରରେ ଏହି ସଂଗଠନର ଜଣେ ବରିଷ୍ଠ କମାଣ୍ଡର ସ୍ୱୀକାର କରିଥିଲେ ଯେ 'ଅପରେସନ୍ ସିନ୍ଦୂର' ସମୟରେ ହୋଇଥିବା ଆକ୍ରମଣରେ ଅଜହର ପରିବାରର ଅନେକ ସଦସ୍ୟ ନିହତ ହୋଇଥିଲେ। ଏହି ଆକ୍ରମଣରେ ବାହାବଲପୁରର ଜାମିଆ ମସଜିଦ୍ 'ସୁଭାନ ଅଲ୍ଲା' ପରିସର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ଏଥିରେ ଅଜହରର ପ୍ରାୟ ୧୦ ଜଣ ସମ୍ପର୍କୀୟ ଏବଂ ଅନେକ ସହଯୋଗୀ ମୃତ୍ୟୁବରଣ କରିଥିଲେ।

## ବେଙ୍ଗାଲୁରୁରେ ଇଞ୍ଜିନିୟର ଦମ୍ପତିଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୩୧।୩ (ଏଜେନ୍ସି): ବେଙ୍ଗାଲୁରୁର କୋଥନୁର ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ଇଞ୍ଜିନିୟର ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସ୍ୱାମୀଙ୍କ ମୃତଦେହ ଫ୍ଲାଟର ଏକ ବନ୍ଦ କୋଠରୀରୁ ମିଳିଥିଲା। ବାରମ୍ବାର କବାଟ ବାଡ଼େଇବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ତାଙ୍କ ସ୍ତ୍ରୀ ସିକ୍ୟୁରିଟି ଏବଂ ପଡ଼ୋଶୀମାନଙ୍କୁ ଡାକିଥିଲେ। କବାଟ ଭାଙ୍ଗିବା ପରେ ସ୍ୱାମୀଙ୍କ ମୃତଦେହ ଫାଶୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହାର କିଛି ମିନିଟ୍ ପରେ ପତ୍ନୀ ସେହି ଆପାର୍ଟମେଣ୍ଟର ୧୭ ମହଲାରୁ ଡେଇଁ ପ୍ରାଣ ହରାଇଥିଲେ। ମୃତକମାନେ ହେଉଛନ୍ତି ତେଲେଙ୍ଗାନାର ସିଦ୍ଦିପେଟ୍ ନିବାସୀ ଭାନୁ ଚନ୍ଦର ରେଡ୍ଡୀ କୁଣ୍ଟା (୩୨) ଏବଂ ତାଙ୍କ ପତ୍ନୀ ସାଜିଆ (୩୧)। ଭାନୁ ଚନ୍ଦର ଜଣେ ସଫ୍ଟୱେୟାର ଇଞ୍ଜିନିୟର ଥିଲେ ଏବଂ ଶାଜିଆ ଆଇବିଏମରେ କାମ କରୁଥିଲେ। ରେଡ୍ଡୀ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଛାଡିଛନ୍ତି, ଯେଉଁଥିରେ ସେ ନିଜର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ ନ କରିବାକୁ ଲେଖିଛନ୍ତି। ଏହି ଦମ୍ପତ୍ତି ନଅ ବର୍ଷ ତଳେ ବିବାହ କରିଥିଲେ। ଏହା ପୂର୍ବରୁ ଉଭୟେ ଲିଭ-ଇନରେ ଥିଲେ। ବିବାହ ପରେ ସେମାନଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଲାଗି ରହୁଥିଲା। ତେବେ ଉଭୟଙ୍କ ପରିବାର ସେମାନଙ୍କ ସମ୍ପର୍କ ବିଷୟରେ ଅଜ୍ଞ ଥିଲେ।ବେଙ୍ଗାଲୁରୁ ପୁଲିସ ଏହି ମାମଲା ରୁଜୁ କରିଛି ଏବଂ ମୃତ୍ୟୁର କାରଣ ଖୋଜିବା ପାଇଁ ଅଧିକ ତଦନ୍ତ ଜାରି ରଖିଛି। ସ୍ୱାମୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏହାପଛରେ ଅଛି କି ନାହିଁ ତାହା ପୁଲିସ ଜାଣିବାକୁ ପ୍ରୟାସ କରୁଛି। ଏହା ବ୍ୟତୀତ ସମ୍ପର୍କରେ ତିକ୍ତତା, ମାନସିକ ଚାପ ଏବଂ ଅନ୍ୟାନ୍ୟ ଦିଗଗୁଡ଼ିକ ଉପରେ ମଧ୍ୟ ଅନୁସନ୍ଧାନ କରାଯାଉଛି। ଅଧିକାରୀଙ୍କ କହିବା ଅନୁଯାୟୀ, ବ୍ୟବଚ୍ଛେଦ ରିପୋର୍ଟ ଏବଂ ପରବର୍ତ୍ତୀ ତଦନ୍ତ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଏବଂ ସମ୍ପୂର୍ଣ୍ଣ ଘଟଣାକ୍ରମ ସ୍ପଷ୍ଟ ହୋଇପାରିବ।

# ଏକଘରିକିଆ ହେଉଛନ୍ତି ଟ୍ରମ୍ପ



### ଆମେରିକା ଯୁଦ୍ଧ ବିମାନକୁ ଅନୁମତି ଦେବାକୁ ମନାକଲେ ବ୍ରିଟେନ, ସ୍ପେନ୍, ଇଟାଲି, ଫ୍ରାନ୍ସ
### ୟୁରୋପୀୟ ଦେଶଙ୍କୁ ଧୋକେବାଜ କହି ହାତ ଛାଡ଼ିଦେଲେ ଆମେରିକା ରାଷ୍ଟ୍ରପତି

ୱାସିଂଟନ, ୩୧।୩ (ଏଜେନ୍ସି): ଇରାନ ଯୁଦ୍ଧ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକଘରିକିଆ ହୋଇଗଲେଣି। ତାଙ୍କୁ ଅନେକ ୟୁରୋପୀୟ ଦେଶ ସମର୍ଥନ କରିବାକୁ ମନା କରିଦେଇଛନ୍ତି। ବ୍ରିଟେନ ଓ ସ୍ପେନ ପରେ ଏବେ ଇଟାଲି ଓ ଫ୍ରାନ୍ସ ଭଳି ଦେଶ ମଧ୍ୟ ଏହାର ବାୟୁସୀମାକୁ ଯୁଦ୍ଧ ପାଇଁ ଆମେରିକାର ଲଢୁଆ ବିମାନକୁ ଅନୁମତି ଦେବାକୁ ମନା କରିଦେଇଛନ୍ତି।

ସ୍ପେନ ପରେ ଇଟାଲୀ ଆମେରିକାକୁ ବଡ଼ ଝଟ୍କା ଦେଇଛି। ଇରାନରେ ସ୍ଥଳ ଅଭିଯାନ ପ୍ରସ୍ତୁତି କରୁଥିବା ଆମେରିକାକୁ ନିଜ ବାୟୁସୀମା ଏବଂ ସେନା ଘାଟୀ ବ୍ୟବହାର ଲାଗି ଅନୁମତି ଦେବାକୁ ଇଟାଲୀ ମନା କରିଦେଇଛି। ରିପୋର୍ଟ ଅନୁଯାୟୀ, ଆମେରିକାର କିଛି ବୋମାବର୍ଷୀ ବିମାନ ଇଟାଲୀର ସିଗୋନେଲା ସାମରିକ ଘାଟୀରେ ଅବତରଣ କରି ମଧ୍ୟପ୍ରାଚ୍ୟକୁ ଯିବାକୁ ଚାହୁଁଥିଲେ। ମାତ୍ର ଇଟାଲୀକୁ ଏହି ଯୋଜନା ବିଷୟରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନଥିଲା। ଆମେରିକା ଏଥିପାଇଁ ଇଟାଲୀଠାରୁ ଅନୁମତି ମାଗି ନଥିଲା କିମ୍ବା ସେଠାକାର ସାମରିକ ଅଧିକାରୀଙ୍କ ସହ କୌଣସି ଆଲୋଚନା ମଧ୍ୟ କରି ନ ଥିଲା। କିଛି ଦିନ ତଳେ ସ୍ପେନ୍ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଥିଲା। ଇରାନ ଯୁଦ୍ଧରେ ସାମିଲ ଥିବା ଆମେରିକୀୟ ବିମାନଗୁଡ଼ିକ ପାଇଁ ନିଜର ଆକାଶମାର୍ଗକୁ ସ୍ପେନ ବନ୍ଦ କରିଦେଇଥିଲା।

ଗ୍ରୀନଲାଣ୍ଡ କବ୍‌ଜା କରିବାକୁ କହି ୟୁରୋପୀୟ ସହଯୋଗୀଙ୍କୁ ମଧ୍ୟରେ ଫାଟ ସୃଷ୍ଟି କରାଇଥିବା ଟ୍ରମ୍ପ ଇରାନ ଯୁଦ୍ଧ ପାଇଁ ବ୍ରିଟେନ ଆଦି ଦେଶଙ୍କୁ ଅଡ଼ଳରେ ପକାଇଛନ୍ତି।

- ସହଯୋଗୀଙ୍କୁ ଚେତାଇଲେ ଟ୍ରମ୍ପ
- ଆମଠୁ ତୈଳ କିଣ, ନଚେତ ସାହସ ଦେଖାଇ ହର୍ମୁଜ ପାର କର

ଇରାନରେ ସହାୟତା ନ କରିବାକୁ ନେଇ ନାଟୋ ଦେଶ ଉପରେ ସେ ବିଗିଡ଼ି ଯାଇଛନ୍ତି। ଆଉ କୌଣସି ଦେଶକୁ ଆମେରିକା ସହଯୋଗ କରିବ ନାହିଁ ବୋଲି ସେ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଏହି ଦେଶଗୁଡିକ ନିଜ ସ୍ଥିତି ନିଜେ ସମ୍ଭାଳନ୍ତୁ। ବ୍ରିଟେନ ଯେଉଁ ଦେଶ ହର୍ମୁଜ ପ୍ରଣାଳୀ ଦେଇ ଇନ୍ଧନ ଆଣିପାରୁ ନାହାନ୍ତି, ସେମାନେ ଆମେରିକାରୁ ତେଲ କିଣିବା ଉଚିତ୍, କାରଣ ଆମେରିକା ପାଖରେ ଏହାର କୌଣସି ଅଭାବ ନାହିଁ। ଯଦି ଦେଶଗୁଡ଼ିକ ଚାହାଁନ୍ତି, ତେବେ ସେମାନେ ସାହସ ଦେଖାନ୍ତୁ ଏବଂ ନିଜେ ହର୍ମୁଜ ପ୍ରଣାଳୀକୁ ଯାଇ ତେଲ ନେଇ ଆସନ୍ତୁ। ଆମେରିକା ଏହି ଦେଶଗୁଡ଼ିକୁ ସାହାଯ୍ୟ କରିବ ନାହିଁ। କାରଣ ସେମାନେ ଆମେରିକାକୁ ସାହାଯ୍ୟ କରିନାହାନ୍ତି। ଟ୍ରମ୍ପ ଇରାନ ସ୍ଥିତିକୁ ନେଇ କହିଛନ୍ତି ଯେ ଏହି ଦେଶ ଦୁର୍ବଳ ହୋଇଯାଇଛି। ସବୁଠାରୁ କଷ୍ଟକର କାମ ପୂର୍ବରୁ ହିଁ ଶେଷ ହୋଇସାରିଛି। ଏବେ ଅନ୍ୟ ଦେଶଗୁଡ଼ିକ ନିଜେ ଯାଇ ତେଲ ନେଇପାରିବେ।

ଇରାନରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ମାସେ ପାରେ ହୋଇଗଲାଣି। ଇରାନ ଏବେ ବି ହର୍ମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ବଜାୟ ରଖିଛି। ହର୍ମୁଜ ଦେଇ ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ପରିବହନ କରାଯାଏ। ଏହି ଗୁରୁତ୍ୱପୂର୍ଣ୍ଣ ମାର୍ଗ ଉପରେ ଇରାନର କବ୍‌ଜା ଏବଂ ଆଞ୍ଚଳିକ ଶକ୍ତି ଭିତ୍ତିଭୂମି ଉପରେ ତେହେରାନର ଆକ୍ରମଣ ଯୋଗୁଁ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇଛି। ଏହାଫଳରେ ସାରା ବିଶ୍ୱର ସେୟାର ବଜାର ପ୍ରଭାବିତ ହେବା ସହ ଅନେକ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ମଧ୍ୟ ବଢ଼ିଯାଇଛି।

ଟ୍ରମ୍ପ ଏହି ସପ୍ତାହରେ ଚେତାବନୀ ଦେଇଛନ୍ତି ଯେ ଯଦି ଖୁବ୍ ଶୀଘ୍ର ଯୁଦ୍ଧବିରତି ନହୁଏ ଏବଂ ଏହି ଜଳପଥ ପୁଣି ନଖୋଲେ, ତେବେ ଆମେରିକା ନିଜର ଆକ୍ରମଣକୁ ଆହୁରି ବ୍ୟାପକ କରିବ। ଏଥିରେ ଖାର୍ଗ ଦ୍ୱୀପ ତୈଳ ରପ୍ତାନି କେନ୍ଦ୍ର ଏବଂ ସମ୍ଭବତଃ ସଲାଇନ୍ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଉପରେ ଆକ୍ରମଣ କରାଯାଇପାରେ। ଆମେରିକା, ଗଲ୍ଫ ଏବଂ ଇସ୍ରାଏଲ୍ ଅଧିକାରୀଙ୍କ ଅନୁଯାୟୀ, ଇରାନର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଆମେରିକାର ରାଷ୍ଟ୍ରଗୁଡ଼ିକ ଇରାନର ସାମରିକ କ୍ଷମତା ସମ୍ପୂର୍ଣ୍ଣ ନଷ୍ଟ ନହେବା ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରଖିବାକୁ ଟ୍ରମ୍ପଙ୍କୁ ଅନୁରୋଧ କରିଛନ୍ତି। ଏହାର ଜବାବରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ ତେହେରାନ କେବଳ ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନାକୁ ହିଁ ଟାର୍ଗେଟ୍ କରୁଛି। ଯେଉଁମାନଙ୍କର ଆରବ କିମ୍ବା ଇରାନୀୟଙ୍କ ପ୍ରତି କୌଣସି ସମ୍ମାନ ନାହିଁ କିମ୍ବା ସେମାନେ କୌଣସି ସୁରକ୍ଷା ପ୍ରଦାନ କରିପାରିବେ ନାହିଁ, ସେମାନଙ୍କୁ ଟାର୍ଗେଟ କରାଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପ ଯୁଦ୍ଧରୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଆମେରିକା ବିଦେଶମନ୍ତ୍ରୀ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ କହିଛନ୍ତି ଯେ ଆମେରିକା ଇରାନ ସହିତ ଏକ ବୁଝାମଣା ଚାହୁଁଛି, କିନ୍ତୁ ଯଦି କଥାବାର୍ତ୍ତା ସଫଳ ନହୁଏ, ତେବେ ବୋମା ଜରିଆରେ ଆଲୋଚନାଜାରି ରହିବ। ସାମରିକ ବିକଳ୍ପ ମଧ୍ୟ ଖୋଲା ରହିଛି। ଯଦି ଆବଶ୍ୟକ ପଡ଼େ ତେବେ ଆମେରିକା ସ୍ଥଳଭାଗରେ ଆକ୍ରମଣ ମଧ୍ୟ କରିପାରେ। ତାଙ୍କ କହିବା ଅନୁଯାୟୀ, ଆମେରିକାର ରଣନୀତି ଟିକେ ଅନିଶ୍ଚିତ ରହିବ, ଯେପରି ଶତ୍ରୁ ପକ୍ଷ ଆଗାମୀ ପଦକ୍ଷେପ ବିଷୟରେ କୌଣସି ଅନୁମାନ କରିପାରିବେ ନାହିଁ।

## ଇରାନ ଯାଇ ଆକ୍ରମଣ କରିବୁନି: ଟ୍ରମ୍ପ

ୱାସିଂଟନ, ୩୧।୩ (ଏଜେନ୍ସି): ଖୁବଶୀଘ୍ର ଇରାନ ଯୁଦ୍ଧ ଶେଷ ହେବ। ଏହି ଅଞ୍ଚଳରୁ ଆମେରିକା ପଳେଇ ଆସିଲେ ଆପେ ଆପେ ହର୍ମୁଜ ପ୍ରଣାଳୀ ଖୋଲିଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ସେ ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି ଯେ ଆମେ ଇରାନ ଯିବୁ ନାହିଁ। ଏହା ଆମେରିକାଠାରୁ ବହୁତ ଦୂରରେ ରହିଛି। ଆମେ ଇରାନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଛୁ। ଏହି ଦେଶର ବିନାଶ ହୋଇସାରିଛି। ଆମକୁ ସେଠାରେ ଆଉ ଅଧିକ ସମୟ ରହିବାକୁ ପଡ଼ିବ ନାହିଁ। ତଥାପି ଇରାନର ଯେଉଁ ଆକ୍ରମଣାତ୍ମକ କ୍ଷମତା ରହିଛି ତାକୁ ଶେଷ କରିବା ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ବୋଲି ଟ୍ରମ୍ପ ନ୍ୟୁୟର୍କ ପୋଷ୍ଟକୁ କହିଛନ୍ତି।

## ଟ୍ରମ୍ପଙ୍କ ଲୋକପ୍ରିୟତା ବିଯୁକ୍ତରେ ପହଞ୍ଚିଲା

ୱାସିଂଟନ, ୩୧।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ତାଙ୍କର ନେଟ୍ ଆପ୍ରୁଭାଲ୍ ରେଟିଂ (ଏନଏଆପ) ହ୍ରାସ ପାଇ ବିଯୁକ୍ତ ୧୭ରେ ପହଞ୍ଚି ଯାଇଛି। ଏହା ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ସବୁଠାରୁ ସର୍ବନିମ୍ନ ସ୍ତରକୁ ଚାଲିଯାଇଛି। ଏହି କାର୍ଯ୍ୟକାଳ ଆରମ୍ଭରେ ତାଙ୍କୁ ସକରାତ୍ମକ ସମର୍ଥନ ମିଳିଥିଲା, କିନ୍ତୁ ସମୟ ବିତିବା ସହିତ ତାଙ୍କ ରେଟିଂ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଏ ପର୍ଯ୍ୟନ୍ତ କୌଣସି ଆମେରିକୀୟ ରାଷ୍ଟ୍ରପତିଙ୍କ ରେଟିଂ ଏତେ କମ୍ ରହି ନ ଥିଲା। ଟ୍ରମ୍ପଙ୍କ ଲୋକପ୍ରିୟତା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍, ଜିମି କାର୍ଟର ଏବଂ ରୋନାଲ୍ଡ ରିଗାନଙ୍କ ଅପେକ୍ଷା ବହୁତ କମ୍ ହୋଇଯାଇଛି। ଫକ୍ସ ନ୍ୟୁଜ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଗତ ୨୬ ତାରିଖରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କେବଳ ୪୧% ଲୋକ ଟ୍ରମ୍ପଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିବାବେଳେ ୫୯% ଅସନ୍ତୋଷ ପ୍ରକାଶ କରିଛନ୍ତି। ରିପବ୍ଲିକାନ୍ ସମର୍ଥକଙ୍କ ମଧ୍ୟରେ ତାଙ୍କର ସମର୍ଥନ ୯୨% ରୁ ହ୍ରାସ ପାଇ ୮୪% ହୋଇଯାଇଛି। ଅନ୍ୟପଟେ ୯୫% ଡେମୋକ୍ରାଟିକ୍ ସମର୍ଥକ ତାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ଅଛନ୍ତି। କେବଳ ୨୫% ସ୍ୱାଧୀନ ମତଦାତା ଟ୍ରମ୍ପଙ୍କୁ ସମର୍ଥନ କରୁଥିବା ବେଳେ ୭୫% ତାଙ୍କ ବିରୋଧରେ ଅଛନ୍ତି। ଇରାନ ଯୁଦ୍ଧ ପ୍ରସଙ୍ଗରେ କେବଳ ୨୯% ଲୋକ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସମର୍ଥ ଦେଉଥିବାବେଳେ ୬୩% ଅସହମତି ପ୍ରକାଶ କରିଛନ୍ତି।

## ଇରାନ ଟାର୍ଗେଟରେ ଆପଲ, ମାଇକ୍ରୋସଫ୍ଟ, ଗୁଗଲ

### ଆଜି ୧୮ ଟି ଟେକ୍ କମ୍ପାନୀ ଉପରେ ଆକ୍ରମଣ କରିବାକୁ ଧମକ

ତେହରାନ, ୩୧।୩ (ଏଜେନ୍ସି): ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) ଆମେରିକାକୁ ଖୋଲା ଧମକ ଦେଇଛି। ବୁଧବାରଠାରୁ ଆମେରିକୀୟ ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକୁ ନିଶାଣ କରାଯିବ ବୋଲି କୁହାଯାଇଛି। ଇରାନ ଅଞ୍ଚଳରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ଇରାନ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଆଇଆରଜିସି ପକ୍ଷରୁ କୁହାଯାଇଛି ଯେ ମାଇକ୍ରୋସଫ୍ଟ, ଗୁଗଲ୍, ଆପଲ୍, ଇଣ୍ଟେଲ୍, ଆଇବିଏମ୍, ଟେସଲା ଏବଂ ବୋଇଂ ସମେତ ୧୮ଟି କମ୍ପାନୀର ଆଞ୍ଚଳିକ କାର୍ଯ୍ୟାଳୟ ଉପରେ ଆକ୍ରମଣ ହୋଇପାରେ। ଇରାନରେ ହେଉଥିବା ପ୍ରତ୍ୟେକ ଆତଙ୍କବାଦୀ କାର୍ଯ୍ୟ ବଦଳରେ ଏହି କମ୍ପାନୀଗୁଡ଼ିକ ନିଜ ୟୁନିଟ୍‌ଗୁଡ଼ିକର ବିନାଶ ଦେଖିବା ପାଇଁ ପ୍ରସ୍ତୁତ ରହିବା ଉଚିତ୍। ଏହା ବୁଧବାର ରାତି ୮ଟାରୁ (ଭାରତୀୟ ସମୟ ରାତି ୧୦ଟା) ଏହି ଆକ୍ରମଣ ଆରମ୍ଭ ହେବ।

ଇରାନରେ ଆକ୍ରମଣ ପାଇଁ ସହାୟତା କରୁଥିବା ଆମେରିକୀୟ ଆଇସିଟି ଏବଂ ଏଆଇ କମ୍ପାନୀଗୁଡ଼ିକ ଟାର୍ଗେଟ କରାଯିବ। ଏହି ସବୁ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ସତର୍କତା ଜାରି କରାଯାଇଛି। ତୁରନ୍ତ କାର୍ଯ୍ୟକ୍ଷେତ୍ର ଛାଡିବାକୁ ଚେତାବନୀ ଦିଆଯାଇଛି। ଆମେରିକା ନିଜର ସାମରିକ କାର୍ଯ୍ୟାନୁଷ୍ଠାନକୁ ସଫଳ କରିବାକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ଏଆଇ ଉପରେ ନିର୍ଭର ରହିଛି। ଏହି ସବୁ ସରଞ୍ଜାମଗୁଡ଼ିକ କେବଳ ପୃଥକ ଭାବରେ ବ୍ୟବହୃତ ହୁଏ ନାହିଁ, ବରଂ ଏହା ଏକ ବ୍ୟାପକ ଗୋଇନ୍ଦା ନେଟୱାର୍କର ଅଂଶବିଶେଷ। ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକୁ ଟ୍ରାକ କରିବା ପାଇଁ ଏହି ନେଟୱାର୍କରେ ସାଟେଲାଇଟ୍ ଇମେଜେରୀ, ସର୍ଭେଲାନ୍ସ ଡ୍ରୋନ୍, ସିଗନାଲ୍ ଇଣ୍ଟେଲିଜେନ୍ସ ଏବଂ ରିଅଲ୍-ଟାଇମ୍ ଡାଟା ଆନାଲିସିସ୍ ରହିଥାଏ। ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥାର ମୁଖ୍ୟ ଆଧାର ହେଉଛି ତଥ୍ୟ ବା ଡାଟା। ଆମେରିକୀୟ ଏଜେନ୍ସିଗୁଡ଼ିକ ଉପଗ୍ରହ, ଯୋଗାଯୋଗ ମାଧ୍ୟମରେ ହେଉଥିବା ଗୋପନୀୟ ସୂଚନା ଏବଂ ଗୋଇନ୍ଦା ବିମାନ ସାହାଯ୍ୟରେ ବିପୁଳ ପରିମାଣର ତଥ୍ୟ ସଂଗ୍ରହ କରିଥାନ୍ତି। ଏହାପରେ ଏଆଇ ଏହି ତଥ୍ୟକୁ ବିଶ୍ଳେଷଣ କରିବାରେ ସାହାଯ୍ୟ କରେ। ମଣିଷ ନଜରରୁ ବାଦ୍ ପଡ଼ିଯାଉଥିବା ସୂକ୍ଷ୍ମ ଗତିବିଧି କିମ୍ବା ପରିବର୍ତ୍ତନଗୁଡ଼ିକୁ ଏହି ବୈଷୟିକ ପ୍ରଣାଳୀ ସହଜରେ ଚିହ୍ନଟ କରିପାରେ। ଏହାଦ୍ୱାରା ସାମରିକ ଯୋଜନାକାରୀମାନେ ନିଜର ଲକ୍ଷ୍ୟ ବା ଟାର୍ଗେଟ୍ ବିଷୟରେ ଏକ ସ୍ପଷ୍ଟ ଚିତ୍ର ପାଇ ଆକ୍ରମଣ କରିଥାନ୍ତି।

## ଶଶୁର ଘରୁ ମିଳିଥିବା ସମ୍ପତ୍ତି ଉପରେ ସ୍ୱାମୀଙ୍କ ଅଧିକାର ନାହିଁ: ହାଇକୋର୍ଟ

### ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ତାଙ୍କ ପିତାଙ୍କ ସନ୍ତାନଙ୍କୁ ମିଳିବ



ଅମରାବତୀ, ୩୧।୩ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶଶୁର ଘର ଦେଇଥିବା ସମ୍ପତ୍ତି ଉପରେ ସ୍ୱାମୀଙ୍କ ଭାଗ ନାହିଁ ବୋଲି କହିଛନ୍ତି। ଯଦି ଜଣେ ହିନ୍ଦୁ ମହିଳା ନିଜ ପିତାମାତାଙ୍କଠାରୁ ସମ୍ପତ୍ତି ଉତ୍ତରାଧିକାର ସୂତ୍ରରେ ପାଇଥାନ୍ତି ଏବଂ କୌଣସି ସନ୍ତାନ ନଥାଇ କିମ୍ବା ଉଇଲ୍ ନକରି ତାଙ୍କର ମୃତ୍ୟୁ ହୁଏ, ତେବେ ସେହି ସମ୍ପତ୍ତି ଉପରେ ସ୍ୱାମୀ କିମ୍ବା ଶଶୁରଘର ଲୋକଙ୍କର କୌଣସି ଆଇନଗତ ଅଧିକାର ରହିବ ନାହିଁ। ଏପରି ପରିସ୍ଥିତିରେ ମହିଳାଙ୍କ ସମ୍ପତ୍ତି ତାଙ୍କ ପିତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଖକୁ ଯିବ। ଜଷ୍ଟିସ୍ ତାରଲାଡା ରାଜଶେଖର ରାଓ କହିଛନ୍ତି ଯେ, ହିନ୍ଦୁ ଉତ୍ତରାଧିକାର ଅଧିନିୟମ, ୧୯୫୬ର ଧାରା ୧୫(୨)(ଏ) ଏହି ବିଷୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରୁଛି। ଏହି ମାମଲା ଏକ ପାରିବାରିକ ସମ୍ପତ୍ତି ବିବାଦ ସହ ଜଡ଼ିତ।

୨୦୦୨ ରେ ଜଣେ ମହିଳା ନିଜ ସମ୍ପତ୍ତିକୁ ପ୍ରଥମ ନାତୁଣୀଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ୨୦୦୫ରେ ସେହି ନାତୁଣୀଙ୍କର କୌଣସି ସନ୍ତାନ ନଥାଇ ମୃତ୍ୟୁ ଘଟିଥିଲା। ଏହାପରେ ଆଇ ମା' ପୁରୁଣା 'ଗିଫ୍ଟ ଡିଡ୍' ବାତିଲ କରି ସମ୍ପତ୍ତିକୁ ଦ୍ୱିତୀୟ ନାତୁଣୀଙ୍କ ନାମରେ ଉଇଲ୍ କରିଦେଇଥିଲେ। ୨୦୧୨ରେ ଆଇଙ୍କ ମୃତ୍ୟୁ ପରେ ଦ୍ୱିତୀୟ ନାତୁଣୀ ରାଜସ୍ୱ ରେକର୍ଡରେ ନିଜ ନାମ ପଞ୍ଜିକରଣ ପାଇଁ ଆବେଦନ କରିଥିଲେ। ରାଜସ୍ୱ ଅଧିକାରୀ ଦ୍ୱିତୀୟ ନାତୁଣୀଙ୍କ ସପକ୍ଷରେ ଆଦେଶ ଦେଇଥିଲେ, କିନ୍ତୁ ମୃତ ନାତୁଣୀଙ୍କ ସ୍ୱାମୀ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଜଏଣ୍ଟ କଲେକ୍ଟର ଆରଡିଓଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇ ସ୍ୱାମୀଙ୍କ ସପକ୍ଷରେ ମ୍ୟୁଟେସନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ପ୍ରାରମ୍ଭିକ ଗିଫ୍ଟ ଡିଡ୍ ବାତିଲ କରିବା ଆଇନଗତ ଭାବେ ବୈଧ ନଥିଲା। ଏହାପରେ ମାମଲା ହାଇକୋର୍ଟକୁ ଯାଇଥିଲା।

## ସିଏଜି ରିପୋର୍ଟରେ ଭୟଙ୍କର ସୂଚନା: ଯବାନଙ୍କୁ ଠିକ୍‌ରେ ମିଳିନି ଦରମା ଭତ୍ତା

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଭାରତର କମ୍ପଟ୍ରୋଲର ଆଣ୍ଡ ଅଡ଼ିଟର ଜେନେରାଲ (ସିଏଜି) ଙ୍କ ରିପୋର୍ଟରେ ସେନାକୁ ନେଇ ଭୟଙ୍କର ତଥ୍ୟ ସାମାନାକୁ ଆସିଛି। ଏହି ରିପୋର୍ଟକୁ ସୋମବାର ସଂସଦରେ ଉପସ୍ଥାପନ କରାଯାଇଥିଲା। ଏଥିରେ ସେନା ହସ୍ପିଟାଲର ରକ୍ଷଣାବେକ୍ଷଣ ଏବଂ ଦରମାରେ ଅନିୟମିତତା ଥିବା କୁହାଯାଇଛି। ଅନେକ ହସ୍ପିଟାଲର କୋଠାଗୁଡ଼ିକ ପୁରୁଣା ହୋଇଯାଇଥିଲେ ମଧ୍ୟ ସେଗୁଡ଼ିକର ନିୟମିତ ଯାଞ୍ଚ କରାଯାଇ ନାହିଁ। ଜୁନ୍ ୨୦୨୨ ରେ ଲାନ୍ସଡାଉନର ଏକ ମିଲିଟାରୀ ହସ୍ପିଟାଲର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଅନେକ ସ୍ଥାନରେ ହିଟିଂ, ଭେଣ୍ଟିଲେସନ୍, ଏୟାର କଣ୍ଡିସନିଂ ଏବଂ ଅଗ୍ନିଶମ ବ୍ୟବସ୍ଥା ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଠିକ୍ ସମୟରେ ଔଷଧ ବି ଦିଆଯାଉ ନାହିଁ। ଏହା ସହିତ ବହୁ ସଂଖ୍ୟକ ସେନା କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଏବଂ ଭତ୍ତା ମିଳୁନଥିବା ମଧ୍ୟ କୁହାଯାଇଛି। ସେହିପରି ସେନାର ନିର୍ମାଣ କାର୍ଯ୍ୟ ସହ ଜଡ଼ିତ 'ସାଇଟ୍ ଗୁଡ଼ିକ ସଠିକ୍ ଭାବରେ ରଖାଯାଇ ନାହିଁ। ଏଥିଯୋଗୁଁ କାର୍ଯ୍ୟର ଗୁଣବତ୍ତା ଏବଂ ଠିକାଦାରଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା କଷ୍ଟକର ହୋଇପଡ଼ିଛି। ଅଡିଟ୍ ସଂସ୍ଥା ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଏହି ସାଇଟ୍ ରେକର୍ଡଗୁଡ଼ିକର ଡିଜିଟାଇଜେସନ୍ କରିବାକୁ ସୁପାରିସ କରିଛି। ସାଇଟ୍ ରେକର୍ଡରେ କାର୍ଯ୍ୟର ଅଗ୍ରଗତି, ସାମଗ୍ରୀ ଏବଂ ପରୀକ୍ଷଣ ରିପୋର୍ଟ ସମ୍ପର୍କିତ ସୂଚନା ଲିପିବଦ୍ଧ ହୋଇଥାଏ।

# ହସ୍ପିଟାଲରେ କିଡ୍‌ନୀ ର୍‍ୟାକେଟ: ୬ ଲକ୍ଷରେ କିଣି ୮୦ ଲକ୍ଷରେ ବିକ୍ରି

କାନପୁର, ୩୧।୩ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁରରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ଦାବି କରୁଥିବା ରାଜ୍ୟରେ ଦିନଦ୍ୱିପହରେ କିଡ୍‌ନୀ ପ୍ରତିରୋପଣ ର୍‍ୟାକେଟ ଚାଲିଛି। ଆଇନ ଥାଇ ମଧ୍ୟ ତାହା ମୂଲ୍ୟହୀନ ପାଲଟିଛି। ଭଗବାନଙ୍କ ଦ୍ୱିତୀୟ ରୂପ କୁହାଯାଉଥିବା ଡାକ୍ତର ଅଧିକରୁ ଅଧିକ ଟଙ୍କା ଉପାର୍ଜନ ଲୋଭ ପାଇଁ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଡାକ୍ତରଖାନାରେ ରୋଗୀ ସେବା ନାମରେ ବେଆଇନ ଅଙ୍ଗ ପ୍ରତିରୋପଣ ର୍‍ୟାକେଟ ଚଳାଉଛନ୍ତି। ଏହି ର୍‍ୟାକେଟ ଚଳାଇବାକୁ ନେଇ ଡାକ୍ତର ଦମ୍ପତିଙ୍କ ସମେତ ୬ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଅନ୍ୟ ତିନି ଡାକ୍ତର ଏବଂ ଜଣେ ଦଲାଲ ସାମିଲ ରହିଛି। ବିହାରର ଜଣେ ୨୩ ବର୍ଷୀୟ ଏମ୍‌ବିଏ ଛାତ୍ରଙ୍କଠାରୁ ୬ଲକ୍ଷ ଟଙ୍କା ଦେଇ କିଡ୍‌ନୀ କ୍ରୟ କରାଯାଇଛି। ଏହି କିଡ୍‌ନୀକୁ ଜଣେ ୩୦ ବର୍ଷୀୟ ମହିଳାଙ୍କୁ ୮୦ ଲକ୍ଷ ଟଙ୍କାରେ ବିକ୍ରି କରିଦିଆଯାଇଛି। କିଡନୀ ଦାନ କରିଥିବା ଛାତ୍ର ପୁଲିସ ଫୋନ କରି ଅଭିଯୋଗ କରିବା ପରେ ସୋମବାର ରାତିରେ ସହରର ମେଡ୍ ଲାଇଫ୍ ହସ୍ପିଟାଲ୍, ଆହୁଜା ହସ୍ପିଟାଲ୍ ଏବଂ ପ୍ରିୟା ହସ୍ପିଟାଲରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ମେଡ୍ ଲାଇଫ୍ ହସ୍ପିଟାଲରେ କିଡନୀ ଦେଇଥିବା ଏମବିଏ ଛାତ୍ର ଏବଂ ରୋଗୀ ଭର୍ତ୍ତି ଥିବା ମିଳିଥିଲା। ପ୍ରତିରୋପଣ ସମ୍ପର୍କିତ ଦଲିଲ ମଗାଯିବାରୁ ହସ୍ପିଟାଲ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲା। ଏହି ମାମଲାରେ ଆଜି ଆହୁଜା ହସ୍ପିଟାଲର ମାଲିକାଣୀ ଡାକ୍ତର ପ୍ରୀତି ଆହୁଜା, ତାଙ୍କ ସ୍ୱାମୀ ଡାକ୍ତର ସୁରଜିତ, ଡାକ୍ତର ରାଜେଶ କୁମାର, ଡାକ୍ତର ରାମ ପ୍ରକାଶ, ଡାକ୍ତର ନରେନ୍ଦ୍ର ସିଂହ ଏବଂ ଦଲାଲ ଶିବମ ଅଗ୍ରୱାଲଙ୍କୁ ଗିରଫ କରି ଜେଲ୍ ପଠାଯାଇଛି।

- ଡାକ୍ତର ଦମ୍ପତି ସମେତ ୫ ଡାକ୍ତର ଗିରଫ
- ଆଉ ୪ ଡାକ୍ତର ଫେରାର
- ବିକିଥିଲେ ଏମ୍‌ବିଏ ଛାତ୍ର; କିଣିଥିଲେ ମହିଳା
- ବିଦେଶ ଯାଏଁ ବ୍ୟାପିଛି ବେଆଇନ ନେଟୱର୍କ

ପୁଲିସ କମିଶନର ରଘୁବୀର ଲାଲ କହିଛନ୍ତି ଯେ ଏହି ର୍‍ୟାକେଟ୍ ସହ ଜଡ଼ିତ ଅନ୍ୟ ୪ ଜଣ ଡାକ୍ତରଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ସହରର ଅନେକ ଘରୋଇ ହସ୍ପିଟାଲରେ ଏପର୍ଯ୍ୟନ୍ତ ପ୍ରାୟ ୪୦ ରୁ ୫୦ଟି କିଡନୀ ପ୍ରତିରୋପଣ କରାଯାଇଥିବା ଆଶଙ୍କା କରାଯାଉଛି। ଏହି ନେଟୱର୍କ ଲକ୍ଷ୍ନୌ ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, କୋଲକାତା, ନେପାଳ ଏବଂ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଛି।



ପୁଲିସ ଅନୁଯାୟୀ, କଲ୍ୟାଣପୁରରେ ଆହୁଜା ହସ୍ପିଟାଲରେ କିଡନୀ ଟ୍ରାନ୍ସପ୍ଲାଣ୍ଟର କାରବାର ଚାଲିଥିଲା। ପଚରାଉଚରା ବେଳେ କିଡନୀ ଦେଇଥିବା ଆୟୁଷ କହିଥିଲେ ଯେ ସେ ବିହାରର ସମସ୍ତିପୁରର ବାସିନ୍ଦା। ଉତ୍ତରାଖଣ୍ଡର ଡେରାଡୁନର ଏକ କଲେଜରେ ସେ ଏମବିଏ ପଢୁଛନ୍ତି। ଶିବମ ଅଗ୍ରୱାଲ ଓରଫ ଶିବମ କାଡା ଏହି ନେଟୱର୍କର ମାଷ୍ଟରମାଇଣ୍ଡ। ଶିବମ ତାଙ୍କୁ ଏକ ଟେଲିଗ୍ରାମ ଗ୍ରୁପ୍ ଜରିଆରେ ଜାଲରେ ଫସାଇ କାନପୁରକୁ ଡକାଇଥିଲା। କଲ୍ୟାଣପୁରର ଆବାସ ବିକାଶ-୩ ରେ ଥିବା ଏକ ଆପାର୍ଟମେଣ୍ଟରେ ଶିବମ ଅଗ୍ରୱାଲଙ୍କ ସହ ୬ ଲକ୍ଷ ଟଙ୍କାରେ କିଡନୀ ବିକିବାକୁ ଚୂଡ଼ାନ୍ତ ହୋଇଥିଲା। ରବିବାର ଆହୁଜା ହସ୍ପିଟାଲରେ ମୁଜାଫରନଗରର ପାରୁଲ ତୋମାରଙ୍କ କିଡନୀ ପ୍ରତିରୋପଣ କରାଯାଇଥିଲା। ପାରୁଲଙ୍କ ସ୍ୱାମୀଙ୍କର ମେରଠରେ ଏକ ସ୍କୁଲ ଅଛି। ପାରୁଲଙ୍କ ପରିବାର ଶିବମକୁ ୭ ଲକ୍ଷ ଟଙ୍କା ଦେଇଥିଲେ ଏବଂ ବାକି ଟଙ୍କା ପରେ ଦେବାକୁ କହିଥିଲେ। ଶିବମ ଆୟୁଷଙ୍କ ଆକାଉଣ୍ଟରେ ୩.୫୦ ଲକ୍ଷ ଟଙ୍କା ଜମା କରିଥିଲା। ସେଥିମଧ୍ୟରୁ ୨.୭୫ ଲକ୍ଷ ଆହୁଜା ହସ୍ପିଟାଲକୁ, ୨୫ ହଜାର ମେଡ୍ ଲାଇଫ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ଦିଆଯାଇଥିଲା ଏବଂ ୫୦ ହଜାର ଟଙ୍କା ସେ ନିଜ ପାଖରେ ରଖିଥିଲା। ଆୟୁଷ ଶିବମଠାରୁ ବାକି ଅଢ଼େଇ ଲକ୍ଷ ଟଙ୍କା ମାଗିବାରୁ ବିବାଦ ଆରମ୍ଭ ହୋଇଥିଲା। ସୋମବାର ଦିନ ଆୟୁଷ ଫୋନ୍ ଯୋଗେ ପୁଲିସକୁ ଏହି ବିଷୟରେ ସୂଚନା ଦେଇଥିଲେ।

# ରାଜଧାନୀରେ ମହିଳା ସୁରକ୍ଷା ଓ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ: ବିଜେଡି

ଭୁବନେଶ୍ୱର,୩୧।୩(ସମିସ): ମାର୍ଚ୍ଚ ୨୭ ତାରିଖରେ ରାଜଧାନୀ ଭୁବନେଶ୍ୱରର ତମାଣ୍ଡୋ ଥାନା ଅଞ୍ଚଳରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ପଶ୍ଚିମବଙ୍ଗର ଜଣେ ୨୫ ବର୍ଷୀୟ ମହିଳା ଭୁବନେଶ୍ୱର ରେଲଷ୍ଟେସନକୁ ଯିବା ପାଇଁ ଅପେକ୍ଷା କରିଥବାବେଳେ ୨ ଦୁର୍ବୃତ୍ତ

- ଓଡିଶା ବିଜେପି ନେତା ପଶ୍ଚିମବଙ୍ଗରେ ମହିଳାଙ୍କ ସୁରକ୍ଷା ପ୍ରଚାର କରୁଛନ୍ତି
- ଏପଟେ ରାଜଧାନୀ ରାଜରାସ୍ତାରେ ବଙ୍ଗୀୟ ମହିଳା ଗଣଦୁଷ୍କର୍ମର ଶିକାର
- ପ୍ରତିଦିନ ରାଜ୍ୟରେ ଘଟୁଛି ୮ ଦୁଷ୍କର୍ମ, ୪ଟି ହତ୍ୟାକାଣ୍ଡ; ପୁଲିସ ବିଫଳ

ତାଙ୍କୁ ଲିଫ୍ଟ ଦେବା ବାହାନାରେ ଜଙ୍ଗଲକୁ ନେଇ ଦୁଷ୍କର୍ମ ଘଟଣା ରାଜ୍ୟର ମହିଳା ସୁରକ୍ଷା ବ୍ୟବସ୍ଥାର ନଗ୍ନ ଉଦାହରଣ ବୋଲି କହିଛି ବିଜେଡି। ବିଜେପି କ୍ଷମତାକୁ ଆସିବା ପରଠାରୁ ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଦଳ କହିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ



ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ମହିଳା ମାନେ ଅସୁରକ୍ଷିତ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲିଖିତ ଉତ୍ତର ଅନୁଯାୟୀ ୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମାତ୍ର ୧୮ ମାସରେ ଓଡ଼ିଶାରେ ୪୮,୭୯୮ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି । ଏଥିରେ ୪୨୯୨ଟି ଦୁଷ୍କର୍ମ ମାମଲା ସାମିଲ୍ ରହିଛି, ଯାହା ଓଡ଼ିଶା ଇତିହାସରେ କେବେ ଘଟି ନ ଥିଲା । ମହିଳା ଅସଦାଚରଣ ମାମଲାରେ ବିଜେପି ଶାସିତ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟରେ ୨୦୨୫ ବର୍ଷରେ ୨,୨୯,୮୮୧ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି, ଯାହା ୨୦୨୪ ବର୍ଷଠାରୁ ୭.୩ ପ୍ରତିଶତ ଅଧିକ। ହତ୍ୟା ମାମଲା ୧,୩୦୪ଟି (ପ୍ରତିଦିନ ୪ଟି ହତ୍ୟା) ଏବଂ ଦୁଷ୍କର୍ମ ମାମଲା ୨୯୯୪ଟି (ପ୍ରତିଦିନ ୮ଟି ଦୁଷ୍କର୍ମ) ରୁଜୁ ହୋଇଛି । ଏହା ହିଁ ରାଜ୍ୟ ବିଜେପି ସରକାରର ସଫଳତା। ଗୋପାଳପୁର, ଧଉଳି, ବାଲିହାରଚଣ୍ଡୀ, ଚନ୍ଦ୍ରଗିରି ସହିତ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀରେ ଗଣଦୁଷ୍କର୍ମ ଘଟଣା ବୃଦ୍ଧି ପାଉଛି। ବିଜେଡି ସରକାର ସମୟରେ କରାଯାଇଥିବା ୬୦୦ ମହିଳା ଓ ଶିଶୁ ଡେସ୍କ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି । ମାତ୍ର ୫ ମାସରେ ୫୦ରୁ ଅଧିକ ନାବାଳିକା ଗର୍ଭବତୀ ହୋଇଛନ୍ତି । ଓଡ଼ିଶାରେ ମହିଳା ମାନେ ଅସୁରକ୍ଷିତ ଥିଲାବେଳେ ପଶ୍ଚିମବଙ୍ଗରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଓଡ଼ିଶା ବିଜେପିର ମାଳ ମାଳ ନେତା, ମନ୍ତ୍ରୀ ଓ ବିଧାୟକ ନିର୍ବାଚନ ପ୍ରଚାର କରିବା ହାସ୍ୟାସ୍ପଦ ଏବଂ ଦୁର୍ଭାଗ୍ୟଜନକ। ରାଜଧାନୀର ରାଜରାସ୍ତାରେ ପଶ୍ଚିମବଙ୍ଗର ଜଣେ ମହିଳା ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ ଘଟଣା ପ୍ରମାଣ କରୁଛି ଯେ, ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଥିଲେ।

### ଋଣ ଆଳରେ ଗ୍ରାମାଞ୍ଚଳ ମହିଳାଙ୍କୁ ୬୦ ଲକ୍ଷର ଚୂନ

# ଠକ ଦମ୍ପତି ଗିରଫ

## ଦୁଗୁଧାରୁ ଉଠାଇନେଲା ରେମୁଣା ଥାନା ପୁଲିସ୍



ଉଦଳା, ୩୧।୩ (ସମିସ): ପୂରା ରାଜକୀୟ ଠାଣି। ପୋଷାକପତ୍ର, ଚାଲିଚଳଣି, ଆଚାର ବ୍ୟବହାରରେ କେହି ଖୁଣ ବାହାର କରିପାରିବେନି। ସ୍ୱାମୀ-ସ୍ତ୍ରୀ, କେହି କାହାଠାରୁ କମ୍ ନୁହେଁ। ହେଲେ ଏପରି ଭଦ୍ର ଖୋଳପା ଭିତରେ ଚଳାଇଥିଲେ ଠକେଇର ମହାରାକେଟ୍। ଏପରି ଏକ ଠକ ଦମ୍ପତିଙ୍କୁ ରେମୁଣା ଥାନା ପୁଲିସ ଆଜି ଠକେଇ ଅଭିଯୋଗରେ ଗିରଫ କରିଛି। ଗ୍ରାମାଞ୍ଚଳ ମହିଳାଙ୍କୁ ଋଣ ଦେବା ଆଳରେ ଏମାନେ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦମ୍ପତି ହେଲେ, ଅଶ୍ୱିନୀ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ସତ୍ୟଭାମା ମହାପାତ୍ର। ଦୀର୍ଘ ବର୍ଷ ଧରି ଏମାନେ ଫେରାର୍ ଥିଲେ। ଆଜି ଅପରାହ୍ଣ ପ୍ରାୟ ୪ଟାରେ ପୁଲିସ ଦୁହିଁଙ୍କୁ ଉଦଳା ଥାନା ଦୁଗୁଧା ଗ୍ରାମରୁ ଉଠାଇ ନେଇଛି।

ମିଳିଥିବା ସୂଚନାନୁଯାୟୀ, ଏହି ମହାପାତ୍ର ଦମ୍ପତି ରେମୁଣା ଅଞ୍ଚଳର ଏକ ସରକାରୀ ଜାଗାକୁ ଦଖଲ କରି ସେଠାରେ ଘର କରିଥିଲେ ଏବଂ ସେହି ଘରୁ ଠକେଇର ମଞ୍ଜି ବୁଣିଥିଲେ। ବିଭିନ୍ନ ଫାଇନାନ୍ସ କମ୍ପାନୀ ପକ୍ଷରୁ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଦିଆଯାଉଥିବା ଲୋନ୍ କାରବାର କାମକୁ କରିଥିଲେ ମୋହରା। ଫାଇନାନ୍ସ କମ୍ପାନୀର ଅଧିକାରୀଙ୍କ ସହ ମିଶିବା ପରେ ସେ ସାଜିଥିଲେ ମଧ୍ୟସ୍ଥି। ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ମହିଳାମାନଙ୍କୁ ଲୋନ କରାଇ ଦେବାକୁ କହି ସେମାନଙ୍କ ନିକଟରୁ ଟଙ୍କା ନେଉଥିଲେ ଏବଂ ସମୟକ୍ରମେ ତାହାକୁ ଫେରସ୍ତ କରୁଥିଲେ। ହେଲେ ଅଳ୍ପ ଟଙ୍କା ନେଇ ଫେରାଇବା ପରେ ପରେ ଅଧିକ ଟଙ୍କା ମହିଳାଙ୍କ ନିକଟରୁ ନେଇଥିଲେ। ବିଶେଷକରି ବାଲେଶ୍ୱର ଜିଲ୍ଲାର ଅଚ୍ୟୁତପୁର, ଶ୍ରୀକୃଷ୍ଣପୁର ଏବଂ ଜାନୁଗଞ୍ଜ ଅଞ୍ଚଳରୁ ମହିଳାମାନଙ୍କ ନିକଟରୁ ଲୋନ କରାଇ ଦେବା ଆଳରେ ପ୍ରାୟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଠକି ନେଇଥିଲେ। ଠକାମିର ଶିକାର ମହିଳାମାନେ ଏ ସଂପର୍କରେ ରେମୁଣା ଥାନାରେ ଏତଲା ଦେବାରୁ ଗିରଫଦାରୀ ଭୟରେ ଏହି ଦମ୍ପତି ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଫେରାର୍ ଥିଲେ।

# ୭ କେଜି ସୁନା ସମର୍ପଣ କଲେ ମାଓବାଦୀ

## ୩୩ ମାଓାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୩୧।୩(ସମିସ): ଆଜି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଭିନ୍ନ ଜିଲ୍ଲାରେ ୩୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାସହ ମାଓ ସଂଗଠନର ୧୪ କୋଟିରୁ ଅଧିକ ମୂଲ୍ୟର ଡମ୍ପ ଉଦ୍ଧାର କରାଯାଇଛି। ସୂଚନାନୁଯାୟୀ, ମାଓ ସଂଗଠନ ପାଇଁ ଆଜି କେନ୍ଦ୍ର ସରକାର ଆତ୍ମ ସମର୍ପଣର ଶେଷ ଦିନ ଥିବା ବେଳେ ବିଜାପୁର ଜିଲ୍ଲାରେ ୨୫ ଜଣ ମାଓବାଦୀ ଆଜି ଆତ୍ମ ସମର୍ପଣ କରିଛନ୍ତି। ଏମାନେ ୯୩ଟି ଅସ୍ତ୍ରଶସ୍ତ୍ର ପୁଲିସକୁ ହସ୍ତାନ୍ତର କରିଛନ୍ତି। ସେଥିମଧ୍ୟରୁ ୪ଟି ଏକେ-୪୭ ଏବଂ ୯ଟି ଏସଏଲଆର ରହିଛି। ଏମାନଙ୍କଦ୍ୱାରା ଡମ୍ପ କରି ରଖାଯାଇଥିବା ୨ କୋଟି ୯୦ ଲକ୍ଷ ଟଙ୍କା, ୭ କିଲୋ ୨ ଶହ ଗ୍ରାମ ସୁନା ଆଦି ଉଦ୍ଧାର କରାଯାଇଛି। ସୁନାର ବର୍ତ୍ତମାନର ମୂଲ୍ୟ ୧୧ କୋଟି ୧୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ସେହିପରି, ଦନ୍ତେୱାଡା ଜିଲ୍ଲାରେ ୫ ଜଣ ମାଓବାଦୀ ଆଓସମର୍ପଣ କରିଥିବା ବେଳେ ଏମାନେ ପୁଲିସକୁ ୮ଟି ଏସଏଲଆର ବନ୍ଧୁକ ହସ୍ତାନ୍ତର କରିଛନ୍ତି। ସମାନ ଭାବେ ସୁକମା ଜିଲ୍ଲା ପୁଲିସ ନିକଟରେ ମଧ୍ୟ ୨ ଜଣ କ୍ୟାଡର ନକ୍ସଲ ଆତ୍ମସମର୍ପଣ କରିଥିବା ବେଳେ ଗୋଟିଏ ଏଲଏମଜି, ୨ଟି ଏକେ-୪୭ ଏବଂ ୧୦ ଲକ୍ଷ ନଗଦ ଟଙ୍କା ପୁଲିସକୁ ହସ୍ତାନ୍ତର କରିଛନ୍ତି। ନାରାୟଣପୁର ଜିଲ୍ଲା ପୁଲିସ ନିକଟରେ ଜଣେ ନକ୍ସଲ ଗୋଟିଏ ଏଲ୍ଏମ୍ଜି ନେଇ ଆଇସମର୍ପଣ କରିଛି। ଏହି ଆତ୍ମସମର୍ପଣ ପୁଲିସ ପାଇଁ ଏକ ବଡ ସଫଳତା। ଛତିଶଗଡ଼ରେ ବର୍ତ୍ତମାନ ମାଓ ସଂଗଠନ ଏକପ୍ରକାର ପ୍ରକାର ନିପାତ୍ ହୋଇ ଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

# ବିପୁଳ ବିସ୍ଫୋରକ ଓ ମାଓ ସାମାଗ୍ରୀ ଜବତ



ରାୟଗଡ଼ା, ୩୧।୩(ସମିସ): ରାୟଗଡ଼ା ଜିଲ୍ଲା ପୁଲିସର ଡିଭିଏଫ୍ ସୁରକ୍ଷା କର୍ମୀଙ୍କ ଦ୍ୱାରା ବିପୁଳ ପରିମାଣରେ ବିସ୍ଫୋରକ ଓ ମାଓ ବ୍ୟବହୃତ ସାମଗ୍ରୀ ବିଭିନ୍ନ ଜଙ୍ଗଲରୁ ଜବତ କରାଯାଇଛି। ଆଜି ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ସ୍ୱାଥୀ ଏସ୍ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଗତ ଫେବ୍ରୁଆରୀରେ ନିଖିଲ ଇନ୍ଦୁଙ୍କୁ ସମେତ ୧୫ଜଣ ମାଓବାଦୀ ଆତ୍ମସମର୍ପଣ କରିବା ପରେ ସୁରକ୍ଷା କର୍ମୀ ରାୟଗଡ଼ା କନ୍ଧମାଳ ସୀମାନ୍ତ ଅଞ୍ଚଳରେ ରହିଥିବା ମୁନିଗୁଡା ଓ ଆମ୍ବଦଳା ଥାନା ଅନ୍ତର୍ଗତ ପାଜିଗାରେଗା ଗ୍ରାମ ନିକଟସ୍ଥ ଜଙ୍ଗଲ, ଆମ୍ବିଖୋଲ ଗ୍ରାମ ଓ ପତ୍ରାଣୀ ଗ୍ରାମର ଜଙ୍ଗଲରୁ ଏହି ବିପୁଳ ବିସ୍ଫୋରକ ଜବତ କରିଛନ୍ତି। ଡିଭିଏଫ୍ ଦ୍ୱାରା ଜବତ ବିସ୍ଫୋରକ ମଧ୍ୟରେ ୪୧୫ ଡିଟୋନେଟର, ୮ ବଣ୍ଡଲ କୋର୍ଡେକ୍ସ, ୩ଟି ବ୍ୟାଗରେ ୨୯ କେଜି ବସ୍ଫୋରକ ସମାଗ୍ରୀ, ୨ଟି ସିଙ୍ଗଲ ସଟ ଗନ୍, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଲ୍ୟାପ୍‌ଟପ, ଚାର୍ଜର, ୨ଟି ଇଲେକ୍ଟ୍ରି ୱାଇର ବଣ୍ଡଲ, ନାଲି କପଡା, ପ୍ଲାଷ୍ଟିକ କଣ୍ଟେନର ଆଦି ସାମଗ୍ରୀ ରହିଛି।

# ମାଓବାଦୀଙ୍କ ଅସ୍ତ୍ରଭଣ୍ଡାର ଜବତ

ଫୁଲବାଣୀ, ୩୧।୩ (ସମିସ): ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସୁରକ୍ଷାବଳକୁ ସଫଳତା ମିଳିଛି। ଗୁପ୍ତ ସୂଚନା ଆଧାରରେ କରାଯାଇଥିବା ଏକ କମ୍ବିଂ ଅପରେସନ ବେଳେ ମାଓବାଦୀ ଲୁଚାଇ ରଖିଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ବଡ଼ ଷଡ଼ଯନ୍ତ୍ର ପଣ୍ଡ ହୋଇଥିବା କୁହାଯାଉଛି। ସୂଚନାନୁଯାୟୀ, ଗତ ୨୯ ତାରିଖରେ ଏସ୍ଓଜି ଏବଂ ଡିଭିଏଫ ଯବାନଙ୍କ ଦ୍ୱାରା ଦାରିଙ୍ଗବାଡ଼ି ଥାନା ଅଧୀନ ପାକାରୀ, ବାବୁଡି, ଜମାବାରୀ ଓ ମାଟାବାରୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ ହୋଇଥିଲା।



୩୦ ତାରିଖ ଦିନ ତଲାସୀ ଅଭିଯାନ ବେଳେ ମାଟାବାରୀ ଗ୍ରାମ ନିକଟରେ ଥିବା ଏକ ପ୍ରାକୃତିକ ଗୁମ୍ଫା ମଧ୍ୟରେ ମାଓବାଦୀ ବହୁ ମାଓ ସାମଗ୍ରୀ ଲୁଚାଇ ରଖିଥିବା ଦେଖିବାକୁ ମିଳିଥିଲା। ଜବତ ମାଓ ସାମଗ୍ରୀ ମଧ୍ୟରେ ରହିଛି, ଗୋଟିଏ ଏସଏଲଆର ରାଇଫଲ୍, ଗୋଟିଏ ୩୦୩ ରାଇଫଲ୍, ୨ଟି ୧୨ ବୋର ଗନ୍, ୨ଟି ଏସବିଜିଏଲ ରାଇଫଲ୍, ଗୋଟିଏ ଦେଶୀ ବନ୍ଧୁକ, ୭୯ ରାଉଣ୍ଡ ଜୀବନ୍ତ ଗୁଳି, ୧୦ ଗ୍ରେନେଡ୍ ଏବଂ ୩୦ ଇଲେକ୍ଟ୍ରିକ୍ ଡେଟୋନେଟର, ୫ଟି ବାଓଫେଙ୍ଗ ୱାକି-ଟକି, ୩ଟି ସୋଲାର ପ୍ୟାନେଲ୍ ଏବଂ ୨ଟି ଟର୍ଚ୍ଚ ଲାଇଟ୍, ୫୦ କେଜି ଚାଉଳ, ୩ କିଲୋ ଡାଲି ସମେତ ଔଷଧ ଏବଂ ବାସନ। ଘଟଣାସ୍ଥଳରୁ ବହୁ ପରିମାଣର ମାଓ ପୁସ୍ତିକା ମଧ୍ୟ ଜବତ ହୋଇଛି। ବର୍ତ୍ତମାନ ସୁରକ୍ଷାବଳ ପକ୍ଷରୁ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଆହୁରି ଜୋରଦାର କରାଯାଇଥିବା ବେଳେ ପୁଲିସ ସଜାଗ ରହିଛି।

### ଉଚ୍ଚଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ବାତାବରଣ

# ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନକୁ ମିଳିବ ୩ଟି ହ୍ୱିଲଚେୟାର୍

ଭୁବନେଶ୍ୱର, ୩୧।୩(ସମିସ): ଉଚ୍ଚଶିକ୍ଷାରୁ ବାଦ୍ ପଡ଼ିବେ ନାହିଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ। ସେମାନଙ୍କ ପାଠପଢ଼ା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମସ୍ତପ୍ରକାର ସୁବିଧା ପ୍ରଦାନ କରାଯିବ। ପୂର୍ବରୁ ଉପଲବ୍ଧ ସୁବିଧାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏସ୍ଓପି ଜାରି କରାଯାଇଛି ଓ ଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଯାତାୟତ ପାଇଁ ପ୍ରତି ଶିକ୍ଷାନୁଷ୍ଠାନକୁ ୩ ଟି ଲେଖାଏଁ ହ୍ୱିଲଚେୟାର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଉଚ୍ଚଶିକ୍ଷାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସହାୟକ ଉପକରଣ ଓ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ଏସ୍ଓପି ଜାରି କରାଯାଇଛି। ଏସ୍ଓପି ଅନୁଯାୟୀ, ପ୍ରତ୍ୟେକ ଜିଲ୍ଲାରେ ଜଣେ ଜିଲ୍ଲା ନୋଡାଲ ଅଧିକାରୀ ନିଯୁକ୍ତ ହେବେ। କଲେଜ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଭାଗକୁ ତଥ୍ୟ ପ୍ରଦାନ କରିବେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକଙ୍କ ମାଧ୍ୟମରେ ଏହି ତଥ୍ୟର ସତ୍ୟତା ଯାଞ୍ଚ କରିବେ। ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଉପଲବ୍ଧତା ଅନୁଯାୟୀ

- ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତଥ୍ୟ ମାଗିଲା ଉଚ୍ଚଶିକ୍ଷା ବିଭାଗ
- ପ୍ରତି ଜିଲ୍ଲାରେ ନିଯୁକ୍ତ ହେବେ ନୋଡାଲ ଅଧିକାରୀ

ସହାୟକ ଉପକରଣ ଯୋଗାଇ ଦିଆଯିବ। କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ଯାତାୟାତ ପାଇଁ ପ୍ରତି ଉଚ୍ଚଶିକ୍ଷାନୁଷ୍ଠାନକୁ ୩ଟି ଲେଖାଏଁ ହ୍ୱିଲଚେୟାର ଯୋଗାଇଦେବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଆବଶ୍ୟକ ଉପକରଣ ଜିଲ୍ଲା କିମ୍ବା ବ୍ଲକ୍ ସ୍ତରରେ ଉପଲବ୍ଧ ନଥିଲେ ଆବଶ୍ୟକତା ଅନୁସାରେ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପଠାଇବେ। ନିୟମାନୁଯାୟୀ ସମସ୍ତ ଉପକରଣ କ୍ରୟ କରି ବଣ୍ଟନ କରାଯିବ। ଏହାସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ତାଲିକା, ଉପକରଣ ପ୍ରାପ୍ତି ଓ ବଣ୍ଟନ ସମ୍ବନ୍ଧୀୟ ତଥ୍ୟ ସଠିକ ଭାବେ ରେକର୍ଡ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଉଚ୍ଚଶିକ୍ଷାନୁଷ୍ଠାନରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପଢ଼ିବା ପାଇଁ ନିଅଣ୍ଟିଆ ଭିତ୍ତିଭୂମି ସଂକ୍ରାନ୍ତୀୟ ଏକ ମାମଲାର ଶୁଣାଣୀ କରି ଉପଯୁକ୍ତ ବ୍ୟବସ୍ଥା କରିବାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାନୁଷ୍ଠାନରେ ଲାପଟପ୍ ସହିତ ସ୍କ୍ରିନ୍-ରିଡର ସଫ୍ଟୱେର, ବ୍ରେଲି ଡିସପ୍ଲେ, ସ୍କ୍ରିନ୍ ମ୍ୟାଗ୍ନିଫାୟର, ଅଡିଓବୁକ୍/ଇ-ବୁକ୍ ସୁବିଧା, ରାମ୍ପ, ରେଲିଂ ଓ ଦିବ୍ୟାଙ୍ଗ ଅନୁକୂଳ ଶୌଚାଳୟ ରହିଥିବା ଓ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ସରକାର କୋର୍ଟଙ୍କୁ ଅବଗତ କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ପରେ ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ସୁଯୋଗ ଓ ସୁବିଧା ମିଳିବ ବୋଲି ଶିକ୍ଷାବିତମାନେ ଆଶାବ୍ୟକ୍ତ କରିଛନ୍ତି।

### 'ଜରିମାନା' ନଦେବାରୁ ଘରୁ ଉଠାଇନେଇ ହତ୍ୟା ମାମଲା

# ୧୦ ଜଣଙ୍କୁ ଆଜୀବନ

କେନ୍ଦୁଝର/ତୁରୁମୁଙ୍ଗା, ୩୧।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ୀ ଭାଲୁମରା ସାହିରେ ୨୦୧୯ ମସିହାରେ ସଂଘଟିତ କାଦେ ମାଝୀ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ସମସ୍ତ ୧୦ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ୬ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ, ବଳରାମ ମାଝୀ (୪୫), କାଦୁ ମାଝୀ ଓରଫ୍ ପାଣ୍ଡିଆ (୭୦), ମିର୍ଜା ମାଝୀ (୪୫), ଭଜହରି ମାଝୀ (୨୨), ଲେଦା ମାଝୀ ଓରଫ୍ ମଙ୍ଗତ (୨୫), ଶୁକଦେବ ମାଝୀ (୨୨), ବେଞ୍ଚୁ ମାଝୀ ଓରଫ୍ ବାବୁଲୁ (୨୧), ମାସଙ୍ଗ ମାଝୀ (୨୫), ଶ୍ୟାମସୁନ୍ଦର ମାଝୀ (୫୮) ଏବଂ ଧନେଶ୍ୱର ମାଝୀ (୨୨)।

ସୂଚନାନୁଯାୟୀ, କାଦେଙ୍କ ଘରକୁ ଏକ ବଳଦ ଚାଲି ଆସିଥିଲା। ବଳଦ ଉପରେ କେହି ମାଲିକାନା ଜାହିର୍ ନ କରିବାରୁ ସେ ତାକୁ କିଛି ଦିନ ରଖିବା ପରେ ବିକି ଦେଇଥିଲେ। କିନ୍ତୁ ଗାଁର କିଛି ଲୋକଙ୍କ ଏହା ହଜମ ହୋଇନଥିଲା। ୨୫ ଜୁଲାଇ ସନ୍ଧ୍ୟା ପ୍ରାୟ ୫ଟା ବେଳେ ସେମାନେ କଙ୍ଗାରୁକୋର୍ଟ ବସାଇ କାଦେଙ୍କୁ ୮ ହଜାର ଟଙ୍କା ଜରିମାନା ତୁରନ୍ତ ଦେବାକୁ କହିଥିଲ। ତେବେ କାଦେ ଟଙ୍କା ଦେଇ ନପାରିବାରୁ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ତାଙ୍କୁ ଟେକି ନେଇଥିଲେ। ସ୍ତ୍ରୀ ମଧ୍ୟ ପଛେପଛେ ଯାଇଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଉତ୍ତ୍ୟକ୍ତ ଲୋକେ ମାଡ଼ ମାରିଥିଲେ। ଭୟରେ କାଦେଙ୍କ ସ୍ତ୍ରୀ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ସେଠାରେ କାଦେଙ୍କୁ ନିସ୍ଥୁକ ପିଟି ହତ୍ୟା କରିବା ପରେ ତାଙ୍କ ଘର ପିଣ୍ଡାରେ ଶବକୁ ଫିଙ୍ଗି ଚାଲି ଯାଇଥିଲେ।

# ଘୁଞ୍ଚିଲା ଖଡ଼ିଛୁଆଁ; ୨ ପରିବର୍ତ୍ତେ ୪ ରେ ଉତ୍ସବ

ଭୁବନେଶ୍ୱର,୩୧।୩(ସମିସ): ଆସନ୍ତା ୨ ତାରିଖରେ ହେବାକୁ ଥିବା ଖଡ଼ିଛୁଆଁ ଉତ୍ସବକୁ ଘୁଞ୍ଚାଇ ଦେଇଛନ୍ତି ରକାର। ପ୍ରଶାସନିକ ଜରୁରୀକାଳୀନ ପରିସ୍ଥିତି ପାଇଁ ୨ ପରିବର୍ତ୍ତେ ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ସରକାର କହିଛନ୍ତି। ଏନେଇ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ସୂଚନା ଦିଆଯାଇଛି। ଓସେପା ରାଜ୍ୟ ପ୍ରକଳ୍ପ ପ୍ରକଳ୍ପ ନିର୍ଦ୍ଦେଶିକା ଆଜି ଡିଇଓଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡି ଛୁଆଁ କାର୍ଯ୍ୟକ୍ରମ ପରିବର୍ତ୍ତନ କରାଯାଇଛି। ଆସନ୍ତା ୨ ବଦଳରେ ୪ ତାରିଖରେ ଏହି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ବିଦ୍ୟାଳୟ ସ୍ତରରେ ପୂର୍ବ ନିର୍ଦ୍ଧାରିତ ୬ ରୁ ୮ ତାରିଖରେ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେବ। ବିଦ୍ୟାଳୟକୁ ଶିଶୁଙ୍କୁ ଆଣିବା ପାଇଁ ଖଡିଛୁଆଁ ଉତ୍ସବ ଅର୍ଥାତ୍ ୪ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥ ବୁଲିବ ବୋଲି କୁହାଯାଇଛି। ପ୍ରଥମଥର ବିଦ୍ୟାଳୟରେ ନାମଲେଖାଉଥିବା ଛାତ୍ରଛାତ୍ରୀଙ୍କ ନାମଲେଖାଇବା ପାଇଁ ଗତବର୍ଷ ଠାରୁ ବିଦ୍ୟାଳୟରେ ଛଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେଉଛି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ପରିବାରକୁ ନିମନ୍ତ୍ରଣ ଦିଆଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଡିଇଓମାନଙ୍କୁ ଅବଗତ କରାଯାଇଛି।

### ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା ବେଳେ ଅଘଟଣ

# ଶ୍ୱାସରୁଦ୍ଧ ହୋଇ ହୋଇ ୨ ମୃତ


କୁଚିଣ୍ଡା,୩୧।୩ (ସମିସ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କେଶାଇବାହାଲ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। କେଶାଇବାହାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ନବନିର୍ମିତ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ବେଳେ ଶ୍ୱାସରୁଦ୍ଧ ହୋଇ ଦୁଇଜଣ ପ୍ରାଣ ହରାଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଗ୍ରାମର ଲୋକନାଥ ବେହେରା ଏକ ପାଇଖାନା ଟାଙ୍କି ନିର୍ମାଣ କରିଥିଲେ। ଏହାର ଛାତ ସେଣ୍ଟ୍ରିଂ ଖୋଲିବା ପାଇଁ ସେ ଆଜି କିଛି ଶ୍ରମିକଙ୍କୁ ଡାକିଥିଲେ। ସେଣ୍ଟ୍ରିଂ ଖୋଲିବା ପାଇଁ ପ୍ରଥମେ ଶ୍ରମିକ ସୁଶୀଲ ନାୟକ ଟାଙ୍କି ଭିତରୁ ପଶିଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ବାହାରିବାରୁ ଲୋକନାଥଙ୍କ ପୁଅ ହେମନ୍ତ ବେହେରା ଟାଙ୍କି ଭିତରୁ ପଶିଥିଲେ। ସେ ବି ବାହାରି ନଥିଲେ। ପରେ ଶ୍ରମିକ ଆନନ୍ଦ ମାଝୀ ଏବଂ ଲୋକନାଥଙ୍କ ଭାଇ ଭିକାରୀ ମଧ୍ୟ ପାଇଖାନା ଟାଙ୍କିରେ ପ୍ରବେଶ କରିଥିଲେ। କିନ୍ତୁ, କେହି ବାହାରକୁ ନ ଆସିବାରୁ କିଛି ଅଘଟଣ ଆଶଙ୍କା କରି ଘର ମାଲିକ ଲୋକନାଥ କୁଚିଣ୍ଡା ଦମକଳବାହିନୀ ଏବଂ ମହୁଲପାଲି ପୁଲିସକୁ ଘଟଣା ବାବଦରେ ସୂଚନା ଦେଇଥିଲେ। ପରେ ଦମକଳ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଜେସିବି ମେସିନ ସାହାଯ୍ୟରେ ଟାଙ୍କି ଭାଙ୍ଗି ସମସ୍ତଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଚିକିତ୍ସା ଲାଗି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଶ୍ରମିକ ସୁଶୀଲ ଏବଂ ଭିକାରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ନିମାପଡ଼ା ବିଜେପି ବିବାଦ ଗୁମର ଖୋଲିଲେ ସମୀର

# ଫଟୋ ମେଲାଇଲା ବିଜେପି ଫାଟ

ପୁରୀ,୩୧।୩(ସମିସ): ପୁଣି ରାଜ୍ୟ ବିଜେପିର ଗୋଷ୍ଠୀବିବାଦ କ୍ଷତକୁ ତାଜା କରିଛି ନିମାପଡ଼ାରେ ଅପା-ଭାଇନା ବିବାଦ। ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ (ଭାଇନା) ନିୟମିତ ବ୍ୟବଧାନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା (ଅପା)ଙ୍କୁ ଶାଣିତ ଢଙ୍ଗରେ ଆକ୍ଷେପ କରୁଛନ୍ତି। ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବାର ଦିନ କେଇଟା ପରେ ହିଁ ନିମାପଡ଼ା ବିଜେପିରେ କଡ଼ ଲେଉଟାଇଥିଲା ଦଳୀୟ କନ୍ଦଳ। ଘନେଇଥିଲା ଅପା ଏବଂ ଭାଇନା ବିବାଦ। ନିର୍ବାଚନ ସମୟରେ ପ୍ରଭାତୀ ସମୀରଙ୍କ ପ୍ରତି ଯେଉଁ ଆନୁଗତ୍ୟ ଦେଖାଇଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ କରଛଡ଼ା ଦେଲେ। ଧୀରେ ଧୀରେ ସେମାନଙ୍କ ଭିତରେ କନ୍ଦଳ ବଢ଼ିଲା। କିନ୍ତୁ ଯଥାସମ୍ଭବ ଉଭୟେ ଏହାକୁ ପରଦା ଆଢୁଆଳରେ ରଖିବାକୁ ଚେଷ୍ଟା କରୁଥିଲେ। ହେଲେ ବିଭିନ୍ନ କାର୍ଯ୍ୟକ୍ରମ ସେମାନଙ୍କ ତିକ୍ତତାକୁ ପଦାରେ ପକାଇ ଦେଉଥିଲା। କୌଣସି କାର୍ଯ୍ୟକ୍ରମରେ ଦୁଇଜଣ ଅତିଥି ଥିଲେ ସେଠାରେ କେବଳ ଜଣଙ୍କୁ ହିଁ ଦେଖିବାକୁ ମିଳୁଥିଲା। ନିର୍ବାଚନମଣ୍ଡଳୀରେ କାର୍ଯ୍ୟକ୍ରମ, ସଭା.ଶୋଭାଯାତ୍ରାର ସମାନ୍ତରାଳ ଆୟୋଜନ ପରୋକ୍ଷ ନୁହେଁ, ସମ୍ମୁଖ ଯୁଦ୍ଧ ଚାଲିଥିବା ଉଭୟ ଇଙ୍ଗିତ କରିଥିଲେ। ଏପରିକି ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସମାଲୋଚନା କରି ସେ କାହା କଥାରେ ଉଠ୍‌ବସ ହେବେ ନାହିଁ ବୋଲି କହି ରାଜ୍ୟ ନେତୃତ୍ୱଙ୍କୁ ଇସାରା ଦେଇଥିଲେ ସମୀର। ଏହା ପରଠାରୁ ଅପା-ଭାଇନାଙ୍କ ମଧ୍ୟରେ ଆକ୍ଷେପ ପ୍ରତି ଆକ୍ଷେପ ରାଜ୍ୟ ରାଜନୀତିକୁ ବେଶ୍ ଉଷ୍ମ କରିଆସିଛି। ହେଲେ ଗୋଟିଏ ଫଟୋ




ଉଭୟଙ୍କ ଭିତରେ ସୃଷ୍ଟି ହୋଇଥିବା ଫାଟକୁ ମେଲା କରିଛି, ନିଜେ ସମୀର ଦାଶ ଏହାକୁ ସ୍ୱୀକାର କରିଛନ୍ତି।

ନିମାପଡ଼ାରେ ସମୀର ତାଙ୍କର ସମାନ୍ତରାଳ ସଂଗଠନ ଚଳାଇଛନ୍ତି। ଜିଲ୍ଲା ବିଜେପି ମୁଖିଆଙ୍କ ସହ ତାଙ୍କର ସମ୍ପର୍କ ଭଲ ନାହିଁ। ସମାନ ଭାବେ ରାଜ୍ୟ ନେତୃତ୍ୱ ତାଙ୍କ କଥାକୁ ସେମିତି ଗୁରୁତ୍ୱ ମଧ୍ୟ ଦେଉନାହାନ୍ତି। ତେଣୁ ନିମାପଡ଼ା-ଗୋପରେ ତାଙ୍କ ଦବ୍‌ଦବା ଜାହିର୍ କରିବା ଲାଗି ସମୀର ଲାଗିପଡ଼ିଛନ୍ତି। ଦୁଇ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ସେ ବୈଠକ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ରବିବାର ବାମନାଳ ପଞ୍ଚାୟତରେ ସମୀର ତାଙ୍କ ସମର୍ଥକଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ପ୍ରଭାତୀଙ୍କ ନେତୃତ୍ୱକୁ ସମୀର ସିଧା ସମାଲୋଚନା କରିଥିଲେ। କହିଥିଲେ, ପ୍ରଭାତୀ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେପିର କୌଣସି କାର୍ଯ୍ୟକ୍ରମରେ ତାଙ୍କ ସମର୍ଥକଙ୍କୁ ସାମିଲ କରୁନାହାନ୍ତି। ୩୦ ବର୍ଷ ଧରି ନିମାପଡ଼ା-ଗୋପରେ ତାଙ୍କର ସଙ୍ଗଠନ ରହିଛି। ତେଣୁ ଏହାକୁ ଆହୁରି ମଜବୁତ୍ କରିବା ଲାଗି ଏଭଳି ବୈଠକ କରୁଛନ୍ତି। ଇତିମଧ୍ୟରେ ନିମାପଡ଼ା ବ୍ଲକର ୩୧ ପଞ୍ଚାୟତରୁ ୨୨ଟିରେ ଏବଂ ଗୋପ ବ୍ଲକର ୧୧ଟି ପଞ୍ଚାୟତରୁ ୪ଟିରେ ବୈଠକ ସରିଲାଣି। ସମୟ ଆସିଲେ ଗେମ୍ ପ୍ଲାନ ହେବ। ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କୁ ଭୋଟ ନ ଦେବା ପାଇଁ ସମର୍ଥକମାନେ ଖୋଲାଖୋଲି କହୁଥିବାବେଳେ ସମୀର ସେମାନଙ୍କୁ ସମର୍ଥନ ଜଣାଇଛନ୍ତି । ତାଙ୍କ ସହିତ ଥିବା ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରଭାତୀ ହଇରାଣ ହରକତ କରୁଛନ୍ତି। ମିଥ୍ୟା ମାମଲା କରି ସେମାନଙ୍କୁ ଥାନାରେ ଭର୍ତ୍ତି କରାଉଛନ୍ତି ବୋଲି ସମୀର କହିବା ସହ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କୁ ଚେକ୍ ଦେବା ପାଇଁ ଚେତାବନୀ ଦେଇଛନ୍ତି।

ସମୀର ପୁଣି କହିଛନ୍ତି ଯେ ୨୦୨୪ ଜୁନ୍ ୪ ତାରିଖରେ ଫଳାଫଳ ପରେ ପ୍ରଭାତୀ ଆସି ମୋତେ ମୁଣ୍ଡିଆ ମାରିଲେ, ସେତେବେଳେ ଗୋଟିଏ ଫଟୋ ଉଠିଥିଲା। ୧୨ ତାରିଖରେ ପ୍ରଭାତୀ ଉପମୁଖ୍ୟମନ୍ତ୍ରୀ ହେଲେ। ୨୦ ତାରିଖରେ ମୋ ଭାଇକୁ ଫୋନ୍ କରି ଫଟୋ କାହିଁକି ଭାଇରାଲ ହେଲା ବୋଲି ଉଲ୍ଲେଖ କରି ସମ୍ପର୍କ କାଟିଥିବା କହିଲେ। ଏହାପରେ ମୋ ଫୋନ୍ ସେ ଉଠାଇଲେନି କି ମେସେଜ୍ ରିସିଭ୍ କଲେନି। ତେଣୁ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀ ଯାହାଙ୍କୁ ପ୍ରାର୍ଥୀ କରିବେ ତାକୁ ଭୋଟ୍ ନ ଦେବା ପାଇଁ ସମର୍ଥକଙ୍କ ନିଷ୍ପତ୍ତିକୁ ସେ ମାନିବେ ବୋଲି କହିଛନ୍ତି ସମୀର। ନିଜର ଲୋକପ୍ରିୟତା ଏବଂ ଦକ୍ଷତାକୁ ପ୍ରମାଣ ଦେବା ପାଇଁ ୨୦୨୭ ପଞ୍ଚାୟତ ନିର୍ବାଚନକୁ ସମୀର ଟାର୍ଗେଟ କରିଥିବା ନିମାପଡ଼ାରେ ଚର୍ଚ୍ଚା ହେଉଛି।

## ଆଇପିଏଲ୍-୧୯ : ପଦାର୍ପଣରେ କୋନ୍ନୋଲୀଙ୍କ ଅର୍ଦ୍ଧଶତକ

# ଟାଇଟାନ୍ସକୁ ହରାଇଲା ପଞ୍ଜାବ କିଙ୍ଗ୍‌ସ

ନ୍ୟୁ ଚଣ୍ଡିଗଡ଼, ୩୧।୩ (ଏଜେନ୍ସି)

ଚଳିତ ଆଇପିଏଲ୍-୧୯'ର ଚତୁର୍ଥ ମୁକାବିଲାରେ ପଞ୍ଜାବ କିଙ୍ଗ୍‌ସ ୩ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ମଙ୍ଗଳବାର ମୁଲାନପୁରର ମହାରାଜ ଯାଦବୀନ୍ଦର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ୧୬୩ ରନର ଲକ୍ଷ୍ୟକୁ ଘରୋଇ ପଞ୍ଜାବ ୧୯.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପଦାର୍ପଣକାରୀ ଅଷ୍ଟ୍ରେଲୀୟ ବାମହାତୀ ବ୍ୟାଟର୍ କୁପର କୋନ୍ନୋଲୀ ସର୍ବାଧିକ ୭୨ ରନ କରିଥିଲେ। ୪୪ ବଲ୍‌ର ଏହି ଅପରାଜିତ ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ପ୍ରଭସିମରନ ସିଂହ ୩୭, ଅଧିନାୟକ ଶ୍ରେୟାସ ଆୟର ୧୮ ରନ କରିଥିଲେ। ପ୍ରିୟାଂଶ ଆର୍ଯ୍ୟ (୭ ରନ), ନେହାଲ ୱାଧେରା (୩), ଶଶାଙ୍କ ସିଂହ (୪), ମାର୍କସ ଷ୍ଟୋଇନିସ (୦) ନିରାଶ କରିଥିଲେ। ବୋଲିଂରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ବିଜୟ ସହ ପଞ୍ଜାବ ୨ ପଏଣ୍ଟ ପାଇ ଖାତା ଖୋଲିଛି।

ପୂର୍ବରୁ ପଞ୍ଜାବ ଅଧିନାୟକ ଶ୍ରେୟାସ ଆୟର ଟସ୍ ଜିତି ଗୁଜରାଟକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଟପ୍ ଅର୍ଡର ବ୍ୟାଟରଙ୍କ ମିଳିତ ବ୍ୟାଟିଂ ସଫଳତା ଯୋଗୁ ଗୁଜରାଟ ୨୦ ଓଭରରେ ୬ ୱିକେଟ ହରାଇ ୧୬୨ ରନର ସମ୍ମାନଜନକ



ସ୍କୋର ଠିଆ କରାଇଥିଲା। ଦଳ ପକ୍ଷରୁ ଅଧିନାୟକ ଶୁବମାନ ଗିଲ୍ ୨୭ ବଲରେ ୩୯, ଜୋଶ ବଟଲର୍ ୩୩ ବଲରେ ୩୮, ଗ୍ଲେନ ଫିଲିପ୍ସ ୧୭ ବଲରେ ୨୫, ୱାଶିଂଟନ ସୁନ୍ଦର ୧୬ ବଲରେ ୧୮, ସାଇ ସୁଦର୍ଶନ ୧୧ ବଲରେ ୧୩ ଓ ରାହୁଲ ତେୱାତିଆ ୧୦ ବଲରେ ଅପରାଜିତ ୧୧ ରନ କରିଥିଲେ। ବୋଲିଂରେ ବିଜୟକୁମାର ବୈଶକ (୩/୩୪), ଯୁଜବେନ୍ଦ୍ର ଚହଲ (୨/୨୮) ଓ ମାର୍କୋ ଜାନସେନ (୧/୨୮) ମିଳିତ ଭାବେ ୱିକେଟ୍ ବାଣ୍ଟି ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଗୁଜରାଟ**: ୧୬୨/୬, ୨୦ ଓଭର (ଗିଲ୍-୩୯, ସୁଦର୍ଶନ-୩୮, ଫିଲିପ୍ସ- ୨୫, ବିଜୟ- ୩/୩୪, ଚହଲ- ୨/୨୮)।

**ପଞ୍ଜାବ** : ୧୬୫/୭, ୧୯.୧ ଓଭର (କୋନ୍ନୋଲୀ- ଅପରାଜିତ ୭୨, ପ୍ରଭସିମରନ- ୩୭, ଆୟର- ୧୮, ଷ୍ଟୋଇନିସ- ୦, ପ୍ରସିଦ୍ଧ- ୩/୨୯)।

**ଆଜିର ଆଇପିଏଲ୍ ମ୍ୟାଚ୍**
ଲକ୍ଷ୍ନୌ ବନାମ ଦିଲ୍ଲୀ
ଭେନ୍ୟୁ-ଲକ୍ଷ୍ନୌ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଇପିଏଲ୍ ଇତିହାସରେ ଲମ୍ବା ଓଭର

### ଅର୍ଶଦୀପ୍ ପକାଇଲେ ୧୧ ବଲ୍


ନ୍ୟୁ ଚଣ୍ଡିଗଡ଼, ୩୧।୩ (ଏଜେନ୍ସି): ପଞ୍ଜାବ କିଙ୍ଗ୍‌ସ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହ ଏକ ଅଲୋଡ଼ା ରେକର୍ଡ ନିଜ ନାମରେ କରିଛନ୍ତି। ଆଇପିଏଲ୍ ଇତିହାସରେ ସବୁଠୁ ଲମ୍ବା (ବଲ୍ ହିସାବରେ) ଓଭର ସେ ବୋଲିଂ କରିଛନ୍ତି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚରେ ଅର୍ଶଦୀପ୍ ଗୋଟିଏ ଓଭରରେ ୧୧ଟି ବଲ୍ ବୋଲିଂ କରିଥିଲେ। ଗୁଜରାଟ ପାଳିର ଅନ୍ତିମ ତଥା ୨୦ତମ ଓଭର ବୋଲିଂ କରିଥିବା ଏହି ଲମ୍ବା ଓଭର ପକାଇଥିଲେ। ଯେଉଥିରେ ୪ଟି ୱାଇଡ୍ ଓ ଗୋଟିଏ ନୋ ବଲ୍ ରହିଥିଲା। ଓଭରରେ ସେ ମୋଟ୍ ୧୨ ରନ ବ୍ୟୟ କରିଥିଲେ। ବଲ୍ ହିସାବରେ ଆଇପିଏଲ୍‌ରେ ଲମ୍ବା ଓଭର ବୋଲିଂ କରିବାରେ ଅର୍ଶଦୀପ ଅନ୍ୟ ୫ଜଣ ବୋଲର ମହମ୍ମଦ ସିରାଜ (୨୦୨୩ରେ ବେଙ୍ଗାଲୁରୁ ବନାମ ମୁମ୍ବାଇ), ତୁଷାର ଦେଶପାଣ୍ଡେ (୨୦୨୩ରେ ଚେନ୍ନାଇ ବନାମ ଲକ୍ଷ୍ନୌ), ସନ୍ଦୀପ ଶର୍ମା (୨୦୨୫ରେ ରାଜସ୍ଥାନ ବନାମ ଦିଲ୍ଲୀ), ଶାର୍ଦ୍ଦୁଳ ଠାକୁର (୨୦୨୫ରେ ଲକ୍ଷ୍ନୌ ବନାମ କୋଲକାତା) ଓ ହାର୍ଦ୍ଦିକ ପାଣ୍ଡ୍ୟା (୨୦୨୫ରେ ମୁମ୍ବାଇ ବନାମ ଗୁଜରାଟ)ଙ୍କ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏହି ସମସ୍ତ ବୋଲର ଗୋଟିଏ ଓଭରରେ ୧୧ଟି ଲେଖାଏ ବଲ୍ ବୋଲିଂ କରିବାର ଅଲୋଡ଼ା କୀର୍ତ୍ତିମାନ କରିଛନ୍ତି।

## ଆଇପିଏଲ୍ ସହ ଜଡ଼ିତ ବ୍ରିଟିଶ ବ୍ରଡ୍‌କାଷ୍ଟ ଇଞ୍ଜିନିୟରଙ୍କ ମୃତ୍ୟୁ

ମୁମ୍ବାଇ, ୩୧।୩ (ଏଜେନ୍ସି): ଆଇପିଏଲ୍‌ରେ କାର୍ଯ୍ୟରତ ଥିବା ଜଣେ ବ୍ରିଟିଶ ବ୍ରଡକାଷ୍ଟ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ମୁମ୍ବାଇର ଏକ ହୋଟେଲରୁ ଅଚେତ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ୭୬ ବର୍ଷୀୟ ଜନ୍ ୱିଲିଅମ ଲାଙ୍ଗଫୋର୍ଡ। ମୁମ୍ବାଇ ପୁଲିସର ସୂଚନା ଅନୁଯାୟୀ ଲାଙ୍ଗଫୋର୍ଡ ବିସିସିଆଇ ପାଇଁ କାର୍ଯ୍ୟ କରୁଥିଲେ ଏବଂ ଆଇପିଏଲ୍ ମ୍ୟାଚ୍ ପାଇଁ ମୁମ୍ବାଇର ଏକ ହୋଟେଲରେ ରହୁଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ରବିବାର ମ୍ୟାଚ୍ ପରେ ଲାଙ୍ଗଫୋର୍ଡ ହୋଟେଲ ରୁମକୁ ଯାଇଥିଲେ। କିନ୍ତୁ ଏହାପର ଦିନ ରିସେପସନିଷ୍ଟ ତାଙ୍କୁ ଯୋଗାଯୋଗ କରିବାକୁ ଫୋନ କରିଥିଲେ ମଧ୍ୟ ସେ ରିସିଭ କରି ନ ଥିଲେ। ଏହାପରେ ତାଙ୍କ ପୁଲିସ ଉପସ୍ଥିତିରେ ମାଷ୍ଟର ଚାବି ମାଧ୍ୟମରେ ହୋଟେଲ ରୁମ ଖୋଲାଯାଇଥିଲା। ଏହି ସମୟରେ ଲାଙ୍ଗଫୋର୍ଡ ରୁମ ଚଟାଣରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଅବସରରେ ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି। ଲାଙ୍ଗଫୋର୍ଡଙ୍କ ପରିବାରକୁ ସମସ୍ତ ଆବଶ୍ୟକୀୟ ସମର୍ଥନ ଓ ସହାୟତା ପ୍ରଦାନ କରିବାକୁ ଆଇପିଏଲ୍ ପ୍ରତିବଦ୍ଧ ବୋଲି କୁହାଯାଇଛି।

## ବଲ୍ ଟାମ୍ପରିଂ ମାମଲାରେ ଜମାନ ୨ଟି ମ୍ୟାଚରୁ ବାସନ୍ଦ

କରାଚି, ୩୧।୩ (ଏଜେନ୍ସି): ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ବଲ୍ ଟାମ୍ପରିଂ କରି ବିବାଦରେ



ଫସିଥିବା ପାକ୍ କ୍ରିକେଟର୍ ଫକର ଜମାନଙ୍କୁ ୨ଟି ମ୍ୟାଚରୁ ବାସନ୍ଦ କରାଯାଇଛି। ଫଳରେ ସେ ପିଏସ୍‌ଏଲ୍‌ରେ ଲାହୋର କ୍ୱାଲାଣ୍ଡର୍ସ ପାଇଁ ଆଗାମୀ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଟୁର୍ଣ୍ଣାମେଣ୍ଟର ଆଚରଣ ବିଧିର ଲେଭଲ-୩ ଅପରାଧ ଅନୁଯାୟୀ ତାଙ୍କୁ ଏହି ଦଣ୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ୨୯ ତାରିଖରେ ଗଦାଫି ଷ୍ଟାଡିୟମରେ କରାଚି କିଙ୍ଗ୍‌ସ ଓ ଲାହୋର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଲାହୋର ପକ୍ଷରୁ ଖେଳୁଥିବା ବରିଷ୍ଠ କ୍ରିକେଟର୍ ଜମାନ ବଲ୍‌ର ଆକୃତିକୁ ଖରାପ କରିବାକୁ ପଡ଼ିଆ ମଝିରେ ଚେଷ୍ଟା କରିଥିଲେ। ଏହି ଘଟଣା ଫିଲ୍ଡ ଅମ୍ପାୟରଙ୍କ ନଜରରେ ପଡ଼ିଥିଲା। ଏହାପରେ ଅମ୍ପାୟର ବଲ୍‌କୁ ପରୀକ୍ଷା କରି ଏହା ଟାମ୍ପରିଂ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ବଲ୍‌କୁ ବଦଳାଯାଇ ଖେଳ ପୁଣିଥରେ ଆରମ୍ଭ କରାଯାଇଥିଲା।

## ନସୀମ ଶାହଙ୍କୁ ୬୭ ଲକ୍ଷ ଜରିମାନା

କରାଚି, ୩୧।୩ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବିବାଦୀୟ ମନ୍ତବ୍ୟ ଦେବା ପାକିସ୍ତାନ କ୍ରିକେଟର୍ ନସୀମ ଶାହଙ୍କ ପାଇଁ ମହଙ୍ଗା ପଡ଼ିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଏଥିଲାଗି ନସୀମଙ୍କୁ ୨୦ ମିଲିୟନ ପାକିସ୍ତାନୀ ରୁପିସ ତଥା ୭୧,୪୮୮ ଡଲାର (ଭାରତୀୟ ମୁଦ୍ରାରେ ୬୭ ଲକ୍ଷ) ଜରିମାନା ଲଗାଯାଇଛି। ପ୍ରକାଶଯୋଗ୍ୟ, ଗଦ୍ଦାଫି ଷ୍ଟାଡିୟମରେ ଅନୁଷ୍ଠିତ ପାକିସ୍ତାନ ସୁପର୍ ଲିଗ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୱାଜ ସରିଫଙ୍କ ଝିଅ ତଥା ପଞ୍ଜାବର ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ଅତିଥିଭାବେ ଉପସ୍ଥିତ ରହିଥିଲେ। ତେବେ ବିନା ଦର୍ଶକରେ ପିଏସଏଲ୍ ମ୍ୟାଚ୍ ଆୟୋଜନ ହେଉଥିବାବେଳେ ମରିୟମଙ୍କ ଉପସ୍ଥିତିକୁ ନେଇ ନସୀମ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା।

## ଭାରତୀୟ ବଧିର କ୍ରିକେଟ୍ ଦଳରେ ଶିବୁନା

ଭୁବନେଶ୍ୱର, ୩୧।୩ (ସମିସ): ଭାରତୀୟ ବଧିର କ୍ରିକେଟ୍ ଦଳ ଏକ ସୀମିତ ଓଭର ସିରିଜ ଖେଳିବା ଲାଗି ଏପ୍ରିଲ ମାସରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜ ଲାଗି ଭାରତୀୟ ଦଳରେ ଓଡ଼ିଶାର ଦ୍ୱିତୀୟ ଖେଳାଳି ଭାବେ ଶିବୁନା ନନ୍ଦ ସ୍ଥାନ ପାଇଛନ୍ତି। ଦୁଇଦିନ ତଳେ ତାଳଚେରର ସନ୍ତୋଷ କୁମାର ମହାପାତ୍ରଙ୍କୁ ସୁଯୋଗ ମିଳିଥିଲା। ମଙ୍ଗଳବାର ଏହି ଦଳରେ ବ୍ରହ୍ମପୁରର ଶିବୁନାଙ୍କୁ ସାମିଲ କରାଯାଇଛି। ଶିବୁନା ଜଣେ ଦକ୍ଷ ଅଲ୍‌ରାଉଣ୍ଡର। ସେ ୨୦୨୦ରୁ ଗଞ୍ଜାମ ଜିଲ୍ଲା କ୍ରିକେଟ୍ ସଂଘ ସହ ଜଡ଼ିତ ରହିଛନ୍ତି। ସେ ୨୦୨୩-୨୪ ଓ ୨୦୨୪-୨୫ ଦୁଇଟି ସିଜନ ଧରି ସମ୍ମାନଜନକ କୁଚ୍ ବିହାର ଟ୍ରଫିରେ ଓଡ଼ିଶା



ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେହିଭଳି ଫେବୃଆରୀରେ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏସିଆ ବଧିର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶିବୁନା ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ଥିଲେ। ଭାରତୀୟ ବଧିର ଦଳ ୨୬ ଏପ୍ରିଲରୁ ମେ ୨ ତାରିଖ ପର୍ଯ୍ୟନ୍ତ ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶିବୁନାଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ଅନାହତ ଓ ଅଭୟ ଏସିଆ ଶ୍ରେଷ୍ଠ ସ୍କ୍ୱାଶ୍ ଖେଳାଳି

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଭାରତର ଦୁଇ ଯୁବ ସ୍କ୍ୱାଶ ଖେଳାଳି ଅଭୟ ସିଂ ଓ ଅନାହତ ସିଂହ ତାଙ୍କ କ୍ୟାରିୟରରେ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ବର୍ଷ ୨୦୨୫ ଲାଗି ଅଭୟ ଏସିଆ ମହାଦେଶର ଶ୍ରେଷ୍ଠ ପୁରୁଷ ହକି ଖେଳାଳି ବିବେଚିତ ହୋଇଛନ୍ତି। ସେହିଭଳି ଅନାହତ ଏସିଆ ମହାଦେଶରେ ଶ୍ରେଷ୍ଠ ଜୁନିଅର ବାଳିକା ଖେଳାଳି ପୁରସ୍କାର ଜିତିଛନ୍ତି। ଏସିଆନ ସ୍କ୍ୱାଶ ମହାସଂଘ (ଏଏସଏଫ୍) ପକ୍ଷରୁ ମଙ୍ଗଳବାର ଏନେଇ ଘୋଷଣା କରାଯାଇଛି। ସେହିଭଳି ଇଜିପ୍ଟରେ ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଟିମ୍



ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳକୁ ଶ୍ରେଷ୍ଠ ପୁରୁଷ ଦଳ ଟ୍ରଫି ଜିତିଛି। ଅଭୟ ବର୍ତ୍ତମାନ ବିଶ୍ୱ ମାନ୍ୟତାର ୨୫ତମ ସ୍ଥାନରେ ରହିଛନ୍ତି। ସେହିଭଳି ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିଅନସିପ୍ ପଦକ ବିଜୟିନୀ ଅନାହତ ବର୍ତ୍ତମାନ ବିଶ୍ୱ ମାନ୍ୟତାର ୨୦ତମ ସ୍ଥାନରେ ରହିଛନ୍ତି। ପ୍ରକାଶଯୋଗ୍ୟ ଏଥିପୂର୍ବରୁ ୨୦୨୨ରେ ଭାରତର ସୌରଭ ଘୋଷାଲ ଓ ଜ୍ୟୋତ୍ସ୍ନା ଚିନ୍ନାପ୍ପା ଯଥାକ୍ରମେ ଏସିଆ ମହାଦେଶର ଶ୍ରେଷ୍ଠ ପୁରୁଷ ଓ ମହିଳା ସ୍କ୍ୱାଶ ଖେଳାଳି ପୁରସ୍କାର ଜିତିଥିଲେ।

## ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

## ସାଗର, ଅଜିତ, ବାସନ୍ତୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୩୧।୩ (ସମିସ): ଛତିଶଗଡ଼ରେ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ପ୍ରଥମ ସଂସ୍କରଣରେ ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କ ପଦକ ବିଜୟଧାରା ଜାରି ରହିଛି। ମଙ୍ଗଳବାର ଓଡ଼ିଶା ଦଳ ୪ଟି ଲେଖାଏ ସ୍ୱର୍ଣ୍ଣ,ରୌପ୍ୟ ଓ କାଂସ୍ୟ ସହ ମୋଟ୍ ୧୨ଟି ପଦକ ବିଜୟୀ ହୋଇଛି। ପୁରୁଷ ହାଇଜମ୍ପରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ସାଗର ଏକ୍କା ସ୍ୱର୍ଣ୍ଣ ଓ ହେମନ୍ତ ଖାଡ଼ିଆ କାଂସ୍ୟ ପଦକ ଜିତିଛନ୍ତି। ସେହିଭଳି ଭାରୋତ୍ତୋଳନର ପୁରୁଷ ଫ୍ରିଷ୍ଟାଇଲ ୫୭ କିଗ୍ରା ବର୍ଗରେ ଅଜିଜ ଭୂୟାଁ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଦିବସରେ ଓଡ଼ିଶା ୩ୟ ସ୍ୱର୍ଣ୍ଣ ପଦକ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସରୁ ଜିତିଥିଲା। ନୋବାଲ କୁମାର କିଶାନ, ଜୀବନ ମୁକ୍ତି ବିଲୁଙ୍ଗ, ଭୀମା ସର୍ଦ୍ଦାର ଓ ଅତୀଶ କିଣ୍ଡୋଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ମହିଳା ହର୍ଡଲ୍ସରେ ବାସନ୍ତୀ ମାଝୀ ସ୍ୱର୍ଣ୍ଣ ଓ କବିତା ତାଡ଼ିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି





ପୁରୁଷ ୪୦୦ ମିଟରରେ ନୋବାଲ କୁମାର ରୌପ୍ୟ, ଲଙ୍ଗ ଜମ୍ପରେ ଭୀମା ସର୍ଦ୍ଦାର ରୌପ୍ୟ ଓ ଜୀବନ ମୁକ୍ତି କାଂସ୍ୟ, ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସରେ ଓଡ଼ିଶାକୁ ରୌପ୍ୟ ଓ ମିଳିଛି।

## ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗଦେଲେ ପେସ୍

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ୫୨ ବର୍ଷୀୟ ଲିଆଣ୍ଡର ମଙ୍ଗଳବାର ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ



କିରେନ ରିଜିଜୁଙ୍କ ଉପସ୍ଥିତିରେ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ପେସ୍ ପଦ୍ମ ଧରିଛନ୍ତି। ଏହି ଅବସରରେ ପେସ୍ କହିଛନ୍ତି ଯେ ଦୀର୍ଘ ୪୦ ବର୍ଷ ଧରି ଦେଶ ଓ ପରିବାର ନାମରେ ଖେଳିଲି। ଏବେ ଦେଶ ପାଇଁ କିଛି ସେବା କରିବାର ସମୟ ଆସିଛି। ଦେଶର ଯୁବପିଢ଼ିଙ୍କୁ କ୍ରୀଡ଼ା ଓ କ୍ରୀଡ଼ା ଶିକ୍ଷାରେ ଉନ୍ନତି ପାଇଁ କାମ କରିବି ବୋଲି ଲିଆଣ୍ଡର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୧ରେ ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ପେସ୍ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଟିଏମ୍‌ସିରେ ମିଶିଥିଲେ। ସେ ଗୋଆରେ ଟିଏମସି ପାଇଁ ପ୍ରଚର କରିଥିଲେ। କିନ୍ତୁ ନିର୍ବାଚନ ଲଢ଼ି ନ ଥିଲେ। ତେବେ ନିକଟରେ ବିଜେପି ଜାତୀୟ ସଭାପତି ନୀତୀନ ନବୀନଙ୍କୁ କୋଲକାତାରେ ପେସ୍ ଭେଟିଥିଲେ। ସେବେଠାରୁ ପେସ୍ ବିଜେପିରେ ଯୋଗଦେବେ ବୋଲି ଆକଳନ ଚାଲିଥିଲା।

## ଏହେସାସ୍ ଟାଏକ୍ୱୋଣ୍ଡୋ ଏକାଡେମୀରେ ବେଲ୍ଟ ପ୍ରମୋସନ୍ ଟେଷ୍ଟ



ଭୁବନେଶ୍ୱର, ୩୧।୩ (ସମିସ): ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ ଓ ଏହେସାସ୍ ଟାଏକ୍ୱୋଣ୍ଡୋ ଏକାଡେମୀ ତରଫରୁ ୧୧ତମ ବେଲ୍ଟ ପ୍ରମୋସନ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏହେସାସ ଏକାଡେମୀ ପରିସରରେ ଅନୁଷ୍ଠିତ ଏହି ବେଲ୍ଟ ପ୍ରମୋସନ ଟେଷ୍ଟରେ ୩ଟି ଭିନ୍ନ ଭିନ୍ନ କ୍ଲବରୁ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ପାରଦର୍ଶିତା ଦେଖାଇଥିଲେ। ବିଶେଷ କରି ଟାଏକ୍ୱୋଣ୍ଡୋର ବେସିକ କୌଶଳ, କିକିଙ୍ଗ ଡ୍ରିଲ୍ସ, ଫିଜିକାଲ ଫିଟନେସ ଟେଷ୍ଟ ଆଦି ଏହି ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନୁଭବୀ ଏକ୍ସପର୍ଟ ଏବଂ କୋଚଙ୍କ ଉପସ୍ଥିତିରେ ପ୍ରତିଯୋଗୀମାନେ ଏହି ସବୁ ପରୀକ୍ଷା ଦେଇଥିଲେ। ସଫଳତାର ସହ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିବାରୁ ଏହେସାସ ଟାଏକ୍ୱୋଣ୍ଡୋ ଏକାଡେମୀକୁ ଓଡ଼ିଶା ସଂଘ କୃତଜ୍ଞତା ଜଣାଇଛି। ଆଗାମୀ ଦିନରେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାକୁ ସର୍ବଦା ପ୍ରୟାସ କରିବ ବୋଲି ଏହେସାସ ଟାଏକ୍ୱୋଣ୍ଡୋ ଏକାଡେମୀର ପ୍ରତିଷ୍ଠାତା ତଥା କୋଚ୍ ଏହେସାସ ହୋତା କହିଛନ୍ତି।

## ପଦାର୍ପଣର ୪ ମିନିଟରେ ର୍ୟାନ୍‌ଙ୍କ ଗୋଲ୍

କୋଚି, ୩୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ଜନ୍ମିତ ଫୁଟ୍‌ବଲ ଖେଳାଳି ର୍ୟାନ୍ ୱିଲିୟମ୍ସ ମଙ୍ଗଳବାର ଭାରତୀୟ ସିନିଅର ଦଳରୁ ପଦାର୍ପଣ କରିଛନ୍ତି। ଏଠାରେ ହଂକଂ ବିପକ୍ଷରେ ଖେଳାଯାଇଥିବା ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ସେ ଭାରତୀୟ ଫୁଟବଲ ଦଳରେ ପାଦ ଥାପିଛନ୍ତି। ଏହି ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚର ୪ର୍ଥ ମିନିଟରେ ର୍ୟାନ୍ ଭାରତ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଭାରତୀୟ ଫୁଟବଲ୍ ଇତିହାସରେ ପଦାର୍ପଣକାରୀ ଖେଳାଳି ଭାବେ ସେ ଦ୍ରୁତତମ ଗୋଲ୍ ସ୍କୋରର ହୋଇଛନ୍ତି। ଭାରତ ପାଇଁ ଆକାଶ ମିଶ୍ର ଅନ୍ୟତମ ଗୋଲଟି ଦେଇଥିଲେ। ବିଜୟ ହାସଲ କରିଥିଲେ ମଧ୍ୟ ଭାରତ ପ୍ରତିଯୋଗିତାର ପରବର୍ତ୍ତୀ ରାଉଣ୍ଡକୁ ଉଠିବାରେ ବିଫଳ ହୋଇଛି।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## କ୍ୱାର୍ଟରରେ ବିବିସିଏ ଓ ଆଇସିଆଇ

ଭୁବନେଶ୍ୱର, ୩୧।୩ (ସମିସ)

ଜୟଦେବ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭରତ ଭୂଷଣ କ୍ରିକେଟ୍ ଏକାଡେମୀ (ବିବିସିଏ) ଓ ଇଣ୍ଡିଆନ୍ କ୍ରିକେଟ୍ ଅଫ୍ ଇନଷ୍ଟିଚ୍ୟୁଟ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରତିଯୋଗିତାର ୭ମ ପ୍ରି-କ୍ୱାର୍ଟର ଫାଇନାଲରେ ବିବିସିଏ ୪୨ ରନରେ ଯଦୁପୁର କ୍ରିକେଟ୍ ଏକାଡେମୀକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ୨୦ ଓଭରରେ ୮ ୱିକେଟ୍ ହରାଇ ୧୨୧ ରନ କରିଥିଲା। ଦଳ ପକ୍ଷରୁ ସ୍ୱରିତ ଦାଶ ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଯଦୁପୁର ବୋଲର ସେକ୍ ଉଦ୍ଦିନଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଜବାବରେ ଯଦୁପୁର ୧୭ ଓଭରରେ ୭୮ ରନରେ ସୀମିତ ରହିଥିଲା। ଅମିତେଶ ସାହୁ ୪ ଓଭରରେ ୧୨ ରନ ବ୍ୟୟରେ ୪ ୱିକେଟ୍ ନେଇ ବିବିସିଏକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ୱରିତ ଦାସଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ





କରାଯାଇଥିଲା। ଭରତ ଭୂଷଣ ଦାସ ଓ ଜିତୁ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ।

ସେହିଭଳି ଅନ୍ୟ ଏକ ମ୍ୟାଚରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ବିପକ୍ଷରେ ଇଣ୍ଡିଆନ କ୍ରିକେଟ୍ ଅଫ୍ ଇନଷ୍ଟିଚ୍ୟୁଟ (ଆଇସିଆଇ)କୁ ବିଜୟୀ ଘୋଷିତ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ୨୦ ଓଭରରେ ୯ ୱିକେଟ୍‌ରେ ୧୦୬ ରନ କରିଥିଲା। ଦୀପକ ପାତ୍ର ୩୨ ରନ କରିଥିଫଲେ। ପ୍ରତିପକ୍ଷ ବୋଲର ଉଦିତ ନାରାୟଣ ଜଟାଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଆଇସିଆଇ ୧୦ ଓଭରରେ ୪ ୱିକେଟ୍ ହରାଇ ୨୫ ରନ କରିଥିବାବେଳେ ଏକ ଅପ୍ରିତିକର ପରିସ୍ଥିତି ଘଟିଥିଲା। ଅଧିକ ବୟସବର୍ଗର ଖେଳାଳି ଖେଳୁଥିବା ଅଭିଯୋଗ ଆଣି ମୁକ୍ତେଶ୍ୱର ଦଳର ଅଧିନାୟକ ଓ ମ୍ୟାନେଜର ଖେଳିବାକୁ ମନା କରିଦେଇଥିଲେ। ଫଳରେ ଅମ୍ପାୟରଙ୍କ ନିଷ୍ପତ୍ତି ଅନୁଯାୟୀ ଆଇସିଆଇକୁ ବିଜୟୀ ଘୋଷିତ କରାଯାଇଥିଲା। ଉଦିତ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS